# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୫/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, August 5/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 251 | ମୂଲ୍ୟ₹୭/-




**ପ୍ରତୀକ ସାଜିଲେ ର’ ଏଜେଣ୍ଟ**


ଅଭିନେତା ପ୍ରତୀକ ଗାନ୍ଧୀ ‘ସାରେ ଜହାଁ ସେ ଅଚ୍ଛା’ ୱେବ୍‌ସିରିଜ୍‌ରେ ର’ ଏଜେଣ୍ଟ ଭୂମିକାରେ ଆସୁଛନ୍ତି।

୦୨

୧୨

**ବିପର୍ଯ୍ୟୟ ଘଟାଇଲେ ଟସନ**

ନ୍ୟାଶନାଲ ବ୍ୟାଙ୍କ ଓପନ ଟେନିସ ଟୁର୍ନାମେଣ୍ଟରେ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଡେନମାର୍କର କ୍ଲାରା ଟସନା



# ରାହୁଲ ସେଠି ଥିଲେ କି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରିବାକୁ ଯାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନେକ ମନ୍ତବ୍ୟ ଦେଉଛନ୍ତି, ଯାହାକୁ ନେଇ ସେ ନିଜେ ହରଡ଼ଘଣାରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ରାହୁଲଙ୍କ କେତେକ ଟିପ୍ପଣୀ ତଥ୍ୟ ପ୍ରମାଣ ଆଧାରିତ ହୋଇ ନ ଥିବାରୁ ତାଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠୁଛି। ସେ ମୋଦିଙ୍କୁ ଟାର୍ଗେଟ କରିବା ଲକ୍ଷ୍ୟରେ ଦେଶର ସ୍ୱାର୍ଥକୁ ବଳି ପକାଇ ଦେଉଛନ୍ତି ବୋଲି ଅନେକେ ମତ ଦେଉଛନ୍ତି। ସୁପ୍ରିମକୋର୍ଟ ମଧ ସୋମବାର ରାହୁଲଙ୍କ ଏକ ଟିପ୍ପଣୀକୁ ନେଇ ତାଙ୍କ ଉପରେ କ୍ଷୁବ୍ଧ ହୋଇ ଭର୍ତ୍ସନା କରିଛନ୍ତି। ଲୋକ ସଭାରେ ସମ୍ପ୍ରତି ବିରୋଧୀ ଦଳ ନେତା ଥିବା ରାହୁଲ ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରାରେ ଥିବାବେଳେ ୨୦୨୦ର ଗଲୱାନ୍ ସଂଘର୍ଷ ପ୍ରସଙ୍ଗ ଉଠାଇ ଭାରତର ୨,୦୦୦ ବର୍ଗ କି.ମି. ଭୂଖଣ୍ଡକୁ ଚାଇନା ମାଡ଼ିବସିଥିବା କହିଥିଲେ। ଏନେଇ ରାହୁଲଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲାରେ ଲକ୍ଷ୍ନୌ ହାଇକୋର୍ଟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିବାବେଳେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାହୁଲ ହେଉଛନ୍ତି ବିରୋଧୀ ଦଳର ନେତା। ସେ ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କାହିଁକି କହୁଛନ୍ତି? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା ରାହୁଲ କିପରି ଜାଣିଲେ ଏବଂ ସେଠାରେ ସେ ଥିଲେ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ କଥାର କ’ଣ ବିଶ୍ୱସନୀୟ ତଥ୍ୟ ରହିଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।





ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୪।୮ (ପି.ଟି.)**

ଭାରତ ଯୋଡ଼ୋ ଯାତ୍ରା ସମୟରେ ଭାରତୀୟ ସେନା ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଯଦି ଆପଣ ଜଣେ ସଚ୍ଚା ଭାରତୀୟ ହୋଇଥାନ୍ତେ, ତେବେ ଏଭଳି କଥା କହି ନ ଥାନ୍ତେ ବୋଲି ଶୀର୍ଷ ଅଦାଲତ କହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲାର କାର୍ଯ୍ୟାନୁଷ୍ଠାନ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିଛନ୍ତି। ଏନେଇ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି। ରାହୁଲଙ୍କୁ ଖଣ୍ଡପୀଠ କହିଥିଲେ, ଆପଣ ବିରୋଧୀ ଦଳ ନେତା। ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କହିବାକୁ ପଡ଼ିଲା କ’ଣ ପାଇଁ? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା କିପରି ଜାଣିଲେ। ଆପଣ ସେଠାରେ ଥିଲେ କି? ଏନେଇ ଆପଣଙ୍କ ପାଖରେ କୌଣସି ବିଶ୍ୱସନୀୟ ତଥ୍ୟ ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ରାହୁଲଙ୍କ ତରଫରୁ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଯଦି ଜଣେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇ ନ ପାରିବେ, ତେବେ ତାହା ଏକ ଦୁର୍ଭାଗ୍ୟଜନକ ସ୍ଥିତି ହେବ। ଗଣମାଧ୍ୟମରେ ପ୍ରକାଶିତ ବିଷୟ ଯଦି କହି ନ ପାରିବେ, ତେବେ ସେ ବିରୋଧୀ ଦଳ ନେତା ରହିପାରିବେ ନାହିଁ ବୋଲି ସିଂଘଭି କହିଥିଲେ। ଖଣ୍ଡପୀଠଙ୍କ ସଚ୍ଚା ଭାରତୀୟ ମନ୍ତବ୍ୟ ଉପରେ ଆଇନଜୀବୀ କହିଥିଲେ, ୨୦ ଜଣ ଭାରତୀୟ ସୈନ୍ୟଙ୍କୁ ମାଡ଼ ମରାଯାଇଥିଲା ଓ ମୃତ୍ୟୁ ଘଟିଥିଲା ବୋଲି ଜଣେ ସଚ୍ଚା ଭାରତୀୟ କହିବା ସମ୍ଭବ। ଏହା ମଧ ଏକ ଚିନ୍ତାର ବିଷୟ। ଏହା ଉପରେ ଶୀର୍ଷ ଅଦାଲତ କହିଥିଲେ, ସଂଘର୍ଷ ବେଳେ ଉଭୟ ପକ୍ଷରୁ ମୃତାହତ ହେବା ଅସାଧାରଣ ନୁହେଁ। ସିଂଘଭି କହିଥିଲେ, ରାହୁଲ କେବଳ ଘଟଣାକୁ ପ୍ରଘଟ କରିଛନ୍ତି ଓ ତଥ୍ୟକୁ ଚାପିଦିଆଯାଉଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏହାର ଜବାବରେ ଜଷ୍ଟିସ୍ ଦତ୍ତା କହିଥିଲେ, ଜଣେ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ନେତା ଭାବେ ରାହୁଲ ଏଭଳି କରିବାର ନ ଥିଲା। ଏଭଳି ପ୍ରଶ୍ନ ଉଠାଇବା ପାଇଁ ଉପଯୁକ୍ତ ଫୋରମ୍ ରହିଛି। ସିଂଘଭି ଏହାକୁ ଗ୍ରହଣ କରିବା ସହ ଆପରାଧିକ ଅଭିଯୋଗକୁ ଅଦାଲତ ସଜ୍ଞାନକୁ ନେବା ପୂର୍ବରୁ ଅଭିଯୁକ୍ତଙ୍କ ଯୁକ୍ତି ଶୁଣିବା ବାଧ୍ୟତାମୂଳକ, ଯାହା ବର୍ତ୍ତମାନର ମାମଲାରେ ☞ପୃଷ୍ଠା-୪

# ଭାରତର ରୋମାଞ୍ଚକ ବିଜୟ

**ସିରାଜଙ୍କ ମ୍ୟାଜିକ୍ ସ୍ପେଲ: ସିରିଜ୍ ୨-୨ରେ ଡ୍ର’**



ଅନ୍ତିମ ବ୍ୟାଟର୍ ଗସ୍ ଆଟ୍‌କିନ୍‌ସନ୍‌ଙ୍କୁ ମହମ୍ମଦ ସିରାଜ୍ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଦଳର ଖେଳାଳି।

**ଲଣ୍ଡନ,୪।୮**

ମହମ୍ମଦ ସିରାଜ୍‌ଙ୍କ ମ୍ୟାଜିକ୍ ସ୍ପେଲ ବଳରେ ଭାରତ ଓଭାଲରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ସୋମବାର ଅନ୍ତିମ ଦିବସରେ ଇଂଲଣ୍ଡକୁ ୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଶେଷ ଦିବସରେ ଇଂଲଣ୍ଡକୁ ବିଜୟ ପାଇଁ ୩୫ ରନ ଆବଶ୍ୟକ ହେଉଥିବାବେଳେ ୪ ଉଇକେଟ ସୁରକ୍ଷିତ ଥିଲା। ମାତ୍ର ସିରାଜ ଓ ☞ପୃଷ୍ଠା-୪

# ଶିବୁ ସୋରେନ୍‌ଙ୍କ ପରଲୋକ



**ରାଞ୍ଚି/ନୂଆଦିଲ୍ଲୀ,୪।୮**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ଗତ ଜୁନ୍ ୧୯ରେ ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସମ୍ମାନନୀୟ ଦିଶୋମ ଗୁରୁଜୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ପାଇଁ ଅଶୁଭ**

# ଅପାରଗ ବାବୁଙ୍କ ତଥ୍ୟ ମାଗିଲେ ସରକାର

**ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)**

**ସବୁ ସଚିବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି**

ରାଜ୍ୟର କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ(ବାବୁ) ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି ତା’ର ଚିଳିନିଖି ହିସାବ ରାଜ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିକଟରେ ସଚିବସ୍ତରୀୟ ବୈଠକରେ ସମସ୍ତ ସଚିବଙ୍କୁ ସୂଚାଇ ଥିବାବେଳେ ଜୁଲାଇ ୩୧ରେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) କଲ୍ୟାଣ କୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ର ଲେଖିଛନ୍ତି। ଚଳିତମାସ ୭ତାରିଖ ପୂର୍ବରୁ ସରକାରଙ୍କୁ ସମସ୍ତ ତଥ୍ୟ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ଏହାକୁ ନେଇ ସବୁ ବିଭାଗରେ ଏବେ ଘଣ୍ଟାଚକଟା ଆରମ୍ଭ ହୋଇଯାଇଛି। ବିଭାଗରେ କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି, ସେନେଇ ଖୋଳତାଡ଼ ଆରମ୍ଭ ହୋଇଥିବାବେଳେ ସୋମବାର ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକୁ ନେଇ ଅତିରିକ୍ତ ସଚିବ ସମସ୍ତ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି।

ସବୁ ବିଭାଗୀୟ ସଚିବଙ୍କୁ ଓଏସ୍‌ଡି କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ଜଣାଉଛି କି ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗତ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ କର୍ମଚାରୀଙ୍କ ଅବସରଠାରୁ ଆରମ୍ଭ କରି ବାଧ୍ୟତାମୂଳକ ଅବସର ପର୍ଯ୍ୟନ୍ତ, ପ୍ରଶାସନରେ ବୈଷୟିକ ପ୍ରଣୟନ, ନାଗରିକକୈନ୍ଦ୍ରିକ ସରକାରଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟସଚିବ ୧୨ଟି ବିଷୟ ଉପରେ ଏହାର ସ୍ଥିତାବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି।

ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଚିଳିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁ ନାହାନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ଏ ସମ୍ପର୍କରେ କେଉଁ ବିଭାଗ କେତେ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରିଛି ଏବଂ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା’ର ବିବରଣୀ ପ୍ରଦାନ କରିବାକୁ ହେବ। ଏହାସହିତ କେତେଜଣ ସରକାରୀ ☞ପୃଷ୍ଠା-୪

# ଦୀପିକାଙ୍କ ରିଲ୍ସର ସର୍ବାଧିକ ଭ୍ୟୁଅର୍ସ

**ମୁମ୍ବାଇ, ୪।୮**

ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍ ବଲିଉଡ୍‌ରେ ପ୍ରାୟ ୨ ଦଶନ୍ଧି ଧରି ଅନେକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ଯୋଗୁ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। କିଛିଦିନ ତଳେ ପ୍ରସିଦ୍ଧ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ତାଙ୍କୁ ‘ଷ୍ଟାର’ ସମ୍ମାନ ମିଳିଥିଲା। ଏବେ ତାଙ୍କ ସହ ଆଉ ଏକ ସଫଳତା ଯୋଡ଼ି ହୋଇଛି। ଦୀପିକାଙ୍କର ଏକ ଇନ୍‌ଷ୍ଟାଗ୍ରାମ ରିଲ୍ସ ୧.୯ ବିଲିୟନ ଭିଉଜ୍ ଅତିକ୍ରମ କରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରମରେ ଦୀପିକାଙ୍କ ଏହି ଭିଡିଓ ସାରା ବିଶ୍ୱରେ ସର୍ବାଧିକ ଦେଖାଯାଇଥିବା ରିଲ୍ସ ଭାବେ ପରିଣତ ହୋଇଛି। ଦୀପିକା ସାଧାରଣତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବହୁ ସକ୍ରିୟ ରହିଥାନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୮୦ ମିଲିୟନ ଫଲୋଅର୍ସ ରହିଛନ୍ତି।



ସେ ପ୍ରାୟତଃ ଇନ୍‌ଷ୍ଟାଗ୍ରାମରେ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନର ବିଭିନ୍ନ ଝଲକକୁ ଶେୟାର କରିଥାନ୍ତି। ପରିବାର ଲୋକଙ୍କ ସହ ବିଭିନ୍ନ ଫଟୋ ହେଉ ଅବା ଫିଲ୍ମ ଶୁଟିଂ ସେଟ୍‌ର ଝଲକ, ଦୀପିକାଙ୍କ ବିଭିନ୍ନ ପୋଷ୍ଟକୁ ଇନ୍‌ଷ୍ଟାଗ୍ରାମରେ ୟୁଜର୍ସ ବେଶ୍ ପସନ୍ଦ କରିଥାନ୍ତି। ସେହିପରି ବିଭିନ୍ନ ଫଟୋଶୁଟ୍ ସହ ସେ ପ୍ରମୋଟ କରୁଥିବା ବିଭିନ୍ନ ବ୍ରାଣ୍ଡର ଅପଡେଟଗୁଡ଼ିକୁ ମଧ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥାନ୍ତି। ସମ୍ପ୍ରତି ସେ ଅନେକ ଅନ୍ତର୍ଜାତୀୟ କମ୍ପାନୀର ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ତେଣୁ ନିଜ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସେ ଉକ୍ତ ବ୍ରାଣ୍ଡଗୁଡ଼ିକୁ ପ୍ରମୋଟ କରିଥାନ୍ତି। ଦୀପିକା ଗ୍ଲୋବାଲ ହସ୍ପିଟାଲିଟି କମ୍ପାନୀ ‘ହିଲ୍‌ଟନ’ର ବ୍ରାଣ୍ଡ ଆମ୍ବାସଡର ହୋଇଥିବାବେଳେ ଗତ ଜୁନ ୯ରେ ସେ କମ୍ପାନୀର ପ୍ରଚାର କରୁଥିବା ଏକ ରିଲ୍ସକୁ ଶେୟାର କରିଥିଲେ। ଉକ୍ତ ରିଲ୍ସରେ ଦୀପିକା ହିଲ୍‌ଟନର ☞ପୃଷ୍ଠା-୪




## ସଂକ୍ଷେପରେ

### କଂଗ୍ରେସ ଏମ୍‌ପିଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ


ଆର୍. ସୁଧା

ନୂଆଦିଲ୍ଲୀ, ୪।୮

ତାମିଲନାଡୁ ମାଇଲାଦୁଥୁରାଇର କଂଗ୍ରେସ ଏମ୍‌ପି ଆର୍. ସୁଧାଙ୍କଠାରୁ ସୋମବାର ଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳରେ ଜଣେ ଦୁର୍ବୃତ୍ତ ସୁନାଚେନ୍ ଲୁଟ୍ କରିଛନ୍ତି। ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ରାଜାଥି ସଲମାଙ୍କ ସହ ସୁଧା ତ୍ରିଲୋକପୁରୀସ୍ଥିତ ପୋଲାଣ୍ଡର ଦୂତାବାସ ସମ୍ମୁଖରେ ପ୍ରାତଃଭ୍ରମଣ କରୁଥିବାବେଳେ ବିପରୀତ ଦିଗରୁ ସ୍କୁଟିରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଦୁର୍ବୃତ୍ତ ଜଣକ ମୁଣ୍ଡରେ ହେଲମେଟ ଲଗାଇଥିବାରୁ ସେ ତାଙ୍କୁ ଦେଖିପାରି ନ ଥିଲେ ବୋଲି ସୁଧା କହିଛନ୍ତି। ଘଟଣାସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ଅଭାବରୁ ଏପରି ଘଟିଥିବା ସେ କହିଛନ୍ତି। ତ୍ରିଲୋକପୁରୀ ଭଳି ଉଚ୍ଚ ସୁରକ୍ଷା ବଳୟ ଅଞ୍ଚଳରେ ଜଣେ ମହିଳା ଏମ୍‌ପିଙ୍କଠାରୁ କିପରି ସୁନାଚେନ୍ ଲୁଟ୍ ହେଉଛି ବୋଲି ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଏକ ପତ୍ର ଲେଖି ପ୍ରଶ୍ନ କରିଛନ୍ତି। ତାଙ୍କ ବେକରେ ଆଘାତ ଲାଗିଛି ବୋଲି ଏହି ଚିଠିରେ ଦର୍ଶାଇଛନ୍ତି। ଅପରାଧୀଙ୍କୁ ଖୋଜି ବାହାର କରି ତୁରନ୍ତ ଗିରଫ କରିବାକୁ ସେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଭାରତୀୟ ବଂଶୋଦ୍ଭବ ମଥୁରା ଶ୍ରୀଧରନ ଓହିଓର ନୂଆ ସଲିସିଟର ଜେନେରାଲ

ୱାଶିଂଟନ, ୪।୮

ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ମଥୁରା ଶ୍ରୀଧରନ୍ ଓହିଓର ଦ୍ୱାଦଶ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିବା ଆର୍ଟର୍ନି ଜେନେରାଲ ଡାଭେ ୟୋଷ୍ଟ ଘୋଷଣା କରିଛନ୍ତି। ସେ ରାଜ୍ୟର ଶୀର୍ଷ ଆପିଲେଟ୍ ଲୟର ଭାବେ ଆମେରିକା



ସୁପ୍ରିମକୋର୍ଟ ସମେତ ଫେଡେରାଲ ଅପିଲ୍ କୋର୍ଟଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଓହିଓର ପ୍ରତିନିଧିତ୍ୱ କରିବେ। ଶ୍ରୀଧରନ ଏବେ ସଲିସିଟର ଜେନେରାଲଙ୍କ ଓହିଓ କାର୍ଯ୍ୟାଳୟରେ ଡେପୁଟି ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରୁଛନ୍ତି।

# ଝାଡ଼ଖଣ୍ଡ ଆନ୍ଦୋଳନର ଅଗ୍ରଦୂତ ଶିବୁ ସୋରେନ୍



ନୂଆଦିଲ୍ଲୀ,୪।୮

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ତଥା ୩ ଥରର ମୁଖ୍ୟମନ୍ତ୍ରୀ ବର୍ଷୀୟାନ ଆଦିବାସୀ ନେତା ଶିବୁ ସୋରେନ୍ ଝାଡ଼ଖଣ୍ଡ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ। ସୋମବାର ତାଙ୍କର ପରଲୋକ ହୋଇଥିବାବେଳେ ସେ ଏକ ଲିଗାସି ଛାଡ଼ିଯାଇଛନ୍ତି, ଯାହା ଦେଶର ରାଜନୀତିକୁ ନୂଆ ରୂପ ଦେଇଥିଲା। ଆଦିବାସୀମାନଙ୍କ ଅଧିକାରୀ ପାଇଁ ଲଢ଼ିଆସିଥିବା ଶିବୁ ଅନେକ ସମୟରେ ଆଇନଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଝାଡ଼ଖଣ୍ଡ ରାଜ୍ୟ ଗଠନ ନେଇ ଦୀର୍ଘ ଦଶନ୍ଧିର ଆନ୍ଦୋଳନର ଅଗ୍ରଦୂତ ଥିବା ଶିବୁ ରାଜନୀତିରେ ଅଲିଭା ଚିହ୍ନ ଛାଡ଼ିଯାଇଛନ୍ତି। ତାଙ୍କ ଉଦ୍ୟମକ୍ରମେ ୨୦୦୦ରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଥିଲା।

୧୯୪୪ ଜାନୁଆରୀ ୧୧ରେ ତତ୍କାଳୀନ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ)ର ରାମଗଡ଼ ଜିଲା ଅନ୍ତର୍ଗତ ନେମ୍ରା ଗ୍ରାମରେ ଶିବୁ ସୋରେନଙ୍କ ଜନ୍ମ। ଦିଶୋମ ଗୁରୁ ଭାବେ ଲୋକପ୍ରିୟ ଶିବୁ ଦେଶର ଆଦିବାସୀ ଏବଂ ଆଞ୍ଚଳିକ ରାଜନୀତି ପୃଷ୍ଠଭୂମିରେ ସର୍ବକାଳୀନ ରାଜନୈତିକ ବ୍ୟକ୍ତିତ୍ୱ। ତାଙ୍କର ଆଦ୍ୟ ଜୀବନ ବହୁ ଅସୁବିଧା ଏବଂ ସାମାଜିକ-ଅର୍ଥନୈତିକ ସଂଘର୍ଷ ମଧ୍ୟରେ କଟିଥିଲା। ଶିବୁଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ବାପା ଶୋବରନ୍ ସୋରେନଙ୍କୁ ସାହୁକାରମାନେ ଲୁକାୟତଣ୍ଡ ଜଙ୍ଗଲରେ ହତ୍ୟା କରିଥିଲେ। ଏହି ଦୁଃଖଦ ଘଟଣା ଶିବୁଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ୧୯୭୩ରେ ସେ ବଙ୍ଗାଳୀ ମାର୍କ୍ସିଷ୍ଟ ଟ୍ରେଡ୍ ୟୁନିୟନ ନେତା ଏ.କେ. ରୟ ଏବଂ କୁର୍ମି-ମାହତୋ ନେତା ବିନୋଦ ବିହାରୀ ମାହତୋଙ୍କ ସହ ମିଶି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ। ଏହି ସଂଗଠନ ସ୍ୱତନ୍ତ୍ର ଆଦିବାସୀ ରାଜ୍ୟ ଗଠନ ନେଇ ପ୍ରଥମ ରାଜନୈତିକ ସ୍ୱର ଉଠାଇଥିବା ସହ ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାରୁ ସମର୍ଥନ ପାଇଥିଲା। ବହୁ ଦଶନ୍ଧିର ଆନ୍ଦୋଳନ ପରେ ୨୦୦୦ ନଭେମ୍ବର ୧୫ରେ ଝାଡ଼ଖଣ୍ଡ ଗଠନ ଲକ୍ଷ୍ୟ ପୂରଣ ହୋଇଥିଲା।

ସୋରେନ୍‌ଙ୍କ ପ୍ରଭାବ କେବଳ ରାଜ୍ୟ ରାଜନୀତିରେ ସୀମିତ ନ ଥିଲା। ସେ ଦୁମ୍‌କା ଆସନରୁ ଲୋକ ସଭାକୁ ୮ ଥର ନିର୍ବାଚିତ ହୋଇଥିବାବେଳେ ୨୦୨୦ ଜୁନ୍‌ରେ ରାଜ୍ୟ ସଭାକୁ ଯାଇଥିଲେ। ଉପା ସରକାରରେ ସେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ଓ ୩ ଥର ଅଳ୍ପଦିନ ପାଇଁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ତାଙ୍କୁ ଗମ୍ଭୀର ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୧୯୭୫ ଚିରୁଡିହ ଗଣହତ୍ୟା ମାମଲାରେ ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇ ୨୦୦୪ ଜୁଲାଇରେ ଗିରଫ ପରୱାନା ଜାରି ହୋଇଥିଲା। ତେବେ ଗିରଫ ହେବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ୨୦୦୪ ସେପ୍ଟେମ୍ବରରେ ଜାମିନରେ ଆସି ସେ ପୁଣି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୦୮ ମାର୍ଚ୍ଚରେ ଅଦାଲତ ତାଙ୍କୁ ସବୁ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। ପୂର୍ବତନ ବ୍ୟକ୍ତିଗତ ସଚିବ ଶଶିନାଥ ଝାଙ୍କୁ ଅପହରଣ ଓ ହତ୍ୟା ମାମଲାରେ ୨୦୦୬ ନଭେମ୍ବରରେ ଶିବୁଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲାବେଳେ ପରେ ସେ ଦୋଷମୁକ୍ତ ହୋଇଥିଲେ। ବିବାଦ ସତ୍ତ୍ୱେ ସୋରେନ୍ ଝାଡ଼ଖଣ୍ଡ ରାଜନୀତିରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ। ସେ ୨୦୦୫ ମାର୍ଚ୍ଚରେ ପ୍ରଥମେ ୧୦ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୨୦୦୮ ଅଗଷ୍ଟ ୨୭ରୁ ୨୦୦୯ ଜାନୁଆରୀ ୧୨ ଏବଂ ୨୦୦୯ ଡିସେମ୍ବର ୩୦ରୁ ୨୦୧୦ ମେ' ୩୧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲେ। ମେଣ୍ଟ ସରକାରରୁ ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କରିବାରୁ ୩ ଥର ଯାକ ତାଙ୍କ ସରକାର ଭାଙ୍ଗିଯାଇଥିଲା। ୨୦୦୭ ଜୁନ୍‌ରେ ସେ ଏକ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଗିରିଡିହ କୋର୍ଟରେ ହାଜର ହୋଇ ଦୁମ୍‌କା ଜେଲକୁ ଫେରୁଥିବାବେଳେ ଦେଓଘର ଜିଲାର ଡୁମାରିଆ ଗ୍ରାମ ନିକଟରେ ତାଙ୍କ କନ୍‌ଭୟ ଉପରକୁ ବୋମା ଫିଙ୍ଗାଯାଇଥିଲା। ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ଧରି ସୋରେନ୍ ଜେଏମ୍‌ଏମ୍ ଅଧ୍ୟକ୍ଷ ରହିଥିଲେ। ପରେ ତାଙ୍କ ପୁଅ ତଥା ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତ ସୋରେନ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏବେ ଜେଏମ୍‌ଏମ୍ ଜାତୀୟ ସ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ସଦସ୍ୟ ରହିଛି। ଶିବୁଙ୍କର ସ୍ତ୍ରୀ ରୂପି ସୋରେନ୍, ୩ ପୁଅ ଏବଂ ଗୋଟିଏ ଝିଅ। ତାଙ୍କ ଝିଅ ଅଞ୍ଜନି ଜେଏମ୍‌ଏମ୍‌ର ଓଡ଼ିଶା ଶାଖା ମୁଖ୍ୟ ଅଛନ୍ତି। ବଡ଼ପୁଅ ଦୁର୍ଗା ସୋରେନଙ୍କର ୨୦୦୯ ମେ'ରେ ମୃତ୍ୟୁ ଘଟିଥିଲା। ହେମନ୍ତ ସୋରେନ୍ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବାବେଳେ ସାନପୁଅ ବସନ୍ତ ସୋରେନ ଜଣେ ବିଧାୟକ ଅଛନ୍ତି।




ସାର୍ ଗଙ୍ଗାରାମ ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଭେଟି ସାନ୍ତ୍ୱନା ଦେଉଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲରେ ଜେଏମ୍‌ଏମ୍ ନେତା ଶିବୁ ସୋରେନ୍‌ଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି।

### ୟୁକ୍ରେନ୍ ଯୁଦ୍ଧ: ଭାରତ ରୁଷିଆକୁ ପାଣ୍ଠି ଯୋଗାଇବା ଗ୍ରହଣୀୟ ନୁହେଁ: ଷ୍ଟିଫେନ ମିଲର

ନ୍ୟୁୟର୍କ,୪।୮

ବିଶ୍ୱରେ ଭାରତ ନିଜକୁ ଆମେରିକାର ଘନିଷ୍ଠ ବନ୍ଧୁ ବୋଲି ଚିତ୍ରଣ କରୁଥିବାବେଳେ ଆପ୍ରବାସନ ନୀତିରେ ଠକେଇ ଏବଂ ରୁଷିଆରୁ ତେଲ କିଣି ଏହାକୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇ ଦେଉଛି। ଏଥିପାଇଁ ଭାରତ ଉପରେ ଅଧିକ ଶୁଳ୍କ ଲଗାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନ୍ୟତମ ଶୀର୍ଷ ସହଯୋଗୀ କହିଛନ୍ତି। ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଣ ଜାରି ରଖିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଟ୍ରମ୍ପ ସ୍ପଷ୍ଟ କହିଥିବା ହ୍ୱାଇଟ୍ ହାଉସ୍‌ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଷ୍ଟିଫେନ୍ ମିଲର ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି। ରୁଷିଆରୁ ତେଲ କିଣିବା ପାଇଁ ଭାରତ ମୂଳତଃ ଚାଇନା ସହ ସମ୍ପର୍କ ଯୋଡ଼ିଥିବା ଆଶ୍ଚର୍ଯ୍ୟର କଥା। ଭାରତ ନିଜକୁ ଆମେରିକାର ଘନିଷ୍ଠ ବନ୍ଧୁ କହୁଥିବାବେଳେ ଆମ ସାମଗ୍ରୀକୁ ଗ୍ରହଣ କରୁନାହିଁ। ଆମ ସାମଗ୍ରୀ ଉପରେ ନୂଆଦିଲ୍ଲୀ ଉଚ୍ଚ ହାରରେ ଶୁଳ୍କ ଲଗାଇଛି। ଆପ୍ରବାସନ ନୀତିରେ ସେମାନେ ଆମ ସହ ଠକେଇରେ ଲିପ୍ତ ଅଛନ୍ତି, ଯାହାକି ଆମେରିକୀୟ କର୍ମଚାରୀମାନଙ୍କ ପାଇଁ କ୍ଷତିକାରକ ବୋଲି ମିଲର କହିଛନ୍ତି।

### ପ୍ରତି ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଶାହାଙ୍କ ନିବେଦନ

ନୂଆଦିଲ୍ଲୀ,୪।୮

ସ୍ୱାଧୀନତା ଦିବସ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ସମସ୍ତ ନାଗରିକଙ୍କୁ ସେମାନଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ନିବେଦନ କରିଛନ୍ତି। ଏଥିସହିତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ଅଂଶ ସ୍ୱରୂପ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଜାତୀୟ ପତାକା ସହ ସେଲ୍‌ଫି ଅପ୍‌ଲୋଡ୍ କରିବାକୁ ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଥିଲା, ଯାହା ଦେଶବାସୀଙ୍କୁ ଏକତ୍ର କରିବାରେ ଉଲ୍ଲେଖନୀୟ ଭୂମିକା ନେଇଛି। ଏହି କ୍ୟାମ୍ପେନ୍ ଏବେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପରସ୍ପର ସହ ଯୋଡ଼ିଛି ଏବଂ ଦେଶାତ୍ମବୋଧ ଓ ଦେଶପ୍ରେମର ଭାବନା ପ୍ରତି ନାଗରିକଙ୍କ ମଧ୍ୟରେ ସ୍ପଷ୍ଟ ଦୃଶ୍ୟ ହେଉଛି ବୋଲି ଶାହା Xରେ ଲେଖିଛନ୍ତି।

## ୧୫ ବର୍ଷରେ ରେଳ ଟ୍ରାକ୍‌ରେ ଯାଇଛି ୧୮୬ ହାତୀଙ୍କ ଜୀବନ

ନୂଆଦିଲ୍ଲୀ, ୪।୮

ବର୍ଷ ୨୦୦୯-୧୦ରୁ ୨୦୨୪ ମଧ୍ୟରେ ରେଳ ଟ୍ରାକ୍‌ରେ ଟ୍ରେନ୍ ସହ ଧକ୍କା ହୋଇ ଅତିକମ୍‌ରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ଦେଶର ୩୪୫୨ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ୧୪ ରାଜ୍ୟର ୧୨୭ ରେଳପଥରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଭାରତରେ ରେଳ ନେଟ୍‌ୱର୍କ ୬୯ ହଜାର କି.ମି. ବ୍ୟାପିଥିବା ବେଳେ ସେଥିମଧ୍ୟରୁ ଅନେକ ଶହ ରେଳପଥ ଘନ ଜଙ୍ଗଲ ଦେଇ ଯାଉଥିବାରୁ ହାତୀମାନେ ବାରମ୍ବାର ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ସର୍ଭେରେ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ମୃତ୍ୟୁକୁ ରୋକିବା ପାଇଁ ଅନେକ ସମାଧାନର ପ୍ରସ୍ତାବ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ଗତିବିଧି ଏବଂ ଅତୀତର ମୃତ୍ୟୁହାରକୁ ଆଧାର କରି ୧୪ ରାଜ୍ୟର ୭୭ଟି ରେଳପଥକୁ ଚିହ୍ନଟ କରାଯାଇଛି। ଉକ୍ତ ରେଳପଥଗୁଡ଼ିକର ଟ୍ରାକ୍‌ରେ ହାତୀ ମୃତ୍ୟୁ ହ୍ରାସ ପାଇଁ ମୋଟ ୭୦୫ ଭିତ୍ତିଭୂମି ଗଠନ ଲାଗି ପ୍ରସ୍ତାବ ଦିଆଯାଇଛି। ୫୦୩ଟି ରାମ୍ପ ଏବଂ ଲେଭଲ କ୍ରସିଂ, ୭୨ ସେତୁ ସମ୍ପ୍ରସାରଣ ଏବଂ ପରିବର୍ତ୍ତନ, ୩୯ ବ୍ୟାରିକେଡିଂ ଏବଂ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ୪ ଏକ୍ଜିଟ ରାମ୍ପ, ୬୫ଟି ନୂତନ ଅଣ୍ଡରପାସ୍, ୨୨ଟି ଓଭରପାସ୍ ନିର୍ମାଣ କରିବାକୁ ଏହି ସର୍ଭେରେ ପ୍ରସ୍ତାବ ଦିଆଯାଇଛି।

## ଭଗବାନ୍ କୃଷ୍ଣ ପ୍ରଥମ ମଧ୍ୟସ୍ଥ : ସୁପ୍ରିମକୋର୍ଟ

### ବାଙ୍କେବିହାରୀ ମନ୍ଦିର ମାମଲାରେ ୟୁପି ସରକାରଙ୍କୁ ଝଟକା

ନୂଆଦିଲ୍ଲୀ,୪।୮



ବୃନ୍ଦାବନର ଶ୍ରୀ ବାଙ୍କେବିହାରୀ ମନ୍ଦିରରେ ୫୦୦ କୋଟି ଟଙ୍କାର ମନ୍ଦିର ପାଣ୍ଠି ବ୍ୟୟରେ କରିଡରର ପୁନଃ ବିକାଶ ସମ୍ପର୍କିତ ଅଧ୍ୟାଦେଶକୁ ନେଇ ମନ୍ଦିର ଟ୍ରଷ୍ଟ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସୋମବାର ଏହି ମାମଲାର ଶୁଣାଣି ବେଳେ ଭଗବାନ୍ କୃଷ୍ଣ 'ପ୍ରଥମ ମଧ୍ୟସ୍ଥ' ଥିଲେ ବୋଲି ସୁପ୍ରିମକୋର୍ଟ କହିବା ସହ ଦୟାକରି ଉକ୍ତ ମାମଲାରେ ମଧ୍ୟସ୍ଥତା କରିବାକୁ କହିଛନ୍ତି। ରାଜ୍ୟ ସରକାର ଏବଂ ମନ୍ଦିର ଟ୍ରଷ୍ଟ ମଧ୍ୟରେ ବିବାଦର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ୟୁପି ସରକାର ତରବରିଆ ଭାବେ ଅଧ୍ୟାଦେଶ ଗୃହୀତ କରାଇଥିବାରୁ ଏହାର ସାମ୍ବିଧାନିକ ବୈଧତାକୁ ପ୍ରଥମେ ଆହ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରା ପରୀକ୍ଷା କରିବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ମନ୍ଦିର ପାଣ୍ଠି ବ୍ୟବହାର ପାଇଁ ସୁପ୍ରିମକୋର୍ଟରୁ ଅନୁମତି ହାସଲ କରିବାରେ ଗୋପନ ତରିକାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ ୟୁପି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ମେ' ୧୫ରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ମନ୍ଦିର ପାଣ୍ଠି ବ୍ୟବହାର ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଖଣ୍ଡପୀଠ ମୌଖିକ ପ୍ରସ୍ତାବ ଦେଇଛନ୍ତି। କମିଟି ଦ୍ୱାରା ମନ୍ଦିର ପରିଚାଳନା କରିବାକୁ ଖଣ୍ଡପୀଠ ପ୍ରସ୍ତାବ ଦେବା ସହ ପୂର୍ବରୁ ବିଶ୍ୱସ୍ତ ରହିଆସିଥିବା ପରିବାର ଦ୍ୱାରା ରୀତିନୀତି ଜାରି ରଖିବାକୁ କହିଛନ୍ତି। ଭିତ୍ତିଭୂମିର ବିକାଶ ଏବଂ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ତୀର୍ଥଯାତ୍ରା ସୁନିଶ୍ଚିତ କରିବା ଦିଗରେ ପାଣ୍ଠି ବ୍ୟବହାର ପାଇଁ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଅନ୍ତରୀଣ କମିଟି ଗଠନ କରିବାକୁ ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

## ଲାଞ୍ଜାରୋନ୍ ସହରରେ ମୃତ୍ୟୁ କଟକଣା

ମାଡ୍ରିଡ୍

ମୃତ୍ୟୁ ଉପରେ କାହାର ନିୟନ୍ତ୍ରଣ ନ ଥାଏ। ଭାଗ୍ୟରେଖା ଅନୁଯାୟୀ, ଉପଯୁକ୍ତ ସମୟ ଏବଂ ସ୍ଥାନରେ ମୃତ୍ୟୁ ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତେବେ ୧୯୯୯ ମସିହାରେ ସ୍ପେନ୍‌ର ଆଣ୍ଡାଲୁସିଆସ୍ଥିତ ଗ୍ରାନାଡ଼ା ଅଞ୍ଚଳରେ ଥିବା ଏକ ଛୋଟ ସହର ଲାଞ୍ଜାରୋନ୍‌ରେ ମୃତ୍ୟୁକୁ ନେଇ ଏକ ଅଦ୍ଭୁତ ଆଇନ ପ୍ରଣୟନ ହୋଇଥିବା ନେଇ ନିକଟରେ ନ୍ୟୁୟର୍କ ପୋଷ୍ଟ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଆଇନ ଅନୁଯାୟୀ, ଲାଞ୍ଜାରୋନ୍ ସହରରେ ମୃତ୍ୟୁ ଉପରେ କଟକଣା ଜାରି କରାଯାଇଥିଲା ଯାହା ସମ୍ପ୍ରତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

୧୯୯୯ରେ ଲାଞ୍ଜାରୋନ୍ ମ୍ୟୁନିସିପାଲିଟିରେ ମୃତଦେହଗୁଡ଼ିକ ପାଇଁ କବରସ୍ଥାନର ଅଭାବ ଦେଖାଦେଇଥିଲା। ଫଳରେ ଅନେକ ଲୋକ ନିଜ ପ୍ରିୟ ଜନଙ୍କ ମୃତ୍ୟୁ ପରେ ମୃତଦେହଗୁଡ଼ିକୁ



କବର ଦେବାରେ ବିଭିନ୍ନ ସମସ୍ୟାରେ ପଡୁଥିଲେ। କବରସ୍ଥାନ ସମସ୍ୟାକୁ ନେଇ ଲାଞ୍ଜାରୋନ୍‌ର ତତ୍କାଳୀନ ମେୟର ଜୋସ୍ ରୁବିଓଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଥିଲା। ଫଳରେ ସ୍ଥିତିକୁ ଦେଖି ରୁବିଓ ଲାଞ୍ଜାରୋନ୍ ସହରରେ ମୃତ୍ୟୁ ଉପରେ କଟକଣା ଲଗାଇଥିଲେ। ସେତେବେଳେ ସେ ଏକ ଘୋଷଣାପତ୍ର ଜାରି କରି ଲାଞ୍ଜାରୋନ୍‌ର ନାଗରିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଅନୁରୋଧ କରିବା ସହ କବରସ୍ଥାନ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ହେବା ପର୍ଯ୍ୟନ୍ତ ମୃତ୍ୟୁବରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ବିବାଦୀୟ ଆଇନକୁ ନେଇ ରୁବିଓ କହିଥିଲେ, ଜନସାଧାରଣ ଉକ୍ତ ଆଇନକୁ ସକାରାତ୍ମକତାର ସହ ନେଇଛନ୍ତି। ତେବେ ଉକ୍ତ ଆଇନକୁ ପ୍ରତୀକାତ୍ମକ ଭାବେ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହାକୁ ଭଙ୍ଗ କରିବା ପାଇଁ କାହାରି ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା କିମ୍ବା ଜରିମାନା କରାଯାଇ ନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। କବରସ୍ଥାନ ସଙ୍କଟ ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଉକ୍ତ ଆଇନକୁ ପ୍ରତୀକାତ୍ମକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏବେ ମଧ୍ୟ ଲାଞ୍ଜାରୋନ୍ ସହରରେ କବରସ୍ଥାନ ସମସ୍ୟା ଲାଗିରହିଛି ଏବଂ ପୂରା ମ୍ୟୁନିସିପାଲଟିରେ ମାତ୍ର ଗୋଟିଏ କବରସ୍ଥାନ ରହିଥିବା ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ଖଣିଜ ପଦାର୍ଥରେ ସମୃଦ୍ଧ ଲାଞ୍ଜାରୋନ୍ ସହରରେ ସମ୍ପ୍ରତି ପ୍ରାୟ ୪ ହଜାର ଲୋକ ବସବାସ କରୁଛନ୍ତି।


## ର' ଏଜେଣ୍ଟ ସାଜିଲେ ପ୍ରତୀକ


ମୁମ୍ବାଇ

ଆସନ୍ତା ଅଗଷ୍ଟ ୧୩ରେ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍ ରିଲିଜ୍ ହେବ। ସୋମବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଟ୍ରେଲରରେ ଅଭିନେତା ପ୍ରତୀକ ଗାନ୍ଧୀ ଜଣେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର') ଏଜେଣ୍ଟଙ୍କ ଭୂମିକା ନିଭାଉଥିବାର ଦେଖିବାକୁ ମିଳିଛି। ସେ ର' ଏଜେଣ୍ଟ ବିଷ୍ଣୁ ଶଙ୍କରଙ୍କ ଚରିତ୍ର ନିଭାଉଛନ୍ତି। ପାକିସ୍ତାନରେ ଏକ ବିପଦପୂର୍ଣ୍ଣ ମିଶନରେ ତାଙ୍କୁ ପୋଷ୍ଟିଂ କରାଯାଇଛି। ସେ ପାକିସ୍ତାନରେ ବିଭିନ୍ନ ଆଣବିକ

### 'ସାରେ ଜହାଁ ସେ ଅଚ୍ଛା' ଟ୍ରେଲର ଆଉଟ

କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ସହ ଆଣବିକ ସଂଘର୍ଷ ରୋକିବା ଦିଗରେ କାର୍ଯ୍ୟ କରୁଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ରଣନୈତିକ ମୁକାବିଲାକୁ ଭଲ ଭାବେ ଚିତ୍ରଣ କରାଯାଇଛି। ସୁମିତ ପୁରୋହିତଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଅଭିନେତା ସନି ହିନ୍ଦୁଜା, ରଜତ କପୁର, ଅନୁପ ସୋନୀ, କ୍ରିତିକା କାମରା ଏବଂ ତିଲୋତ୍ତମା ଶୋମ ପ୍ରମୁଖ ନଜରକୁ ଆସିବେ।






# ବଲଙ୍ଗା ପୀଡ଼ିତାଙ୍କ ମୃତଦେହକୁ କବର ଦିଆଗଲା

## ଝିଅ ଜୀବନ ବଞ୍ଚିପାରିଲେ ମୁଁ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ: ପ୍ରଭାତୀ

**ବଲଙ୍ଗା,୪।୮ (କେଦାରେଶ୍ୱର ନନ୍ଦ)**

ବହୁଚର୍ଚ୍ଚିତ ବଲଙ୍ଗା ପୀଡ଼ିତା ସମିଦା ଖାତୁନ୍ଙ୍କ ମୃତଦେହକୁ ସୋମବାର ସକାଳେ ତାଙ୍କ ନିଜ ଗ୍ରାମ ପୁରୀ ଜିଲା ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ କବର ଦିଆଯାଇଛି। ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ, ପୂର୍ବାହ୍ନ ୯ଟା ୩୦ରେ ପୀଡ଼ିତାଙ୍କ ଜ୍ଞାତି କୁଟୁମ୍ବ, ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ମୃତଦେହକୁ କବର ଦିଆଯିବା ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଉପଜିଲାପାଳ ପ୍ରମୁଖ ଯୋଗଦେଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତାଙ୍କ ଇସ୍ତଫା ଦାବିକୁ ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ ଶହେଥର ଇସ୍ତଫା ଦେବାକୁ ରାଜି। ଯଦି ଇସ୍ତଫା ଦେଲେ, ସମ୍ପୃକ୍ତ ଝିଅଟିରେ ଜୀବନ ବଞ୍ଚିଯାଇପାରନ୍ତା, ତା'ହେଲେ ମୁଁ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛି ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ଏହି ଖବର ଶୁଣି ଗ୍ରାମରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ୫୦ ହଜାର ଟଙ୍କାର ଆର୍ଥିକ ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଅଦ୍ୟାବଧି ଏହି ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରି ନ ଥିବାରୁ ଲୋକଙ୍କ ମନରେ ନାନା ପ୍ରଶ୍ନ ଉଙ୍କିମାରୁଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୯ରେ ସମିଦାଙ୍କୁ ୩ଜଣ ଯୁବକ କିରୋସିନି ଢାଳି ଜାଳିଦେବା ଉଦ୍ୟମ ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ସମିଦାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସ ଏବଂ ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ୨ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦିଲ୍ଲୀରୁ ତାଙ୍କ ମୃତଦେହ ଭୁବନେଶ୍ୱରକୁ ଅଣାଯିବା ପରେ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଏବଂ ସ୍ୱତନ୍ତ୍ର କାର୍‌କେଡ୍ ଯୋଗେ ନିଆଯାଇ ରାତି ପ୍ରାୟ ୧୨ଟା ୪୫ରେ ତାଙ୍କ ଗ୍ରାମ ବାୟାବରରେ ପହଞ୍ଚିଥିଲା। ରୀତିନୀତି ଅନୁସାରେ ମୃତଦେହକୁ କବରସ୍ଥାନ ନେବା ପାଇଁ ତାବୁତ ପ୍ରସ୍ତୁତ କରାଯିବା ସହ କୋରାନ ପାଠ କରାଯାଇଥିଲା।

### ପରିବାରକୁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଦେଲେ ରାଣୀ ପଣ୍ଡା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ୬ ଘଣ୍ଟିଆ ପୁରୀ ବନ୍ଦ ଡାକରା ଦେଲା ବିଜେଡି

**ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)**

ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ପୋଲିସ ପ୍ରଶାସନର ଅପାରଗତା ପ୍ରତିବାଦରେ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏନେଇ ସୋମବାର ଏକ ହୋଟେଲରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆସନ୍ତା ୭ରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ଜିଲାରେ ବିଜେଡି ପକ୍ଷରୁ ବନ୍ଦ ପାଳନ କରାଯିବ। ଦୁଃଖ ଓ କ୍ଷୋଭର ବିଷୟ, ଯେଉଁଦିନ ପୀଡ଼ିତାଙ୍କ ସହିତ ଏପରି ଘଟଣା ଘଟିଲା ଓ ସେ ଏମ୍ସରେ ଚିକିତ୍ସିତ ହେଲେ ସେହି ଦିନ ବିଜେଡିର ଏକ ପ୍ରତିନିଧି ଦଳ ପହଞ୍ଚି ଡାକ୍ତର ଓ ପୋଲିସ ସହ ଆଲୋଚନା କରିଥିଲେ। ପୀଡ଼ିତା ପୋଲିସକୁ ବୟାନ ଦେଇଥିଲେ କି ଦୁଇଟି ବାଇକରେ ତିନିଜଣ ଦୁର୍ବୃତ ଆସି ତାଙ୍କ ମୁହଁରେ ରୁମାଲ ଦେଇ ଟେକି ନେଇଯାଥଇଲେ। ତେବେ ତାଙ୍କର ଚେତା ଆସିବା ବେଳକୁ ତାଙ୍କ ଦେହରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ସେ ଚିତ୍କାର କରି ଦୌଡ଼ିଥିଲେ। ଓ ତାଙ୍କ ସ୍ଥାନୀୟ ତାଙ୍କୁ ବଞ୍ଚାଇଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀ ଏମ୍ସକୁ ପୀଡ଼ିତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପୀଡିତା ସୁସ୍ଥ ହେଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଇନଥିବା ବେଳେ ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି ଓ ଖୁବ୍‌ଶୀଘ୍ର ଭଲ ହୋଇଯିବେ। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୀଡ଼ିତାଙ୍କ ବାପା ପୂର୍ବରୁ ମତ ଯାହା ଦେଇଥିଲେ, ତାଙ୍କଉପରେ କ'ଣ ଚାପ ପଡିଲା ଯେ, ସେ ତାଙ୍କର ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା ସେ ତାଙ୍କ ଘରେ କରିପାରିଥାନ୍ତେ। ତାହା ନ କରି ଅଧ କିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି। ସେହିପରି ପୋଲିସ ପ୍ରଥମରୁ କହି ଆସୁଥିଲା କି, ତଦନ୍ତରେ ଅନେକ କିଛି ସୁରାଗ ମିଳିଛି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ମାତ୍ର ପୋଲିସ ସୂଚନା ଦେଇଛି ଏଥିରେ କାହାର ସଂପୃକ୍ତି ନାହିଁ। ତେବେ ଦୋଷୀ କୁଆଡେ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ମିଳିବ ଡିଜିଟାଲ ହେଲ୍‌ଥ କାର୍ଡ

**ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)**



ରାଜ୍ୟରେ ଭାଜପା ସରକାର ଦାୟିତ୍ୱ ନେବା ଦିନଠାରୁ ଅଦ୍ୟାବଧି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗରେ କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା'ର ଚିଟ୍ଟିକିଣି ହିସାବ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋଡ଼ିଛନ୍ତି।

ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଗଣ୍ଡ ଲୋକସେବା ଭବନରେ ଥିବା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପରିଦର୍ଶନ ଅବସରରେ ବିଭାଗୀୟ ସଚିବ ବି. ପରମେଶ୍ୱରନ ଏବଂ ନିର୍ଦ୍ଦେଶକମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଭାଗର କାର୍ଯ୍ୟକାରିତା କିଭଳି ରହିଛି, ଆଗାମୀ ଦିନରେ ବିଭାଗ କିଭଳି ଚଳଚଞ୍ଚଳ ହେବ ସେଥିନେଇ ତାଗିଦ୍ ମଧ୍ୟ କରିଛନ୍ତି। ଏହାସହିତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ଏବଂ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ରିପୋର୍ଟ ଲୋଡ଼ିଛନ୍ତି।

ମନ୍ତ୍ରୀ କହିଛନ୍ତି, ଏଣିକି ପ୍ରତ୍ୟେକ ମାସରେ ବିଭାଗର ସମୀକ୍ଷା କରାଯିବ। ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତା ଶିକ୍ଷା ମିଳୁଛି କି ନାହିଁ ତାହାକୁ ମାପିବା ପାଇଁ ତୃତୀୟପକ୍ଷଙ୍କୁ ନିୟୋଜିତ କରାଯିବ। ଶିକ୍ଷାଠାରୁ ଆରମ୍ଭ କରି ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ ପର୍ଯ୍ୟନ୍ତ ସବୁକିଛିର ସମୀକ୍ଷା କରାଯିବ। ଯେଉଁଠାରେ ତ୍ରୁଟି ପରିଲକ୍ଷିତ ହେବ ସେଠାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ହଷ୍ଟେଲଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ହେଲ୍‌ଥ କାର୍ଡ ବ୍ୟବସ୍ଥା ପ୍ରଚଳନ କରାଯିବ। ଏହାଦ୍ୱାରା ବିଭିନ୍ନ ସମୟରେ ହଷ୍ଟେଲ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲୋକଲୋଚନକୁ ଆସୁଥିବା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆଗାମୀ ଦିନରେ ଛାତ୍ରୀମାନଙ୍କୁ ନେଇ ଯେଉଁ ଅଭିଯୋଗ ଆସୁଛି ତାହାକୁ ଏଡ଼ାଯାଇ ପାରିବ। ମନ୍ତ୍ରୀ କହିଥିଲେ, ରାଜ୍ୟର ବିଭିନ୍ନ ଆଇଟିଡିଏଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନାରେ ଯେଉଁ ସବୁ କାର୍ଯ୍ୟକ୍ରମ ହେଉଛି ତାହାର ମଧ୍ୟ ସମୀକ୍ଷା ଖୁବ୍‌ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

### ସଚିବଙ୍କଠାରୁ ବିଭାଗୀୟ ରିପୋର୍ଟ ମାଗିଲେ ମନ୍ତ୍ରୀ

## ୪ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୪।୮ (ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ସୋମବାର ୪ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଗଞ୍ଜାମ ଜିଲା ପାଇଁ ବିକ୍ରମ ପଣ୍ଡାଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କେନ୍ଦ୍ରପଡ଼ାରେ ଶିବପ୍ରସାଦ ଭୋଇ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରି ଏବଂ କଟକରେ ପ୍ରଫୁଲ୍ଲ ସିଂଙ୍କୁ ଦଳ ସଭାପତି ଭାବେ ନିଯୁକ୍ତ କରିଛି।

ସୂଚନାଯୋଗ୍ୟ, ପୂର୍ବରୁ ବିଜେଡି ୨୪ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରିଥିଲା। ଏବେ ୪ ଜିଲାର ସଭାପତିଙ୍କ ନାମ ଘୋଷଣା କରିବା ପରେ ଏହି ସଂଖ୍ୟା ୨୮ରେ ପହଞ୍ଚିଛି। ମୋଟ ୩୩ଟି ସାଙ୍ଗଠନିକ ଜିଲା ମଧ୍ୟରୁ ଆଉ ୫ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇ ନାହିଁ। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଘୋଷଣା ହୋଇଥିବା ୪ ଜିଲାର ସଭାପତି ପଦକୁ ନେଇ ନେତାମାନଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ଏବେ ଯେଉଁ ନାମଗୁଡ଼ିକ ପ୍ରକାଶ ପାଇଛି, ଏହା ଦଳର ଅନ୍ୟଏକ ଗୋଷ୍ଠୀକୁ ଅସନ୍ତୁଷ୍ଟ କରିଛି। ଅନ୍ୟପଟେ ଢେଙ୍କାନାଳ, କୋରାପୁଟ, ଖୋର୍ଦ୍ଧା, ରାୟଗଡ଼ା ଓ ବାଲେଶ୍ୱର ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇ ନାହିଁ।




ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱର ରାଜଭବନ ଛକ ନିକଟ ଏଲ୍ଆଇସି ଅଫିସ୍ ପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ସ୍କୁଲରେ ଇତିହାସ ପଢ଼ାଇଲେ ଜିଲାପାଳ



କୁତ୍ରା ବ୍ଲକର ପିଏମ୍ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ପାଠ ପଢ଼ାଉଛନ୍ତି।

**କୁତ୍ରା,୪।୮ (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲାପାଳ ଡ.ଶୁଭଙ୍କର ମହାପାତ୍ର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଇତିହାସ ପାଠ ପଢାଇଛନ୍ତି। ଜିଲାପାଳ ସୋମବାର କୁତ୍ରା ବ୍ଲକର ପିଏମ୍ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀ କୋଠରି ପରିଦର୍ଶନ ସମୟରେ ଦଶମ ଶ୍ରେଣୀଗୃହରେ ପ୍ରବେଶ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ନିଜେ ହାତରେ ବହି ଧରି ଛାତ୍ରୀଛାତ୍ରଙ୍କୁ ଇତିହାସ ବିଷୟରେ ସ୍ମାର୍ଟବୋର୍ଡରେ ପାଠ ପଢ଼ାଇଥିଲେ। ପାଖାପାଖି ଗୋଟିଏ ଘଣ୍ଟା ସେ ପାଠ ପଢ଼ାଇଥିଲେ। ଛାତ୍ରୀଛାତ୍ର ମଧ୍ୟ ଆଗ୍ରହର ସହ ଜିଲାପାଳଙ୍କ ପାଠ ପଢ଼ାଇବା ପ୍ରତି ଧ୍ୟାନ ଦେଇଥିଲେ। ଜିଲାପାଳଙ୍କର ଶିକ୍ଷା ପ୍ରତି ଥିବା ଆଗ୍ରହ, ଉତ୍ସାହ ତଥା ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ଶ୍ରଦ୍ଧା ଏଥିରୁ ସ୍ପଷ୍ଟ ବାରି ହୋଇଛି। ଏହି ଘଟଣା ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଛି ଓ ଏହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଜିଲାପାଳ ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଓ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ଶିକ୍ଷାନୁଷ୍ଠାନର ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ବିଦ୍ୟାଳୟର ପରିବେଶ ଦେଖି ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହିତ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଅନନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆସାହି ବାଲିଆ ପଟା ରସୁଲଗଡ଼ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ୬୩ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସରସ୍ଥ ନୂତନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୋଲୋ ଆର୍ଟ ଏକ୍‌ଜିବିଶନ୍ 'କଳା ଚକ୍ର', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ୟୁସିଆଇର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଜନସଭା କାର୍ଯ୍ୟକ୍ରମ, ସ୍ଥାନ: ସାମନ୍ତରାପୁରସ୍ଥ ରୟାଲ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନାରୀମାନଙ୍କ ଉପରେ ହେଉଥିବା ଅଶୋଭନୀୟ ଆଚରଣର ପ୍ରତିକାର ଓ ନ୍ୟାୟ ପାଇଁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଗଣମାଧ୍ୟମ ସମ୍ବେଦନଶୀଳତା କାର୍ଯ୍ୟକ୍ରମ, ସ୍ଥାନ:ଏଚ୍‌ଓଡି ବିଲ୍‌ଡିଙ୍ଗ ୟୁନିଟ୍ ୫, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ କ୍ରାନ୍ତି ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସ୍ମିତା ଦେବ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପୁସ୍ତକ କ୍ରିଷ୍ଧାବିକା ଉନ୍ମୋଚନ, ସ୍ଥାନ: କେ.ଏମ୍ କନ୍‌ଭେନ୍‌ଶନ୍ ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ଅଥରିଟି ପକ୍ଷରୁ ମେଡିଟେଶନ ପ୍ରଶିକ୍ଷଣ ଶିବିର, ସ୍ଥାନ– ଓଡ଼ିଶା ଜୁଡିସିଆଲ ଏକାଡେମୀ, ସମୟ– ସକାଳ ୯ଟା

## ପୁରୀ

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ହରିହର ଯୁବ ପରିଷଦ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ନୀଳମଣି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ସର୍ପାଘାତ ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରୋ ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଭୂଇଁପୁର, ଛେନାପଦି, ସମୟ: ଅପରାହ୍ନ ୨ ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୫ ଟା।
- ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଜାତୀୟସ୍ତରୀୟ ସେମିନାର, ସ୍ଥାନ: ଡିଡି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- କପ୍ତିପଦା ଉପଖଣ୍ଡ ଅମଲା ସଂଘ ପକ୍ଷରୁ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଉଦଳା ୧ନଂ. ୱାର୍ଡସ୍ଥିତ ବିଧାୟକଙ୍କ ବାସଭବନ,ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚଳଚ୍ଚିତ୍ର 'ଆନ୍ଦୋଳନ'ର ପୋଷ୍ଟର ରିଲିଜ, ସ୍ଥାନ: ମା' ଭୈରବୀ ମନ୍ଦିର ପ୍ରାଙ୍ଗଣ, ମଧୁବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନୀଳକଣ୍ଠ କଲେଜ ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## କନ୍ଧମାଳ

- ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ବନାସୀ ସେବା ସମିତିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୩ ଟା।
- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ ଫୁଲବାଣୀ, ସମୟ: ଅପରାହ୍ନ ୪ ଟା।

## ଢେଙ୍କାନାଳ

- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ଆର୍‌ଏସିପିଏସ୍/ ଏମ୍‌ଏସିପିଏସ୍ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଏଫ୍‌ବିୱାଇର ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏମ୍‌କେୟୁୱାଇର ଡିଏଲ୍‌ସି ବୈଠକ. ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା।
- ଏଭିଏୱାଏ ସ୍କିମ ୨୦୨୪–୨୫ ଉପରେ ଡିଏଲ୍‌ପିଏସି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ଆଇଇସି ପ୍ଲାନ ଉପରେ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଶିକ୍ଷକଙ୍କ ବଦଳି ପ୍ରତିବାଦରେ ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଷ୍ଠା ଚୟନ କାର୍ଯ୍ୟକ୍ରମରେ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ: ସକାଳ ୮ଟା।

## ନୟାଗଡ଼

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ଆକାଂକ୍ଷା ହାଟର ୫ମ ଦିବସ, ସ୍ଥାନ: ନୟାଗଡ଼ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ନୟାଗଡ ପୁରୁଣା ସହରର ଗୋପିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୋପୀନାଥ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ଓଡଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ରାତି ୯ଟା, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଟାଉନ ହଲ୍, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ, ସ୍ଥାନ: ଝରିଗାଁ, ସମୟ: ସମୟ: ପୂର୍ବାହ୍ନ ୧୧ଟା ।
- ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ:ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରୁକୋଣ୍ଡା, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲାପାଳଙ୍କ ଦ୍ୱାରା ଟ୍ରାଫିକ୍ ସିଗ୍‌ନାଲ୍ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ମୁଖ୍ୟ ରାସ୍ତା ବାଲିମେଳା ଛକ, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- କଲମ ପରିବାର ପକ୍ଷରୁ କବି ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଖପ୍ରାଖୋଲ ବ୍ଲକ ସ୍ତରୀୟ ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ ଟା ୩୦
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟାସ ଜୟନ୍ତୀ ଓ ଭାଗବତ ଚର୍ଚ୍ଚାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

## ରାଉରକେଲା

- ରାଉରକେଲା କଲେଜରେ ସାହିତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଝୁଡି ବସ୍ତିରେ ରାସ୍ତା ସମସ୍ୟା ନେଇ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପ୍ରସ୍ତୁତି ବୈଠକ, ସ୍ଥାନ: ଛେଣ୍ଡ କଲୋନି, ସମୟ: ଅପରାହ୍ନ ୫ଟା ୩୦ ।
- ଗୋପବନ୍ଧୁ ପାଠାଗାରର ସାହିତ୍ୟ ଆସର, ସ୍ଥାନ: ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ବଣାଇ ବ୍ଲକ ପରିଦର୍ଶନ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ବଣାଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- କୁଆଁରମୁଣ୍ଡା ବିଡ଼ିଓଙ୍କ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ, ସ୍ଥାନ: ଡୁମେରଯୋର ପଞ୍ଚାୟତ ବାନିଗୁନି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣ ଇସ୍ତାହାରର ଜୟନ୍ତୀ ସମାରୋହ, ସ୍ଥାନ: ବରଗଡ଼ ମହିଳା ସମିତି ସଭାଗୃହ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ନାରୀ ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର, ସ୍ଥାନ: କେସିଙ୍ଗା ଏସ୍‌ଡିପିଓ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଉନ୍ନୟନ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଗୋପାଳନ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସହର ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୧୬ତମ ଚର୍ତୁବେଦ ଯଜ୍ଞ ତୃତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ଜିଲାସ୍ତରୀୟ ମେଡିକାଲ ବୋର୍ଡ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରାଫିକ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ଏକତା ଛକ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। କଠିନ ପରିଶ୍ରମଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ। ବନ୍ଧୁ କିମ୍ବା ଆତ୍ମୀୟମାନଙ୍କ ସହ ପ୍ରତ୍ୟୁଷ ଯାତ୍ରା ସଫଳ ହେବା ଆଶା କରାଯାଇପାରେ।

**ବୃଷ** ସପ୍ତମ ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ମାନସିକ ଅସ୍ଥିରତା ଦୂରହେବ ଏବଂ କାମ ହାସଲକରି ଆଶ୍ୱସ୍ତି ଲାଭ କରିବେ। ଜଣେ ବନ୍ଧୁଙ୍କ ପ୍ରରୋଚନାରେ ଅପରିଚିତଙ୍କ ସହ ମିତ୍ରତା ସମସ୍ୟା ସୃଷ୍ଟିକରିବ। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ମାନସିକ ଅସ୍ଥିରତା ବଢ଼ିବ। ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ, କିନ୍ତୁ କହି ସାରିବା ପରେ ମନସ୍ତାପ କରିବେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଲୋକଙ୍କ ପାଇଁ ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟରେ ସଫଳତା ପାଇବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। ଶୁଣା ଖବରକୁ ବିଶ୍ୱାସକରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଭଲ ସମ୍ପର୍କ ଥିବା ବ୍ୟକ୍ତି ଆପଣଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ଆଜି ପାଇଁ ବନ୍ଧୁଙ୍କ ସାହାଯ୍ୟକାରୀ ମନୋଭାବ ଓ ଅବଦାନ ଅବିସ୍ମରଣୀୟ ରହିବ। ଅର୍ଥାଭାବ, ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କୌଣସି ଖୁସି ଖବର ପାଇ ଆହ୍ଲାଦିତ ହେବେ।

**କନ୍ୟା** ଶତ୍ରୁତା କରୁଥିବା ମିତ୍ରମାନେ ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣକରି ଦ୍ୱନ୍ଦ୍ୱରେ ପଡ଼ିବା ସୂଚନା ରହିଛି । ବହୁଦିନର ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଆଶା କରିପାରନ୍ତି।

**ତୁଳା** ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ଆପଣଙ୍କୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ଆଜି ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବା ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ପାଇଁ ସମୟ ଅନୁକୂଳ ରହିବ।

**ବିଛା** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ଯାତ୍ରା ସମୟରେ ସତର୍କ ନ ରହିଲେ ପକେଟମାର ହାବୁଡ଼ରେ ପଡ଼ିଯିବା ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ଧନୁ** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନକରିବା ପାଇଁ ବ୍ୟସ୍ତତା ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳାସ ଉପକରଣ କ୍ରୟକରିବା ସକାଶେ ଘରୁ ବରାଦ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନକରି ବନ୍ଧୁଗହଣରେ ରହିପାରନ୍ତି।

**ମକର** ବନ୍ଧୁମାନଙ୍କ ଅନୁରୋଧକ୍ରମେ ସମାଜ ସଂସ୍କାରମୂଳକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ନିଜ ପରିସରରେ ମଧ୍ୟ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପିଲାଙ୍କ ଆଚରଣ ସନ୍ତୋଷଜନକ ନ ହେବା କାରଣରୁ କିଛି ମାତ୍ରାରେ ବ୍ୟସ୍ତତା ବୃଦ୍ଧିପାଇବ।

**କୁମ୍ଭ** ଆଜି ଆପଣଙ୍କ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଲକ୍ଷ୍ୟ ହାସଲ କରିବେ। ପରିବାରରେ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିପାରେ। ସରକାରୀ କ୍ଷେତ୍ରରୁ ସହାୟତା ଲାଭକରି ଖୁସି ଅନୁଭବ କରିବେ।

**ମୀନ** ଆଜରି ଯାତ୍ରା ସମୟରେ ସତର୍କତାର ଅଭାବ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମରେ ଖର୍ଚ୍ଚଣି ବଢ଼ିଯିବାରୁ ସ୍ୱାସ୍ଥ୍ୟହାନି ଘଟିବ। ଅନ୍ୟମାନଙ୍କ ଉପରେ କିଛି ନ ବୁଝି ନ ଶୁଝି ଦୋଷାରୋପକଲେ ନିଜେ ହିଁ ଅପଦସ୍ଥ ହେବାକୁ ପଡ଼ିପାରେ।

ଆଜି ଅଗଷ୍ଟ ୫ ତାରିଖ, ଶ୍ରାବଣ ଶୁକ୍ଲପକ୍ଷର ସର୍ବସମ୍ମତ ପୁତ୍ରଦା ଏକାଦଶୀ ମଙ୍ଗଳବାର। ଉତ୍କଳେ ସର୍ବତ୍ର ଝୁଲଣଯାତ୍ରା, ପଣ୍ଡିତ ନୀଳକଣ୍ଠ ଦାସ ଜୟନ୍ତୀ। ରାଶିନକ୍ଷତ୍ର–ଦିବା ଘ.୧୧।୨୧ ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣଶ୍ରାଦ୍ଧ। ଦିବା ଘ. ୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୧ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ଫୁଲାଣିଆ ଗୀତ ଗାଏ,**
**ରସିକା ନାରୀ ବାପଘର ଯାଏ।**

କର୍ତ୍ତା ନେଇ ସଦସ୍ୟଙ୍କ କାର୍ଯ୍ୟ। ଯେବେ କର୍ତ୍ତାଙ୍କର କିଛି ଆପତ୍ତି ଅଭିଯୋଗ ନ ଥାଏ ତେବେ ସଦସ୍ୟ ନିଜ ମନ ମୁତାବକ କାର୍ଯ୍ୟ କରିବାରେ କିଛି ଅସୁବିଧା ରହି ନ ଥାଏ। ପରୋକ୍ଷରେ ଶାଶୁଘରର ଜଞ୍ଜାଳ ମଧ୍ୟରେ ମୁଣ୍ଡ ପୂରାଉ ନ ଥିବା ବା ଦାୟିତ୍ୱ ନେଉ ନ ଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁକୁଟିଆର**
**ସାକ୍ଷୀ କି କଲେଣି ଅକଟିଆର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢ଼ିଯାଇଥାଏ। ସାକ୍ଷୀଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ସାକ୍ଷ୍ୟ ଦେବାକୁ ମତେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ରାହୁଲ ସେଠି ...

ହୋଇନାହିଁ। ଏହା ଶୁଣିବା ପରେ ଶୀର୍ଷ ଅଦାଲତ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିବା ସହ ଲକ୍ଷ୍ନୌ ଅଦାଲତଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସୂଚନାଯୋଗ୍ୟ, ରାହୁଲଙ୍କ ଆବେଦନକୁ ଗତ ମେ' ୨୯ରେ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେବା ପରେ ସେ ସମନ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିଥିଲେ। ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରା ବେଳେ ଅଭିଯୋଗକାରୀ ଉଦୟଶଙ୍କର ଶ୍ରୀବାସ୍ତବ କୋର୍ଟରେ ଦାଖଲ କରିଥିବା ପିଟିଶନରେ ଦର୍ଶାଇଥିଲେ, ଚାଇନା ସୈନ୍ୟଙ୍କ ସହ ସଂଘର୍ଷ ପରିପ୍ରେକ୍ଷୀରେ ରାହୁଲ ଭାରତୀୟ ସେନା ବିରୋଧରେ ଅନେକ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଫଳରେ ତଳକୋର୍ଟ ରାହୁଲଙ୍କୁ ଜଣେ ଅଭିଯୁକ୍ତ ଭାବେ ସମନ କରିଥିଲେ।

## ଭାରତର ରୋମାଞ୍ଚକ ...

ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରି ୨୮ ରନ ମଧ୍ୟରେ ଆବଶ୍ୟକ ୪ ଉଇକେଟ ଅକ୍ତିଆର କରି ଇଂଲଣ୍ଡକୁ ପରାଜୟ ସ୍ୱାଦ ଚଖାଇଥିଲେ। ଏହି ବିଜୟ ସହ ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଣ୍ଡରସନ–ତେନ୍ଦୁଲକର ଟ୍ରଫି (ଏଟିଟି) ଲାଗି ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨–୨ରେ ବରାବର କରିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନରେ ପଛୁଆ ଥିବା ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରିଥିଲା। ଫଳରେ ୩୭୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଇଂଲଣ୍ଡ ସୋମବାର ତା'ର ଅସମାପ୍ତ ଦ୍ୱିତୀୟ ଇନିଂସରେ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ସହିତ ମ୍ୟାଚ୍‌ରେ ମୋଟ ୯ ଉଇକେଟ୍ ନେଇଥିବା ସିରାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ ଓ ଇଂଲଣ୍ଡର ହ୍ୟାରୀ ବ୍ରୁକ ମିଳିତ ଭାବେ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୩୯/୬ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଜେମି ସ୍ମିଥ ଓ ଜେମି ଓଭରଟନ କ୍ରିଜକୁ ଓହ୍ଲାଇଥିଲେ। ଦୁହିଁଙ୍କୁ କ୍ରମାଗତ ଓଭରରେ ସିରାଜ ପାଭିଲିଅନ ପଠାଇଥିଲେ। ସ୍ମିଥ(୨) ଉଇକେଟ ପଛରେ କ୍ୟାଚ୍ ଆଉଟ୍ ହୋଇଥିବା ବେଳେ ଓଭରଟନ(୯ ରନ୍, ୨ ଚୌକା) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାର ଦୁଇ ଓଭର ପରେ ଖାତା ଖୋଲି ନ ଥିବା ଜୋଶ ଟଙ୍ଗଙ୍କୁ ପ୍ରସିଦ୍ଧ କ୍ରିଷ୍ଣା କ୍ଲିନ୍ ବୋଲ୍ଡ କରି ଟିମ୍ ଇଣ୍ଡିଆ କ୍ୟାମ୍ପକୁ ଉଲ୍ଲସିତ କରିଥିଲେ। ବାମ କାନ୍ଧରେ ଗୁରୁତର ଆଘାତ ଲାଗିଥିବାରୁ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ କ୍ରିସ ୱୋକ୍ସ। ଦର୍ଶକମାନେ ଛିଡ଼ା ହୋଇ ତାଳି ମାରି ତାଙ୍କୁ ସ୍ୱାଗତ କରିଥିଲେ। ଅବଶ୍ୟ ତାଙ୍କୁ ବ୍ୟାଟିଂ କରିବାକୁ ପଡ଼ି ନ ଥିଲା। କାରଣ ଗସ୍ ଆଟକିନସନ ଏକାକୀ ମ୍ୟାଚ୍ ଶେଷ କରିବାକୁ ଉଦ୍ୟମ କରିଥିଲେ। ସିରାଜଙ୍କ ଓଭରରେ ଏକ ଛକା ଲଗାଇ ଆଟକିନସନ ଘରୋଇ ଦଳର ବିଜୟ ସମ୍ଭାବନାକୁ ଉଜ୍ଜୀବିତ ରଖିଥିଲେ। ଏହାପରେ ସେ ପ୍ରସିଦ୍ଧଙ୍କ ଓଭରରେ ୩ ରନ କରିଥିଲେ। ହେଲେ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ତାଙ୍କୁ ସିରାଜ କ୍ଲିନ ବୋଲ୍ଡ କରି ଭାରତକୁ ଚମତ୍କାର ବିଜୟ ଆଣି ଦେଇଥିଲେ। ଫଳରେ ଇଂଲଣ୍ଡ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପାଇଁ ବ୍ରୁକ ୧୧୧ ଓ ଜୋ ରୁଟ୍ ୧୦୫ ଶତକୀୟ ପାଳି ଖେଳିଥିବା ବେଳେ ଆଟକିନସନ ୧୭ ରନ (ଗୋଟିଏ ଛକା) କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଭାରତ ପାଇଁ ସିରାଜ ୫, ପ୍ରସିଦ୍ଧ ୪ ଓ ଆକାଶ ଦୀପ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୬୭/ଅଲଆଉଟ୍ (ହ୍ୟାରୀ ବ୍ରୁକ–୧୧୧, ଜୋ ରୁଟ୍–୧୦୫, ବେନ ଡକେଟ–୫୪, ମହମ୍ମଦ ସିରାଜ–୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା–୪/୧୨୬)।

## ଶିବୁ ସୋରେନ୍‌ଙ୍କ ...

ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ, ଆଜି ମୁଁ ଶୂନ୍ୟ ହୋଇଗଲି ବୋଲି ତାଙ୍କ ପୁଅ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ Xରେ ପୋଷ୍ଟ କରିଛନ୍ତି। ସୋମବାର ସକାଳ ୮ଟା ୫୬ ମିନିଟ୍ ସମୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ବୋଲି ନେଫ୍ରୋଲୋଜି ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଡ. ଏ.କେ. ଭାଲ୍ଲା କହିଛନ୍ତି। ତାଙ୍କ ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ପ୍ରିୟ ଗୁରୁଜୀଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶିବୁ ସୋରେନ୍ ଜେଏମ୍‌ଏମ୍‌ର ପ୍ରତିଷ୍ଠାତା ଓ ୩୮ ବର୍ଷ ଧରି ଏହାର ନେତା ରହିଥିଲେ। ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ଗରିବ, ଦଳିତଙ୍କ ସମେତ ଝାଡ଼ଖଣ୍ଡର ଜନତାଙ୍କର ସ୍ୱର ଥିଲେ। ତାଙ୍କ ପରଲୋକ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲ ଯାଇ ଶିବୁଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ପିଟାଲରେ ପହଞ୍ଚି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟ, ଗରିବ ଏବଂ ଦଳିତଙ୍କୁ ସଶକ୍ତ କରିବାରେ ଶିବୁ ସୋରେନଙ୍କର ବିଶେଷ ଆଗ୍ରହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ହସ୍ପିଟାଲରେ ପହଞ୍ଚି ଜେଏମ୍‌ଏମ୍ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦୀପିକାଙ୍କ ରିଲ୍ସର...

'ଇଟ ମ୍ୟାଟର୍ସ ହ୍ୱେୟାର ୟୁ ଷ୍ଟେ' ଅଭିଯାନ ଅନ୍ତର୍ଗତ କମ୍ପାନୀର ବିଭିନ୍ନ ହୋଟେଲରେ ଥିବା ଆରାମଦାୟକ ସୁବିଧା ସମ୍ପର୍କରେ ଅବଗତ କରାଉଥିଲେ। ସୋମବାର ସୁଦ୍ଧା ଏହି ରିଲ୍ସର ଭିଉଜ୍ ୧.୯ ବିଲିୟନ ଅତିକ୍ରମ କରିଥିବା ବେଳେ ୧ ମିଲିୟନ ୟୁଜର୍ସ ଉକ୍ତ ରିଲ୍ସକୁ ଲାଇକ କରିଛନ୍ତି। ପୂର୍ବରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ମୋବାଇଲ ଗେମିଂ ପ୍ଲାଟ୍‌ଫର୍ମ ବ୍ୟାଟଲ ଗ୍ରାଉଣ୍ଡସ୍ ମୋବାଇଲ ଇଣ୍ଡିଆ (ବିଜିଏମ୍‌ଆଇ) ପାଇଁ କରିଥିବା ବିଜ୍ଞାପନ ରିଲ୍ସ ୧.୬ ବିଲିୟନ ଭିଉଜ୍ ପାଇଥିଲା। ଦୀପିକାଙ୍କ ହିଲଟନ୍ ପ୍ରମୋଶନ ରିଲ୍ସ ଉକ୍ତ ରେକର୍ଡକୁ ଭାଙ୍ଗିଛି। ପ୍ରକାଶ ଯେ, ସମ୍ପ୍ରତି ଦୀପିକା ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨*ଏ୬' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଉକ୍ତ ଫିଲ୍ମ ମୁକ୍ତିଲାଭ କରିବ।

## ଅପାରଗ ବାବୁଙ୍କ ...

ଚାକିରିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ତଥ୍ୟ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ ହୋଇଛି କିମ୍ବା ଗଚ୍ଛିତ ରହିଛି ତା'ର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ସେହିପରି ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଯଦି ସେ ପଦୋନ୍ନତି ପାଇବାକୁ ଯୋଗ୍ୟ ଅଛନ୍ତି ତାଙ୍କର ନାମ ପଦୋନ୍ନତି ତାଲିକାରେ ନ ଦର୍ଶାଇ କେବଳ ସିଲ୍‌ଡ କଭର ଭିତରେ ରଖାଯାଇପାରିବ ବୋଲି ସେ ଦର୍ଶାଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଚାକିରିଆଙ୍କ ଅବସରଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯିବାକୁ କୁହାଯାଇଥିଲା। ତେଣୁ ସମ୍ପୃକ୍ତ ବିଭାଗରେ କେତେଜଣ ଚାକିରିଆ କେଉଁ ମାସରେ ଅବସର ନେଇଛନ୍ତି ଏବଂ କେତେଜଣଙ୍କୁ ବାସ୍ତବରେ ତାଙ୍କର ପେନ୍‌ସନ ପ୍ରମାଣପତ୍ର ପ୍ରଦାନ କରାଯାଇଛି ତା'ର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ହେବ। ଏହାସହିତ ସରକାରଙ୍କ ପକ୍ଷରୁ ବିଭାଗୀୟ ସଚିବଙ୍କ ସହିତ ବରିଷ୍ଠ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାପାଇଁ କୁହାଯାଇଥିଲା। ଏହାକୁ ନେଇ କେଉଁ ଅଧିକାରୀ କେଉଁ ତାରିଖରେ କେଉଁ ସ୍ଥାନକୁ ଗନ୍ତବ୍ୟ କରିଛନ୍ତି ଏବଂ ତୃଣମୂଳସ୍ତରରେ ସରକାରଙ୍କ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ କ'ଣ ତଥ୍ୟ ରହିଛି ତାହା ଜଣାଇବାକୁ ପତ୍ରରେ ଉଲ୍ଲେଖ ରହିଛି। ଏହାସହିତ କର୍ମଚାରୀଙ୍କ ଉପସ୍ଥାନ, ବିଭାଗୱାରି କେତେ ପଦ ଖାଲି ରହିଛି ଭଳି ବିଭିନ୍ନ ଦିଗ ଉପରେ ହୋଇଥିବା ଆଲୋଚନାକୁ ନେଇ ବିବରଣୀ ପ୍ରଦାନ କରିବାକୁ ଓଏସ୍‌ଡି ପତ୍ରରେ ଦର୍ଶାଇଛନ୍ତି।

## ମଦ ବିକ୍ରି ଅଭିଯୋଗ, ଜଣେ ଗିରଫ

କୋରାପୁଟ,୪।୮ (ଅମିତାଭ ବେହେରା)- ବେଆଇନ ମଦ ବିକ୍ରି ଅଭିଯୋଗରେ କୋରାପୁଟ ଟାଉନ ଥାନା ପୋଲିସ ଜଣଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୪୦ ଲିଟର ମଦ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ଟିକିରା ସାହିର ଲାଲ ମୋହନ ସାହୁ। ସେ କୋରାପୁଟ ମୁଖ୍ୟ ଟ୍ରାଫିକ ଛକରେ ମଦ ବିକ୍ରି କରୁଥିବା ବେଳେ ଟାଉନ ଥାନା ସବଇନ୍ସପେକ୍ଟର ରଞ୍ଜିତ ମିଶ୍ର, ଉମେଶ କୁମାର ଧାରୁଆ,ଏଏସ୍ଆଇ ସୁବାସ ଚନ୍ଦ୍ର ଶୀସା, ଶରତ ଚନ୍ଦ୍ର ବିଷୋୟୀ ପାଟ୍ରୋଲିଂ କରି ଜବତ କରିଥିଲେ। ଏ ନେଇ ଟାଉନ ଥାନାରେ କେଶ ନଂ.୧୬୨/୨୫ରେ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ପୂର୍ବତନ ଜିଲା ସଂଘ ଚାଳକଙ୍କ ପରଲୋକ

ଗୋବିନ୍ଦପାଲି, ୪।୮ (କାର୍ତ୍ତିକ ରଥ)



ମାଲକାନଗିରି ଜିଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ଜିଲା ସଂଘ ଚାଳକ ତଥା ଗୋବିନ୍ଦପାଲି ଅଞ୍ଚଳର ନିଶୁଳ୍କ ଯୋଗଗୁରୁ ମୁରାରୀ ମହାପାତ୍ର (୭୫)ଙ୍କର ରବିବାର ମୃତ୍ୟୁ ହୋଇଛି। ସେ ବହୁଦିନ ଧରି କିଡ୍‌ନୀ ଜନିତ ଏବଂ ହୃଦ୍ ରୋଗରେ ପୀଡିତ ଥିଲେ। ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମହାପାତ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ । ବିଗତ ଦିନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସକ୍ରିୟ ସେବକ ଥିଲେ। ପରେ ଜିଲା ସଂଘ ଚାଳକ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଗୋବିନ୍ଦପାଲ୍ଲୀସ୍ଥିତ ଗୋବିନ୍ଦଶ୍ରୀକ୍ଷେତ୍ରରେ ହେଉଥିବା ପର୍ବ ପର୍ବାଣୀରେ ନିଜେ ଉପସ୍ଥିତ ରହି ତୁଲାଉଥିଲେ। ଗୋବିନ୍ଦପାଲ୍ଲୀଠାରେ ଖରା ବର୍ଷା ଓ ଏପରି କି ହାଡ଼ଭଙ୍ଗା ଶୀତରେବି ସେ ଭୋର ୪ ଟାରୁ ୩ କି.ମି.ଦୂର ଗୋବିନ୍ଦପାଲି ଆସି ପ୍ରତ୍ୟେକ ଦିନ ଯୋଗଶିକ୍ଷା ଦେଉଥିଲେ।

## ପଡିଆ ପୋଲିସ ଦ୍ୱାରା ବିଦେଶୀ ମଦ ଜବତ



ପଡିଆ,୪।୮ (ଭାସ୍କର ରାଓ)

ପଡିଆ ପୋଲିସ ଦ୍ୱାରା ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ବିହାର ରାଜ୍ୟର ଧର୍ମେନ୍ଦ୍ର କୁମାର। ସୋମବାର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ମାଲକାନଗିରି ଏସ୍‌ଡିପିଓ ଦିବ୍ୟଶଙ୍କର ଦଲେଇ ଓ ପଡିଆ ଥାନା ଅଧିକାରୀ, ଡିଏସ୍‌ପି ରାମେଶ୍ୱର ପଧାନ ମିଳିତ ଭାବେ ଏକ ଟିମ୍ ଗଠନ କରି କାଳିମେଳାରୁ ଉଣ୍ଡୁରୁକୋଣ୍ଡା ଯାଉଥିବା ବିଦେଶୀ ମଦ ଚାଲାଣକାରୀଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ସନ୍ଧ୍ୟାରେ ଏକ ବୋଲେରୋରୁ ୧୬୫ ଲିଟର ବିଦେଶୀ ମଦ ଚାଲାଣ ହେଉଥିବା ବେଳେ ଗାଡି ଧରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ପଡିଆ ଥାନାରେ ନଂ.୯୪/୨୫ ମାମଲା ରୁଜୁ କରାଯାଇ ଏସ୍ଆଇ ନିରୋଦ କୁମାର ବାଘ ଘଟଣାର ତଦନ୍ତ କରୁଛନ୍ତି।

# ୟୁରିଆ ସାର ନ ମିଳିବାରୁ ଜିଲାପାଳଙ୍କୁ ଚାଷୀଙ୍କ ଅଭିଯୋଗ

ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର)



ୟୁରିଆ ମିଳୁ ନ ଥିବାରୁ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ମାଲକାନଗିରି ଜିଲାରେ ଖରିଫ୍ ଚାଷ ଆରମ୍ଭ ହୋଇଛି। ଚାଷୀମାନଙ୍କୁ ଠିକ୍ ସମୟରେ ୟୁରିଆ ସାର ମିଳୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ଜିଲାର ଚାଷୀମାନେ ଏକତ୍ର ହୋଇ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ଚାଷୀମାନଙ୍କୁ ପ୍ରତି ସୋମବାର ୟୁରିଆ ସାର ଦେବାର ନିୟମ ରହିଥିବା ବେଳେ ଗତ ଦୁଇ ସପ୍ତାହ ହେଲା ଦିଆଯାଇନାହିଁ। ୪ ତାରିଖରେ ୟୁରିଆ ସାର ପାଇଁ ଯିବାରୁ ଚାଷୀମାନଙ୍କୁ ଆସନ୍ତା ସପ୍ତାହରେ ଆସିବା ପାଇଁ କୁହାଯାଇଛି। ତେବେ ବର୍ତ୍ତମାନ ଚାଷ ନିମନ୍ତେ ସାରର ଆବଶ୍ୟକ ଥିବା ବେଳେ ଏହା ଜମିରେ ସିଞ୍ଚନ କରା ନ ଗଲେ ଫସଲ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ୟୁରିଆ ସାର ପ୍ରଦାନ ନିମନ୍ତେ ଚାଷୀମାନେ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଏହି ଅଭିଯୋଗ ପତ୍ର ଦେବା ସମୟରେ ଜିଲାର ଚାଷୀ ପୁରୁଷୋତ୍ତମ ମାଡି, ଇର୍ମା ମାଡ଼କାମି, ଲଛମନ ମାଡ଼ି, ରଘୁରାମ ଡୁରୁକା, ଦେବା କବାସୀ ଓ ଭୀମସେନ ପଡ଼ିଆମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଳଗଦାରୁ ୯ ଫୁଟର ଅଜଗର ଉଦ୍ଧାର

କୋରୁକୋଣ୍ଡା,୪।୮ (ଶିବଦତ୍ତ ସାହୁ)



ଉଦ୍ଧାର ଅଜଗର।

କୋରୁକୋଣ୍ଡା ପଞ୍ଚାୟତ ସଦର ମହକୁମାର ଗୋଟିଏ ପାଳଗଦାରୁ ୯ ଫୁଟ ଲମ୍ବର ଏକ ଅଜଗରକୁ ବନ ବିଭାଗର ପରାମର୍ଶକ୍ରମେ ଜଣେ ବାବା ଏବଂ ରାଜେଶ ଦୋରାଙ୍କ ଉଦ୍ୟମରେ ରବିବାର ବିଳମ୍ବିତ ରାତିରେ ଧରାଯାଇ ନିକଟ ଜଙ୍ଗଲରେ ସୁରକ୍ଷିତ ଭାବେ ଛଡ଼ାଯାଇଥିଲା। ଗ୍ରାମର କୈଳାସ ପାଳଙ୍କ ଘର ପଛପଟେ ପାଳ ରଖାଯାଇଥିଲା। ରାତି ପ୍ରାୟ ୮ଟାରେ ଘର ଲୋକେ ପାଳ ଆଣିବା ଲାଗି ଗଦା ପାଖକୁ ଗଲାବେଳେ ସେଠାରେ ଗୋଟିଏ ବିରାଟକାୟ ଅଜଗର ଥିବା ଦେଖିଥିଲେ। ପରିବାର ଲୋକେ ସାପକୁ ଦେଖି ଭୟଭୀତ ହୋଇ ଲୋକଙ୍କୁ ଡାକିଥିଲେ। ଗ୍ରାମରେ ଥିବା ବାବାଙ୍କୁ ଡାକିବା ସହିତ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଗ୍ରାମର ରାଜେଶ କୁମାର ଦୋରାଙ୍କୁ ପଠାଇଥିଲେ। ଦୁଇଜଣ ବ୍ୟକ୍ତି ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଚେଷ୍ଟା କରିବା ପରେ ଅଜଗରକୁ ବାହାରକୁ ବାହାର କରିଥିଲେ। ତା'ପରେ ସାପଟିକୁ କିଛି ଦୂରରେ ଥିବା ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ମାଲକାନଗିରିରେ ଯୁଗ୍ମ ଜନଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର)


ମାଲକାନଗିରି ଜିଲାର ନୂତନ ଜିଲାପାଳ ସମେଶ କୁମାର ଉପାଧ୍ୟାୟ କାର୍ଯ୍ୟଭାର ଗ୍ରହଣ କଲାପରେ ସୋମବାର ପ୍ରଥମ ଯୁଗ୍ମ ଶୁଣାଣି କରିଥିଲେ। ପ୍ରାୟ ୨୫ ବିଭିନ୍ନ ଅଭିଯୋଗର ଶୁଣାଣି କରି ତୁରନ୍ତ ଏହାର ସମାଧାନ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୭ ବ୍ଲକ୍‌ରୁ ଆସିଥିବା ଅଭିଯୋଗକାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳ ଅବଗତ ହୋଇଥିଲେ। ଏହି ଅବସରରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ପରିଷଦ ମୁଖ୍ୟ ନର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ମହିଳା ମୃତ

ବୋରିଗୁମ୍ମା,୪।୮ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ହାଇସ୍କୁଲ ନିକଟରେ ନୂତନ ଘର କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳା ଶ୍ରମିକଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଦଳେଇଗୁଡ଼ା ଗ୍ରାମର ତୁଳସା ହରିଜନ(୩୦)। ନବରଙ୍ଗପୁର ଅଞ୍ଚଳର ଟଟିଆଗୁଡ଼ା ଗ୍ରାମର ଚନ୍ଦ୍ରା ଅମନାତ୍ୟ(୧୯) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବୋରିଗୁମ୍ମା ହାଇସ୍କୁଲ ନିକଟରେ ନିରଞ୍ଜନ ସାହୁଙ୍କ ଏକ ୩ ମହଲା କୋଠା କାର୍ଯ୍ୟ ଚାଲିଥିବା ବେଳେ ଶ୍ରମିକ ଭାବେ କାମ କରୁଥିବା ତୁଳସା ଓ ଚନ୍ଦ୍ରାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେମାନଙ୍କୁ ସ୍ଥାନୀୟ ଲୋକେ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତୁଳସାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ସମ୍ପର୍କୀୟ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଗାଁ ପୋଖରୀରୁ ଧରାପଡ଼ିଲା ୫ ଫୁଟିଆ କୁମ୍ଭୀର



ଧରାପଡ଼ିଥିବା କୁମ୍ଭୀର।

ଏମ୍‌ଭି-୭୯, ୪।୮ (ଭିକି ବାରିକ)

ମାଲକାନଗିରି ଜିଲା ଏମ୍‌ପିଭି ୮୩ ଗ୍ରାମ ପୋଖରୀରେ ୪ ଦିନ ତଳେ ଏକ ୫ ଫୁଟିଆ କୁମ୍ଭୀର ଦେଖାଯାଇଥିଲା। ସୋମବାର ଏହି ଘଡ଼ିଆଳ ପ୍ରଜାତିର କୁମ୍ଭୀରକୁ ଗ୍ରାମବାସୀଙ୍କ ସହାୟତାରେ ଏକ ଜାଲ ଦ୍ୱାରା ଧରାଯାଇଛି। ଶୁକ୍ରବାରଠାରୁ ଲୋକେ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଧରିପାରି ନ ଥିଲେ। ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ, ଅଗ୍ନିଶମ ବାହିନୀ ଜାଲ୍ ଓ ପାୱାର ବୋଟ୍ ଦ୍ୱାରା ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୁମ୍ଭୀରଟି ଖସିଯାଇଥିଲା. ବହୁ ଚେଷ୍ଟା ପରେ ଧରାପଡ଼ିଛି। ତାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଛଡ଼ାଯିବ ବୋଲି ମୋଟୁ ବନପାଳ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ଗଜିଆଗୁଡ଼ା ଗ୍ରାମବାସୀଙ୍କୁ ନଦୀ ପାର ପାଇଁ ଡଙ୍ଗା ପ୍ରଦାନ

ଗୋବିନ୍ଦପାଲି, ୪।୮ (କାର୍ତ୍ତିକ ରଥ)



ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଡଙ୍ଗା ।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ପକ୍ଷରୁ ଗଜିଆଗୁଡ଼ା ନଦୀ ପାର ହେବା ଲାଗି ଏକ ଡଙ୍ଗା ସୋମବାର ଦିଆଯାଇଛି। ବ୍ଲକ୍ ପ୍ରଶାସନ ଗଜିଆଗୁଡ଼ା ନଦୀପାଖରେ ପହଞ୍ଚି ପାର ହେବା ପାଇଁ ଏକ ସରକାରୀ ଡଙ୍ଗା ପ୍ରଦାନ କରିଛନ୍ତି। ଖଇରପୁଟ ବିଡିଓ ଉମାଶଙ୍କର କୋୟାଙ୍କ ସମେତ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବେହେରା, ସରପଞ୍ଚ ସୁମନ ମୁଦୁଲି, ୱାର୍ଡମେମ୍ବର ଧନ ଗୁଞ୍ଜିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀ ପ୍ରମୁଖଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ଡଙ୍ଗା ପୂଜା କରାଯାଇଥିଲା। ଏହାପରେ ସମସ୍ତେ ନଦୀ ଆରପାରିକୁ ଡଙ୍ଗା ଯୋଗେ ଯାଇ ଏହାର ବ୍ୟବହାର ସହ ସୁରକ୍ଷିତ ଭାବେ ନଦୀ ପାର ପାଇଁ ଉତ୍ସାହିତ କରିଥିଲେ। ଏହି ଡଙ୍ଗା ଦ୍ୱାରା ନଦୀର ଉଭୟ ପାର୍ଶ୍ୱରେ ଥିବା ଗଜିଆଗୁଡା, ସୁରାକନ, ନୂଆଗୁଡ଼ା, ଅନ୍ଧାରୀ, ଅଟାଲଗୁଡ଼ା ଓ କମଳାପଦର ଲୋକେ ଉପକୃତ ହେବେ। ପ୍ରକାଶ ଯେ, ଦୀର୍ଘ ୬ ବର୍ଷ ହେବ ଗଜିଆଗୁଡ ନଦୀରେ ପୋଲ ନିର୍ମାଣ କାମ ସରୁନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମକଦ୍ଦମା ଚାଲୁଥିବାରୁ ଏହି କାମ ଆଗେଇପାରୁ ନ ଥିବା ଜଣାପଡ଼ିଛି।

## ୧୨୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ନନ୍ଦପୁର/ପାଡୁଆ, ୪।୮ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ପାଡୁଆ ଥାନା ପୋଲିସ ବଡଦେବତା ମନ୍ଦିର ଛକ ନିକଟରୁ ୧୨୫ କିଲୋ ଗଞ୍ଜେଇ ଜବତ କରି ମାଲକାନଗିରି ଜିଲା ଚିଟେଞ୍ଜିଲିକା ଗ୍ରାମର ମଧୁ ଖିଲ ଓ ଡୁମୁନାଥ ହନ୍ତାଳଙ୍କୁ ସୋମବାର ଗିରଫ କରିଛି। ମାଲକାନଗିରିରୁ ଆନ୍ଧ୍ର ପ୍ରଦେଶ ଆରକୁ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ଖବର ପାଇ ପାଡୁଆ ପୋଲିସ ଯାଞ୍ଚ କରିଥିଲା। ଏହି ସମୟରେ ଏକ କାର(ଓଆର-୦୨ଡବ୍ଲ୍ୟୁ-୯୮୬୦)ରୁ ଗଞ୍ଜେଇ ମିଳିଥିଲା। ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ପାଡୁଆ ଥାନାରେ କେଶ ନଂ. ୮୮/୨୫ରେ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଶୋକ କୁମାର ବିଷୋୟୀ ସୂଚନା ଦେଇଛନ୍ତି।

## କୋର୍ଟରେ ମାନସିକ ରୋଗୀଙ୍କ ଭଙ୍ଗାରୁଜା



ଜିଲା ଜଜ୍‌କୋର୍ଟ ପରିସରରେ ଭଙ୍ଗାରୁଜା କରାଯାଇଛି।

ମାଲକାନଗିରି, ୪।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ମଧ୍ୟରେ ଜଣେ ମାନସିକ ରୋଗୀ ପ୍ରବେଶ କରି ଆସବାବପତ୍ରକୁ ଭଙ୍ଗାରୁଜା କରି ହୋହଲ୍ଲା କରିଥିଲେ। ମାଲକାନଗିରି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଲକ୍ଷ୍ମଣ ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ପରିବାର ପକ୍ଷରୁ ଲକ୍ଷ୍ମଣ ଜଣେ ମାନସିକ ରୋଗୀ ବୋଲି କୁହାଯାଉଥିବା ବେଳେ ପୋଲିସ ଏନେଇ ତଦନ୍ତକରି ଲକ୍ଷ୍ମଣଙ୍କୁ ପଚରାଉଚରା ଚଳାଇଛି।

# ସମସ୍ୟା ସମାଧାନ ନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ

ସେମିଳିଗୁଡ଼ା/ସୁନାବେଡ଼ା,୪।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

**ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

ସେମିଳିଗୁଡା ବ୍ଲକ୍ ଅଧୀନ ରାଜପଲମାରେ ପଞ୍ଚାୟତସ୍ତରୀୟ ସଚେତନତା ଓ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ଦେବେନ୍ଦ୍ର କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ,ପାନୀୟଜଳ, ଭତ୍ତା ଓ ଉନ୍ନୟନ ସମ୍ପର୍କିତ ମୋଟ ୧୧ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସମସ୍ୟାର ସମାଧାନ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଡବ୍ଲ୍ୟୁଇଓ ହର ପ୍ରସାଦ ଦାସ, ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ରମାକାନ୍ତ ନାୟକ, ଏଇ ବିଶ୍ମିତା ନାୟକ,ବିଏସ୍ଏସ୍ଓ ଟି.ଶୁରଭି, ପିଇଓ ସୁଜାତା ଖୁଣ୍ଟିଆ, ୱାର୍ଡମେମ୍ବର ଉତ୍ସବତି ଗାଦବାପାଡ଼ିଆ, ଅଙ୍ଗନୱାଡି ସୁପରଭାଇଜର ମୋନାଲିସା ଖେମୁଣ୍ଡୁ, ଅଙ୍ଗନୱାଡି କର୍ମୀ ଅନିତା ଖୋସଲା, ନିରୁପମା ସାମଲ,ବିଏଫ୍‌ଡି ମନୋଜ ସୁଂଗାଡୁ, ପେଶା କୋଡିନେଟର ପ୍ରମୋଦ ଖିଲ, ବିପିସି ଆର.ଏଚ୍. ନିରାକାର ଲମତା, ଏଡିଓ ସଙ୍ଗୀତା ସାହୁ, ଏଲଆଇ ସାଧନା କୁମାରୀ ମିଶ୍ର ଓ ବନପାଳ ନିରଞ୍ଜନ ଶତପଥୀ ଉପସ୍ଥିତ ଥିଲେ। ଏଥିରେ ୩ ହିତାଧିକାରୀ ନୂଆ ଭତ୍ତା ପାଇବାକୁ, ପଞ୍ଚାୟତର ୨ ଅଙ୍ଗନୱାଡି କେନ୍ଦ୍ରରେ ପାଣି ଓ ଶୌଚାଳୟ ସୁବିଧା କରିବାକୁ ନିବେଦନ କରିଥିଲେ। ଚର୍କଲି ଗାଁରେ ଡ୍ରେନ ଓ ଗାର୍ଡ ୱାଲ ନିର୍ମାଣ ନେଇ ଅଭିଯୋଗ ହୋଇଥିଲା। ରାଜ ପଲମା ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ପୁରୋହିତଙ୍କ ଅନ୍ୟତ୍ର ବଦଳିକୁ ରଦ୍ଦ କରିବା ନେଇ ଲୋକେ ଅଭିଯୋଗ କରିଥିଲେ।

## କାଦୁଅ ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ

ପାପଡ଼ାହାଣ୍ଡି, ୪।୮ (ସ୍ୱପ୍ନଜିତ ପଟ୍ଟନାୟକ)

ବାରମ୍ବାର ଗୁହାରି ସତ୍ତ୍ୱେ ପକ୍କା ରାସ୍ତା ନିର୍ମାଣ କଲାନି ପ୍ରଶାସନ। ଫଳ ସ୍ୱରୂପ ସୋମବାର କାଦୁଅ ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ କଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଅଧୀନ ଚିଙ୍ଗଡ଼ସର ଗ୍ରାମବାସୀ। ଗାଁକୁ ପକ୍କା ରାସ୍ତା ନ ଥିବାରୁ ଲଗାଣ ବର୍ଷାରେ ମାଟି ରାସ୍ତାରେ କାଦୁଅ ଭର୍ତ୍ତି ହୋଇ ରହିଛି। ଚଙ୍ଗଡ଼ସର ଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ୨ କିଲୋମିଟର ରୋଡ୍‌ରେ ଯାତାୟତ କଷ୍ଟକର। ରୋଗୀ ଓ ଗର୍ଭବତୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେବାକୁ ହେଲେ ଖଟିଆରେ ବୋହିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଲୋକମାନେ ରାସନ ସାମଗ୍ରୀ, ଭତ୍ତା ପାଇଁ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବା ସମୟରେ କାଦୁଅ ରାସ୍ତାରେ ଖସିପଡ଼ି ଆହତ ହେଉଛନ୍ତି। ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ, ବିଧାୟକଙ୍କୁ ଜଣାଇବା ସତ୍ତ୍ୱେ ରାସ୍ତା ମରାମତି ପାଇଁ କେହି ପଦକ୍ଷେପ ନେଉନାହାନ୍ତି। ନିର୍ବାଚନ ସମୟ ଆସିଲେ ପ୍ରତିନିଧିମାନେ ଭୋଟ ହାତେଇବା ପାଇଁ ଗାଁକୁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ପରେ କେହି ଆସନ୍ତି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ମଧ୍ୟରେ ରାସ୍ତା ନିର୍ମାଣ ନକଲେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବା ସହ କୌଣସି ରାଜନେତା କିମ୍ବା ପ୍ରଶାସନ ଅଧିକାରୀଙ୍କୁ ଗାଁକୁ ପୂରାଇ ଦେବୁ ନାହିଁ ବୋଲି ଗ୍ରାମର ତ୍ରିନାଥ ପାଙ୍ଗି, ଡମ୍ବୁ ଭତରା, ସଦନ ଭତରା, ଝାଡ଼େଶ ଭତରା, ସୋନୁ ପାଙ୍ଗି, ସିମାଞ୍ଚଳ ମାଝୀ, ବନ୍ଧୁ ଭତରା, ପଦ୍ମ ଭତରା, ଧନେଇ ଭତରା, ସୁବର୍ଣ୍ଣ ଭତରା, ଚନ୍ଦ୍ରମା ଭତରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବିକ୍ରି ହେଉଛି ଶସ୍ୟରୁ ପ୍ରସ୍ତୁତ, ପରିବେଶ ଅନୁକୂଳ ରାଖୀ

ନବରଙ୍ଗପୁର,୪।୮ (ସଦାଶିବ ପ୍ରହରାଜ)

**'ନିଆରା ରାଖୀର ସମ୍ଭାର'ର ଉଦ୍‌ଘାଟନ**

ନବରଙ୍ଗପୁର ତହସିଲଦାର କାର୍ଯ୍ୟାଳୟ ନିକଟରେ ଓରମାସ୍ ସହଯୋଗରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶସ୍ୟ ତିଆରି ତଥା ପରିବେଶ ଅନୁକୂଳ ହାତ ତିଆରି ରାଖୀ ବିକ୍ରୟ କେନ୍ଦ୍ର 'ନିଆରା ରାଖୀର ସମ୍ଭାର'କୁ ସୋମବାର ଉଦ୍‌ଘାଟନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲାପାଳ ମହେଶ୍ୱର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ରାଖୀ କିଣିବା ଓ ସେମାନଙ୍କ ଆର୍ଥିକ ସମୃଦ୍ଧି ପାଇଁ ସହଯୋଗ କରିବାକୁ ଅତିଥିମାନେ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଓରମାସ ସହକାରୀ ସିଇଓ ଏ. ଉମା ମହେଶ, ଡିଆଇପିଆର୍ ଓ ମନୋଜ ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଐଶ୍ୱର୍ଯ୍ୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ କୋଷଗୁମୁଡ଼ା ବ୍ଲକ୍‌ର ଧନଲକ୍ଷ୍ମୀ, ଭୈରବୀ ଓ ମହିମା ଏସ୍‌ଏଚ୍‌ଜି ସଭ୍ୟ ଏହି ରାଖୀ ପ୍ରସ୍ତୁତ କରୁଛନ୍ତି। ଏହି ରାକ୍ଷୀ ନିରନ୍ତର ବିକାଶ ପରିଚୟ ସହ ଜୈବିକ କ୍ଷୟଯୋଗ୍ୟ ଓ କ୍ଷତିକାରକ ବର୍ଜ୍ୟ ବସ୍ତୁ ପ୍ରତିରୋଧକ ଅଟେ।



ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲାପାଳ ରାକ୍ଷୀ ଷ୍ଟଲ ଉଦ୍‌ଘାଟନ କରୁଛନ୍ତି।

# ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ



ଛାତ୍ରୀଛାତ୍ର ଗଛ ତଳେ ବସି ପାଠ ପଢୁଛନ୍ତି।

ବୋରିଗୁମ୍ମା,୪।୮ (ବିଜୟ ସାହୁ)

- ସ୍କୁଲରେ ନାହାଁନ୍ତି ଗଣିତ,ବିଜ୍ଞାନ ଶିକ୍ଷକ
- ପିଲାଙ୍କୁ ପଢ଼ାଇଲେ ବିଡିଓ, ମଙ୍ଗଳ ଅଧିକାରୀ

ବୋରିଗୁମ୍ମା ବ୍ଲକ୍ କଣାଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଆଠ ମାସ ହେବ କେହି ବିଜ୍ଞାନ ଓ ଗଣିତ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀ ବିଭିନ୍ନ ସ୍ତରରେ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ଶିକ୍ଷକ ନିଯୁକ୍ତ ହେଉ ନ ଥିବାରୁ ସୋମବାର ଗ୍ରାମବାସୀ ଏକତ୍ର ହୋଇ ବିଦ୍ୟାଳୟରେ ତାଲା ପକାଇଥିଲେ। ପିଲାଙ୍କୁ ଶ୍ରେଣୀ କକ୍ଷରୁ ବାହାର କରି ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଫଳରେ ଛାତ୍ରୀଛାତ୍ର ଗଛ ତଳେ ବସି ପାଠ ପଢ଼ିଥିଲେ। ଶିକ୍ଷକ ଅଭାବ ଥିବାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କୋର୍ସ ସାରିବା ନେଇ ସେମାନେ ଚିନ୍ତାରେ ଥିବା କହିଛନ୍ତି। ଶିକ୍ଷକ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ତାଲା ଖୋଲିବୁ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରି ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିଦ୍ୟାଳୟ ଗେଟ ଖୋଲିଥିଲେ। ଏହା ପରେ ବୋରିଗୁମ୍ମା ବିଡିଓ ପଟ୍ଟନାୟକ ଓ ଡବ୍ଲ୍ୟୁଇଓ ସୋନାଲି ନାୟକ ପିଲାଙ୍କୁ ଗଣିତ ଏବଂ ବିଜ୍ଞାନ ପଢ଼ାଇଥିଲେ।

ଏ ସମ୍ପର୍କରେ ବିଡିଓ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ନୂତନ ଶିକ୍ଷକ ନିଯୁକ୍ତି ହେବା ପର୍ଯ୍ୟନ୍ତ ସମୟ ଦେଖି ମୁଁ ଓ ବ୍ଲକ୍ କର୍ମଚାରୀ ପିଲାଙ୍କୁ ଗଣିତ ଏବଂ ବିଜ୍ଞାନ ପାଠ ପଢ଼ାଇବୁ। ଏହି ସମୟରେ ଗିତେଶ ବିଷୋୟୀ, ସୁନୀଲ ବିଷୋୟୀ, ନିରଞ୍ଜନ ବିଷୋୟୀ ଓ ଗୋପାଳ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# ଗଣତନ୍ତ୍ର ପାଇଁ ଅଶୁଭ

ଭାରତ ଓ ଚାଇନା ମଧ୍ୟରେ ୧୯୬୨ ଯୁଦ୍ଧ ପରେ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି) ଟଣାଯାଇଥିଲା। ଏଲ୍ଏସି ଥିଲେ ମଧ୍ୟ ଦୁଇ ଦେଶର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ସୀମା ବିବାଦ ଲାଗି ରହିଛି। ଭାରତ ପୂରା ଅକ୍ସାଇ ଚୀନ୍‌କୁ ଦାବି କରୁଥିବା ବେଳେ ଚାଇନା ଅରୁଣାଚଳ ପ୍ରଦେଶକୁ ନିଜର ବୋଲି କହୁଛି। ୧୯୯୩ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିରେ ଏଲ୍ଏସିକୁ ବୈଧ ଭାବେ ସମ୍ମାନ ଦେବା ଲାଗି ଉଭୟ ରାଷ୍ଟ୍ର ସ୍ୱୀକାର କରିଥିଲେ ମଧ୍ୟ ତା'ପରଠାରୁ ଚାଇନା ବହୁବାର ଉତ୍ତେଜନା ସୃଷ୍ଟି କରିଆସିଛି। ବିଶେଷକରି ୨୦୧୩ରେ ଏଲ୍ଏସିରେ ଉତ୍ତେଜନା ପ୍ରକାଶ ପାଇବା ପରେ ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିପାଇଁ ଉଭୟ ରାଷ୍ଟ୍ର ମଧ୍ୟରେ ସୀମା ସୁରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ୧୫ ଜୁନ୍ ୨୦୨୦ରେ ଚାଇନା ଓ ଭାରତ ମଧ୍ୟରେ ଗଲୱାନଘାଟିରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଚାଇନାର ଅନୁପ୍ରବେଶକୁ ରୋକିବାକୁ ଯାଇଥିବା ଯବାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ହାତରେ ପିଟି ହତ୍ୟା କରାଯାଇଥିଲା। ସେପଟେ ଚାଇନାର ୪୫ରୁ ଅଧିକ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ପ୍ରତିପକ୍ଷ ବହୁବିଳମ୍ବରେ ସ୍ୱୀକାର କରିଥିବାବେଳେ ଭାରତ ପକ୍ଷରୁ ଏହି ସଂଖ୍ୟା ୬୦ ବୋଲି ଦାବି କରାଯାଇଥିଲା। ହେଲେ ଉଭୟ ପଟର କେତେ ଜଣ ମରିଥିଲେ ସେ ସଂକ୍ରାନ୍ତରେ ଏବେ ମଧ୍ୟ ସ୍ପଷ୍ଟ ଖବର ନାହିଁ। ଏଲ୍ଏସିରେ ଉତ୍ତେଜନା ଲାଗି ରହିଥିବା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଡିସେମ୍ବର ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ କହିଥିଲେ ଯେ, ଭାରତର ୨୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ମାଡ଼ିବସିଛି । ତେବେ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୀମା ସଡ଼କ ସଙ୍ଗଠନ(ବିଆର୍‌ଓ) ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଲକ୍ଷ୍ନୌ କୋର୍ଟରେ ମାନହାନି ମକଦ୍ଦମା କରିଥିଲେ। ୪ ଅଗଷ୍ଟ ୨୦୨୫ରେ ସୁପ୍ରିମକୋର୍ଟ ରାହୁଲଙ୍କ ମନ୍ତବ୍ୟକୁ ନିନ୍ଦା କରି ପଚାରିଛନ୍ତି ଯେ, ଆପଣ କିଭଳି ଜାଣିଲେ ଭାରତର ୨୦୦୦ ବର୍ଗ କିଲୋମିଟର ଚାଇନା ମାଡ଼ିବସିଛି। ଆପଣଙ୍କ ପାଖରେ ସେଭଳି ବିଶ୍ୱସନୀୟ ପ୍ରମାଣ ଦେବାର ଭରସାଯୋଗ୍ୟ ଉତ୍ସ ଅଛି କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ଆପଣ ଯଦି ଜଣେ ପ୍ରକୃତ ଭାରତୀୟ ହୋଇଥାଆନ୍ତେ, ତେବେ ଏଭଳି କହି ନ ଥାନ୍ତେ। ଏହାସହ ଶୀର୍ଷ କୋର୍ଟ କହିଛନ୍ତି ଯେ, ଆପଣ ଏ ବିଷୟ ପାର୍ଲାମେଣ୍ଟରେ କାହିଁକି ଉଠାଇନାହାନ୍ତି। ସଂସଦରେ ନ କହି ସୋସିଆଲ ମିଡିଆରେ କାହିଁକି ପୋଷ୍ଟ କରିଥିଲେ ବୋଲି ସୁପ୍ରିମକୋର୍ଟ ରାହୁଲଙ୍କୁ ପଚାରିଛନ୍ତି। ଏଥିସହିତ ବିଚାରପତି କହିଛନ୍ତି ଯେ, ଅଭିବ୍ୟକ୍ତିର ସ୍ୱାଧୀନତା ଅର୍ଥ ନୁହେଁ ଯେ ଜଣେ ଦାୟିତ୍ୱବାନ ବିରୋଧୀ ଦଳ ନେତା ଏଭଳି ସବୁ କରିବେ।

> ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ–କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।

ଦେଖିବାକୁ ଗଲେ ରାହୁଲଙ୍କ ପ୍ରତି ସୁପ୍ରିମକୋର୍ଟ ଯେଉଁ ଭାଷା ପ୍ରୟୋଗ କରିଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି। ଜଣେ ବିରୋଧୀ ଦଳ ନେତା ଭାବେ ସେ ବିଭିନ୍ନ ପ୍ରସଙ୍ଗରେ ରାଜନୀତି କରିବାକୁ ଖୁଣି ହେବ ନାହିଁ। କିନ୍ତୁ ଜାତୀୟ ନିରାପତ୍ତା ଓ ଆଞ୍ଚଳିକ ଅଖଣ୍ଡତାକୁ ବ୍ୟାହତ କଲା ଭଳି ମନ୍ତବ୍ୟ ଦେବା ଦେଶଦ୍ରୋହ ଭାବେ ବିଚାର କରାଯାଏ। ରାହୁଲଙ୍କ ସମସ୍ୟା ହେଲା ସେ ସରକାରଙ୍କ ଭୁଲ୍ ନୀତି ଓ ପଦକ୍ଷେପକୁ ସମାଲୋଚନା କରିବାକୁ ଯାଇ ଯେଉଁ ପ୍ରକାରର ମତ ଦେଉଛନ୍ତି, ତାହା ରାଜନୈତିକ ପ୍ରତିପକ୍ଷ ପରିବର୍ତ୍ତେ ସମଗ୍ର ଦେଶ ବିରୋଧରେ ଚାଲିଯାଉଛି। ଯଦି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା କିମ୍ବା ଆର୍‌ଏସ୍‌ଏସ୍ ବିରୋଧରେ ମତ ପ୍ରକାଶ କରୁଥାଆନ୍ତେ, ତେବେ ତାହା ଏକ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତିର ପରିଚୟ ଦେଇଥାଆନ୍ତା। କିନ୍ତୁ ଚାଇନା ଏକ ବିରାଟ ଅଞ୍ଚଳକୁ ନିଜ ଦଖଲକୁ ନେଇଗଲାଣି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିବା 'ଭାରତୀୟ ମୃତ ଅର୍ଥନୀତି' ସତ୍ୟ ବୋଲି କହିବା ଫଳରେ ତାଙ୍କର ଦେଶ ପ୍ରତି ଆଭିମୁଖ୍ୟ ସନ୍ଦେହ ଘେରକୁ ଚାଲିଆସୁଛି। କେବଳ ଏବର କଥା ନୁହେଁ, ତାଙ୍କ ଦଳ ନେତୃତ୍ୱାଧୀନ ଉପା–୨ ସରକାର ସମୟରେ ରାହୁଲ ନିଜେ ଯେଉଁଭଳି ଭାବେ ମନମୋହନ ସିଂଙ୍କ ଦ୍ୱାରା ଆଗତ 'ରିପ୍ରେଜେଣ୍ଟେଶନ ଅଫ୍ ଦି ପିପୁଲ (ସେକେଣ୍ଡ୍ ଆମେଣ୍ଡମେଣ୍ଟ ଆଣ୍ଡ୍ ଭାଲିଡେଶନ), ବିଲ୍ ୨୦୧୩ର ଅଧ୍ୟାଦେଶକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ଚିରି ଅସମ୍ମାନିତ କରିଥିଲେ, ସେବେଠାରୁ ସେ ତାଙ୍କର ରାଜନୈତିକ ଅପରିପକ୍ୱତାର ପ୍ରମାଣ ଦେଇଆସୁଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ– କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।

# ଜନାଦେଶର ଉପହାସ



ସହଦେବ ସାହୁ

ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନାମରେ ଶାସନର ଯେଉଁ ତିନୋଟି ଅଙ୍ଗ ଅଛି, ସେଗୁଡ଼ିକ ନିଜ ନିଜ ସୀମା ଭିତରେ ରହିଲେ 'ଗଣ'ର ବା ସମସ୍ତଙ୍କ ବିକାଶ ସମ୍ଭବ ହେବ: କୌଣସି ବ୍ୟକ୍ତି ବା କେତେକ ବ୍ୟକ୍ତିଙ୍କ ଗୋଷ୍ଠୀ ଅନ୍ୟକୁ ବା ଅନ୍ୟଗୋଷ୍ଠୀକୁ ଶୋଷଣ କରିବାର ଅବସର ପାଇବ ନାହିଁ। ରାଜନୀତି ଶାସ୍ତ୍ରରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ଉଲ୍ଲେଖ ଅଛି ତହିଁରେ ଗଣତନ୍ତ୍ରର ଜନାଦେଶକୁ ସର୍ବୋତ୍ତମ ଧରାଯାଏ। ବ୍ୟକ୍ତିଗୋଷ୍ଠୀ ଏକ ରାଜନୈତିକ ଦଳ ହୋଇଗଲେ ଗୋଷ୍ଠୀର ସ୍ୱାର୍ଥକୁ ଦେଖେ ଓ ଅନ୍ୟ ରାଜନୈତିକ ଦଳ ଯେପରି ଶାସନ ଗାଦିକୁ ନ ଆସୁ, ତାହାର ବିଭିନ୍ନ ଉପାୟ କରେ। ଏ ପ୍ରକାରର କନ୍ଦଳ ଜଙ୍ଗଲୀ ପରିବେଶ ସୃଷ୍ଟି କରେ: ହେଟାପଲର ମୁଖ୍ୟ ହେଟା (ଯାହାକୁ ରୁଡ୍‌ୱାର୍ଡ କିପ୍ଲିଙ୍ଗ୍ ତାଙ୍କ ବହି 'ଦି ଜଙ୍ଗଲ୍ ବୁକ୍'ରେ ଆଲ୍ଫା ମେଲ୍ ଆଖ୍ୟା ଦେଇଛନ୍ତି ; ଆଜିକାଲି ମହିଳାମାନେ ବି ନେତୃସ୍ଥାନକୁ ଆସୁଥିବାରୁ ଆଲ୍ଫା ଫିମେଲ୍ ବି ସମ୍ଭବ) ଯେପରି ସାରା ପଲକୁ କଣ୍ଟ୍ରୋଲ କରେ, ପ୍ରତି ରାଜନୈତିକ ଦଳର ମୁଖ୍ୟ (ସୁପ୍ରିମୋ ବା ହାଇକମାଣ୍ଡ) ଦଳର ସମସ୍ତ ସଦସ୍ୟଙ୍କୁ କଣ୍ଟ୍ରୋଲ କରନ୍ତି ଏବଂ ତାଙ୍କର ମତ ନ ମାନିଲେ ଗୋଠରୁ ବାହାର, ମାନେ ରାଜନୈତିକ ମୃତ୍ୟୁ। ଆମ ସମ୍ବିଧାନ–ପ୍ରଣୟନକାରୀମାନେ 'ରାଜନୈତିକ ଦଳ'ର ଚିନ୍ତା କରିନଥିଲେ, ସେମାନେ ଯେଉଁ ଦୁଇଟି ସମ୍ବିଧାନକୁ ଅନୁକରଣ କରୁଥିଲେ ତାହା ଆମେରିକା ଯୁକ୍ତରାଷ୍ଟ୍ରର ଲିଖିତ ସମ୍ବିଧାନ ଓ ବିଲାତର ପରମ୍ପରାଗତ ସମ୍ବିଧାନ, ତହିଁରେ ପଲିଟିକାଲ୍ ପାର୍ଟିର ଉଲ୍ଲେଖ ନ ଥିଲା। ସମ୍ବିଧାନ ପ୍ରଣୟନର ୩୫ ବର୍ଷ ପରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଅଣାଯାଇ ସମ୍ବିଧାନ ଭିତରେ ୧୦ମ ତଫସିଲ ପୂରାଗଲା ଏବଂ ପରବର୍ତ୍ତୀ କାଳରେ ଲୋକ ପ୍ରତିନିଧି ଆଇନ (ଦି ରିପ୍ରେଜେଣ୍ଟେସନ୍ ଅଫ୍ ଦି ପିପୁଲ୍ ଆକ୍ଟ ୧୯୫୧)ର ସଂଶୋଧନ ହେଲା– ଭାରତର ନିର୍ବାଚନ କମିଶନ୍ (ଇସିଆଇ)ଙ୍କ ତାଲିକାଭୁକ୍ତ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସଂଗୃହୀତ ଚାନ୍ଦା ଉପରେ ଆୟକର ଛାଡ଼ ପାଇଲେ ଏବଂ ନିର୍ବାଚନ ପ୍ରଚାରରେ ଦଳ କରୁଥିବା ଖର୍ଚ୍ଚକୁ ପ୍ରାର୍ଥୀର ନିର୍ବାଚନ–ଖର୍ଚ୍ଚସୀମା ବାହାରେ ରଖାଗଲା। ଏ ସବୁ ପରିବର୍ତ୍ତନ ରାଜନୈତିକ ଦଳମାନେ ସେମାନଙ୍କ ସୁବିଧା ପାଇଁ କରିନେଲେ। ଏଥିରୁ ଭ୍ରଷ୍ଟାଚାର ବୈଧାନିକ ହୋଇଗଲା। ୫ ବର୍ଷଯାକ ଜଣେ ଏମ୍‌ପି ୬୦ ଲକ୍ଷ ଟଙ୍କା ପାଖାପାଖି ଦରମା ପାଇବାର ଥିଲେ ବି ସେ ନିର୍ବାଚନରେ ୯୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ଲୋକ ପ୍ରତିନିଧି ଆଇନ ଅଧୀନରେ ତିଆରି ହୋଇଥିବା ଆଦର୍ଶ ଆଚରଣ ବିଧିରେ ରହିଲା। ଏ କି ପ୍ରକାରର ଆଦର୍ଶ ଦଳର ପ୍ରତିନିଧିମାନେ ବିଚାର କଲେ ନାହିଁ। ଜଳ ଜଳ ଦିଶୁଥିବା ଏଭଳି ଭ୍ରଷ୍ଟାଚାରକୁ ରାଜନୈତିକ ଦଳମାନେ ଆଇନର ରୂପ ଦେଲେ। ଯେତେ ଅଧର୍ମ ବା ଭ୍ରଷ୍ଟାଚାରୀ ବା ଆପରାଧିକ କାମ କରିଥିଲେ ବି ଥରେ ରାଜ୍ୟପାଳ ବା ରାଷ୍ଟ୍ରମୁଖ୍ୟ ହୋଇଗଲେ ଚାରିଖୁଣ ମାଫ୍। ମାର୍କିନ୍ ଗଣତନ୍ତ୍ରରେ ମଧ୍ୟ ସେହି କଥା। ସମ୍ବିଧାନ ତିଆରି ବେଳେ ପଲିଟିକାଲ୍ ପାର୍ଟି ନ ଥିଲା, କି ଲୋକଙ୍କୁ ନିଜ ସାଙ୍ଗରେ ଭସାଇ ନେବା ଭଳି ଓଜସ୍ୱିନୀ ଭାଷଣବାଜି (demagogues) ନଥିଲା।

ଆମେରିକାରେ ରାଷ୍ଟ୍ରପତିଙ୍କ ଆଡକୁ ପାୱାର ଢଳିବା ଆଜିକାର କଥା ନୁହେଁ। ବହୁ ଦିନ ହେଲା ଡିବେଟ୍ ଚାଲିଆସିଛି କିପରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସୀମିତ ରଖିବା। ରିଚାର୍ଡ ନିକ୍ସନ୍ ରାଷ୍ଟ୍ରପତୀୟ ପରମ୍ପରା ଭୁଲି ଯେପରି ୧୯୭୦ ଦଶକର ୱାଟର୍‌ଗେଟ୍ ସ୍କାଣ୍ଡାଲ୍‌ରେ ଫସିଗଲେ ତାହା କଂଗ୍ରେସକୁ ପ୍ରବର୍ତ୍ତାଇଲା ବହୁତ ନୂଆ ଆଇନ ଆଣିବାକୁ– ଏକ୍‌ଜିକ୍ୟୁଟିଭ୍ ପାୱାରକୁ ସୀମିତ କରି ତାକୁ ଆହୁରି ଦାୟିତ୍ୱଶୀଳ (accountable) ହେବାକୁ – ଯଥା ପ୍ରେସିଡେଣ୍ଟଙ୍କ ଟାକ୍ସ ରିଟର୍ନ, ଆର୍ଥିକ ସ୍ୱାର୍ଥ ଦ୍ୱନ୍ଦ୍ୱ ସାଧାରଣରେ ପ୍ରକାଶ କରିବାକୁ ହେବ। ଟ୍ରମ୍ପ୍ ତାଙ୍କର ଦ୍ୱିତୀୟବାର ପ୍ରେସିଡେନ୍ସିରେ କାଣିଚାଏ ବି ମାନୁନାହାନ୍ତି। ପ୍ରେସିଡେଣ୍ଟ ଆଉ ଜୁଡିସିଆରି ଭିତରେ ସମ୍ପର୍କରେ କେବେ ତିକ୍ତତା ସୃଷ୍ଟି ହୋଇନଥିଲା। ମନା କରୁଥିବା ନିକ୍ସନ ବି ଶେଷରେ କୋର୍ଟ ଅର୍ଡର ମାନି ପୂରା ୱାଟର୍‌ଗେଟ୍ ଟେପ୍ ପେଶ୍ କରିଥିଲେ। ଟ୍ରମ୍ପ୍ ଏଯାଏ ନ୍ୟାୟାଳୟର ଗୋଟିଏ ମାତ୍ର ରାୟ –ଏଲ୍ ସାଲଭାଡର୍‌ର କିଲମର୍ ଆବ୍ରେଗୋ ଗାର୍ସିଆଙ୍କ ନିର୍ବାସନରୁ ଫେରାଇ ଆଣିବା– ପାଳନ କରିଛନ୍ତି, ତା ବି ୨ ମାସ ଡେରିରେ। ମଝିରେ ଟ୍ରମ୍ପଙ୍କ ଆର୍ଟର୍ନି ଜେନେରାଲ, ପାମ୍ ବଣ୍ଡି, କହିସାରିଥିଲେ 'ସେ ଆମ ଦେଶକୁ ଆସୁନାହିଁ।' ଫିଲ୍ମ ଷ୍ଟାର୍ ଷ୍ଟର୍ମି ଡାନିଏଲ୍‌ଙ୍କ ଯୌନ ନିର୍ଯାତନା ଅଭିଯୋଗକାରିଣୀଙ୍କୁ ଚୁପ୍ କରିବାକୁ ଓକିଲ ଜରିଆରେ ଟ୍ରମ୍ପ ପ୍ରଚୁର ଡଲାର ('ଚୁପ୍ କରିବା ଟଙ୍କା', ହଶ୍ ମନି, hush money) ଦେଇଥିଲେ। ତଥାପି ମାନହାଟାନରେ ଜୁରି ତାଙ୍କ ୨୦୨୪ ମେ'ର ରାୟରେ ଯେ ଟ୍ରମ୍ପଙ୍କୁ ୩୪ଟାଯାକ ଦଫାରେ ଦୋଷୀ କହିଛନ୍ତି। ଜଣେ ପ୍ରାକ୍ତନ ରାଷ୍ଟ୍ରପତି 'ଦଣ୍ଡିତ ଅପରାଧୀ' ଘୋଷିତ ହେବା ପରେ ପୁଣି ରାଷ୍ଟ୍ରପତି ହୋଇ ରହିଥିବାଯାଏ ଏ ଦଣ୍ଡ କାର୍ଯ୍ୟକାରୀ ହେବ ନାହିଁ, ଅବସର ପରେ କ'ଣ ହେବ ତାକୁ ଟ୍ରମ୍ପ୍ ଖାତିର ନ କରୁଥିବା କାରଣ ଏହି ସମୟରେ ତିନି ତିନିଟି ସୁପ୍ରିମ୍‌କୋର୍ଟ ରାୟ ତାଙ୍କ ସପକ୍ଷରେ ବାହାରି ତାଙ୍କୁ ସାହସୀ କରିଦେଇଛି– (୧) ୨୦୨୦ର ନିର୍ବାଚନ ଫଳକୁ ଓଲଟପାଲଟ କରିବା ଉଦ୍ୟମ ଟ୍ରମ୍ପଙ୍କୁ ଆଉ ଥରେ ପ୍ରେସିଡେଣ୍ଟ ପ୍ରାର୍ଥୀ ହେବାକୁ ଅଯୋଗ୍ୟ କରିଥିବା ରାୟକୁ ସୁପ୍ରିମ୍‌କୋର୍ଟ ନାକଚ କରିଦେଲେ ; (୨) ପ୍ରେସିଡେଣ୍ଟଙ୍କ କ୍ଷମତାକୁ ରୋକିପାରିବାର ଯେଉଁ କ୍ଷମତା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କର ଥିଲା, ତାକୁ ସୁପ୍ରିମ୍‌କୋର୍ଟ ବେଆଇନ କହିଦେଲେ।



ଟ୍ରମ୍ପ୍ ଏବେ ତାଙ୍କ ଆପ୍ରବାସନ (ଇମିଗ୍ରେସନ୍) ନୀତି ବିରୋଧରେ ରାୟ ଦେଇଥିବା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କୁ ଯାଚ୍ଛା ତା' ଭାଷାରେ ଗାଳି ଦେଉଛନ୍ତି, କେତେକଙ୍କ ନାଁରେ ମକଦ୍ଦମା କରିଲେଣି। ତାଙ୍କ ରିପବ୍ଲିକାନ୍ ଦଳର ଲୋକେ ଜଜ୍‌କୁ ଅପମାନିତ କରୁଛନ୍ତି, ମାରିଦେବା ଧମକ ଦେଉଛନ୍ତି, ସେମାନଙ୍କ ପରିବାର ସମ୍ପର୍କରେ ଏମିତିକା ଖବର ବାହାର କରୁଛନ୍ତି ଯେ ଦଳର ଲୋକେ ସେମାନଙ୍କୁ ବାଡ଼େଇବା ଧମକ ଦେଉଛନ୍ତି (ମାର୍କିନ୍ ଭାଷାରେ ଡକ୍ସିଂ, doxxing, କୁତ୍ସାରଟନା)। ପ୍ରାୟ ୧୦୦ରୁ ଅଧିକ ଜଜ୍‌ଙ୍କ ନାଁରେ ମିଛରେ ମିଛରେ ପିଜା ଡେଲିଭରି ଅର୍ଡର ପଠାଇ ତା' ଫେରିଆସିଲେ ଜଜ୍‌ମାନେ ଦୋକାନୀମାନଙ୍କ ଦ୍ୱାରା ଭର୍ତ୍ସିତ ହେଉଛନ୍ତି। ୧. ନିର୍ବାଚନରେ ହରାଇବା ଓ ୨. କଂଗ୍ରେସରେ ମହାଭିଯୋଗ ଆଣି ପଦମୁକ୍ତ କରିବା – ଏ ଦୁଇଟାଯାକ ସାମ୍ବିଧାନିକ ଉପାୟକୁ ଟ୍ରମ୍ପ୍ ବିଫଳ କରିଦେଇଛନ୍ତି। ପରବର୍ତ୍ତୀ କାଳରେ କ'ଣ ଘଟିବ ସେଥିପାଇଁ ସେ ଚିନ୍ତା ନ କରି ମାର୍କିନ୍ ଶାସନକୁ ତାଙ୍କ ଦଳର ଶକ୍ତିବୃଦ୍ଧି କାମରେ ଲାଗି ପଡିଛନ୍ତି, ଆମେରିକା ଦଳତନ୍ତ୍ର ବା ଫାସିବାଦୀ ସରକାର ଆଡ଼କୁ ଆଡ଼କୁ ଢଳୁଛି। ଆମ ଭାରତରେ ତ ରାଜନୈତିକ ଦଳମାନେ ନେତାଙ୍କ ଶାସନ (ଫାସିବାଦୀ ସରକାର)କୁ ନିଜର ନୀତି କରିସାରିଲେଣି। ଆମେରିକାରେ ଦଳପତି କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଆସନରୁ ବିଚ୍ୟୁତ କରିପାରିବେ ନାହିଁ। କିନ୍ତୁ ଆମ ସମ୍ବିଧାନରେ ଏହା ରହିଗଲାଣି। ୧୯୮୫ରେ ୧୦ମ ତଫସିଲ୍ ସମ୍ବିଧାନ ଅନ୍ତର୍ଭୁକ୍ତ ହେଲା, ଲୋକପ୍ରତିନିଧିଙ୍କ ବିବେକ ନେତାଙ୍କ ପାଖରେ ବନ୍ଧା ପଡିଗଲା। ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ଲୋକ–ପ୍ରତିନିଧିଙ୍କୁ ବିଧାୟିକା–ଦଳ (ଲେଜିସ୍‌ଲେଟର ପାର୍ଟି)ର ପ୍ରତିନିଧି ବୋଲି ଗଣାଗଲା ଏବଂ ସେ ଯଦି ଗୃହର ଦଳୀୟ ନେତାଙ୍କ ଛାଟ (ହ୍ୱିପ୍) ନ ମାନିବେ, ସେ କେବଳ ଦଳରୁ ନିଲମ୍ବନ ହେବେ ତା ନୁହେଁ, ସେ ସରକାରୀ କର୍ମଚାରୀଙ୍କ ଭଳି ନେତାଙ୍କ ଅଧଃସ୍ତନ କର୍ମୀ ହୋଇଗଲେ, ନେତା (ସୁପ୍ରିମୋ ବା ହାଇକମାଣ୍ଡ) ଗୃହର ବାଚସ୍ପତିଙ୍କ ମତକୁ ନେଇ ସମ୍ପୃକ୍ତ ଏମ୍‌ଏଲ୍‌ଏ/ଏମ୍‌ପି ପଦର ଅଯୋଗ୍ୟ (ଆସନ ତ୍ୟାଗ କରିବା) ଘୋଷଣା କରାଇପାରନ୍ତି। ଲୋକଙ୍କ ଭୋଟ୍ ସୁପ୍ରିମୋ/ହାଇକମାଣ୍ଡଙ୍କ ମତ ଆଗରେ ତୁଚ୍ଛ। ସମ୍ବିଧାନ–ପ୍ରଣେତାମାନେ କେବେ ଭାବିନଥିଲେ ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଦଳର ନେତା ପ୍ରତିନିଧିତ୍ୱରୁ ବଞ୍ଚିତ କରିପାରିବେ। ପୁଣି ବିଧାୟିକାସଭାରୁ ଉନ୍ନୀତ ହୋଇ ମନ୍ତ୍ରୀ ହୋଇଥିବା ନେତାମାନେ ନିୟମ କରିସାରିଲେଣି ଯେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ଅଧିକାରୀମାନେ ଚାକିରି ଛାଡିଲା କ୍ଷଣି (୨ ବର୍ଷ କୁଲିଂ ଅଫ୍ ପିରିଅଡ୍ ଆଉ ନାହିଁ) ନିର୍ବାଚନରେ ଲଢ଼ିପାରିବେ। ଏହାର ଗୂଢ଼ ତତ୍ତ୍ୱ ହେଲା– ହେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅଫିସର୍‌ମାନେ ତୁମେ ଏବେଠୁ କୌଣସି ରାଜନୈତିକ ଦଳ ପ୍ରତି ଢଳ (ନେତାଙ୍କ କଥାକୁ କାମରେ ପରିଣତ କର) ତୁମକୁ ଦଳ ଜନପ୍ରତିନିଧି ନାଁରେ ପ୍ରାର୍ଥୀ କରେଇନେବ, ପାର୍ଟି ବି ସବୁ ଖର୍ଚ୍ଚ ସମ୍ଭାଳିବ, ନେତାମାନେ (ଦଳର ମୁଖ୍ୟ ବି) ପ୍ରଚାର କରିବେ। ଆମ ଶାସନ–ବ୍ୟବସ୍ଥା ପୂରାପୂରି ଫାସିବାଦୀ (ଦଳତନ୍ତ୍ର) ହେବାକୁ ବେଶି ଡେରିନାହିଁ। ନେତାଙ୍କ ସନ୍ତାନ ଜନ୍ମରୁ ଦଳର ଜେନେରାଲ୍ ସେକ୍ରେଟାରୀ ହେବେ ବା ନେତାଙ୍କ ମନୋନୀତ ବ୍ୟକ୍ତି ହିଁ ଦଳର ମୁଖ୍ୟ (ତେଣୁ ରାଷ୍ଟ୍ରମୁଖ୍ୟ) ହେବେ। ଯିଏ ପ୍ରଶ୍ନ ଉଠାଇବ ସେ ଜେଲ–ଯୋଗ୍ୟ ହେବ।

sahadevas@yahoo.com

# ଦୋଛକିରେ ଜୀବନ



କିଶୋର ଚନ୍ଦ୍ର ବେହେରା

ସାମାଜିକ ସମ୍ପର୍କ ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବାର ଅଧିକାର ଦେଇଥାଏ। ଈଶ୍ୱର ପ୍ରଦତ୍ତ ଓ ମନୁଷ୍ୟ କୃତ ସମ୍ପର୍କ ଆଗରେ ହାର୍ ମାନି ଯାଇଥାଏ ଛଳନା ଓ ମିଛ ଅଭିନୟ। ଆନ୍ତରିକତା ସହ ବନ୍ଧାଥିବା ସମ୍ପର୍କ ସଂକୁଚିତ ହୁଏନାହିଁ, ବରଂ ଦିନକୁଦିନ ହୋଇଥାଏ ଦୃଢ଼ତର ଓ ଚିରସ୍ଥାୟୀ। ସମ୍ପର୍କ ଭାଙ୍ଗିଦେବା ସହଜ, ମାତ୍ର ଗଢ଼ିବା କେତେ ଯେ କଷ୍ଟକର ଅନୁଭବ କରିଥିବା ବ୍ୟକ୍ତିଙ୍କଠାରୁ ଠିକ ଉତ୍ତର ମିଳିପାରିବ। ମଧୁର ସମ୍ପର୍କଟିଏ ଗଢ଼ିବା ପାଇଁ ଯେଉଁ ପୁଞ୍ଜି ଟିକକ ଆମର ଲୋଡ଼ା ହୋଇଥାଏ, ସେତକ ଆମ ପାଖରେ ରହିବା ଆବଶ୍ୟକ। ସୁସ୍ଥ ମନ ଓ ସୁସ୍ଥ ଚିନ୍ତନ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ସମ୍ପର୍କ ତ ବିଭିନ୍ନ ସ୍ତରରେ ଓ ବିଭିନ୍ନ ମାଧ୍ୟମରେ କରାଯାଇଥାଏ, ମାତ୍ର ତା' ସ୍ଥାୟିତ୍ୱ ଆମ ଉପରେ ନିର୍ଭର କରିଥାଏ। ପାରସ୍ପରିକ ସଦ୍‌ଭାବ ଓ ଛନ୍ଦହୀନ ବିଚାରଧାରା ଏହାକୁ ମଜଭୁତ କରିବାରେ ସହାୟକ ହୋଇଥାଏ। ସମ୍ପର୍କ ପାଇଁ ସମଭାବାପନ୍ନ ମାନସିକତାର ଆବଶ୍ୟକତା ରହିଛି। ଅନ୍ୟର ସୁଖ ବେଳେ ନୁହେଁ, ବରଂ ଦୁଃଖ ସମୟରେ ପରସ୍ପର ମଧ୍ୟରେ ହାତକୁ ହାତ ମିଳାଇବା, ସମବେଦନା ଜଣାଇବା, ଆଶ୍ୱାସନା ଦେବା ଓ ସାହସ ଦେବାର ସୁସ୍ଥ ପରମ୍ପରା ଟିକକ ମନ ଭିତରେ ରହିବା ଏକାନ୍ତ ପ୍ରୟୋଜନ। ଆଜିର ଯୁଗରେ ସହରରେ ସମ୍ପର୍କ ସ୍ଥାପନ କରିବା ହେଉ କି ନିଜ ପରିବାର ସହ ସମ୍ପର୍କ ଯୋଡ଼ି ହେଉ, କାହା ପାଖେ ସମୟ ନାହିଁ। ଫଳରେ ସମ୍ପର୍କ ଧୀରେ ଧୀରେ ନିରାଶ ପଥକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। କଥା ଛଳରେ ଆଡ଼େଇ ଯାଆନ୍ତି ସଭ୍ୟତା ଓ ସମୟକୁ ବାହାନା କରି। ବାସ୍ତବରେ ଆମ ପାଖରେ ସମୟ ନାହିଁ ନା' ସମ୍ପର୍କକୁ ଚିର ସ୍ଥାୟୀ କରିବା ପାଇଁ ଆନ୍ତରିକତାର ଅଭାବ ? ନୂଆ ସମ୍ପର୍କ ଗଢ଼ିବା ଓ ପୁରୁଣାକୁ ମନେ ପକାଇବା ଏକ ପ୍ରମୁଖ ମାଧ୍ୟମ ପାଲଟି ଥାଏ ବାହାଘର, ବ୍ରତଘର, ମୃତ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା। ଗାଁର ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଗାଁର ପାରମ୍ପରିକ ଯାନିଯାତ୍ରା ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିଥାଏ ; ଯାହାଦ୍ୱାରା ସମ୍ପର୍କରେ ନିବିଡତା ଓ ଆତ୍ମୀୟତା ବୃଦ୍ଧି ପାଇଥାଏ।

ଜଣେ ମଣିଷର ବାଲ୍ୟ କାଳରେ ମା' ଘର ଲୋକଙ୍କ ସହିତ ବାପାଙ୍କ ପରିବାର ଲୋକଙ୍କ ସମ୍ପର୍କ ବିଭିନ୍ନ ରୂପରେ ଦେଖିବାକୁ ମିଳେ। କିଶୋର ବୟସରେ ସାମାଜିକ ସମ୍ପର୍କ ଜନିତ କିଛି ପାରିବାରିକ ରକ୍ତଗତ ସମ୍ପର୍କ ବ୍ୟତୀତ କେତେକ ବନ୍ଧୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥାଏ। ପ୍ରାପ୍ତ ବୟସରେ ଏକ ନୂତନ ଅଧ୍ୟାୟ ଯୋଡ଼ିହୁଏ ସ୍ତ୍ରୀ ଓ ସ୍ୱାମୀ ଏବଂ ତାଙ୍କ ପରିବାର ବର୍ଗଙ୍କ ସହିତ। ମଣିଷ ଧୀରେ ଧୀରେ ପୁରୁଣା ସମ୍ପର୍କ ଗୁଡ଼ିକୁ ଭୁଲିବାକୁ ଲାଗେ ଯେତେବେଳେ ବୈବାହିକ ଜୀବନ ଆରମ୍ଭ ହୁଏ। ସାମାଜିକ ପରିବେଷ୍ଟନୀରେ ଗଢ଼ିଉଠିଥିବା ସମସ୍ତ ସମ୍ପର୍କଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କେବଳ ସ୍ୱାମୀ, ସ୍ତ୍ରୀ ସମ୍ପର୍କ ଏତେ



ମାତ୍ରାରେ ଘନିଷ୍ଠତା ସୃଷ୍ଟି କରେ ଯେ ମଣିଷର ସମସ୍ତ ଅତୀତ ସ୍ମରଣିକା ଲିଭିଯାଏ ମନ ମାନସରୁ। ତେଣୁ ଅତି ସର୍ବତ୍ର ଗହୀର୍ତ୍ତମ ଉକ୍ତିର ସତ୍ୟତା ଉପରେ ଆଧାରିତ ଏକ ପ୍ରକାର ମାନସିକ ଉତ୍ତେଜନା ସୃଷ୍ଟି ହୁଏ ସମୟକ୍ରମେ, ଯେତେବେଳେ ସେହି ସମ୍ପର୍କ ଦୁର୍ବଳ ହେବାକୁ ଲାଗେ। ଏମିତିକି ପରିପକ୍ୱ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅତ୍ୟନ୍ତ ଦୁର୍ବଳ ଅବସ୍ଥାକୁ ଆସିଗଲା ପରେ ଉଭୟଙ୍କ ମଧ୍ୟରେ ବାହ୍ୟ ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳେ, କେବଳ ସହାନୁଭୂତି ଏବଂ ସାମାଜିକ ସୁରକ୍ଷା କାରଣରୁ। ଠିକ୍ ସେତିକି ବେଳେ ପୁନଃ ଏକ ନୂତନ ତଥା ଶେଷ ସମ୍ପର୍କର ଅଧ୍ୟାୟ ଆରମ୍ଭ ହୁଏ ନିଜ ସନ୍ତାନମାନଙ୍କ ସହିତ, ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା, ସହାୟତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାର ଆଶା ରଖିଥାଏ। କେତେକ କ୍ଷେତ୍ରରେ ସେହି ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳୁଥିବା ବେଳେ ଆଜିକାଲି ଆଉ ସେହି ଶେଷ ସମ୍ପର୍କ ଏମିତି ଏକ ସ୍ତରରେ ଆସି ପହଞ୍ଚିଲାଣି ଯେ ଜୀବନର ଶେଷ ଅଧ୍ୟାୟରେ ସମସ୍ତେ ନିଜର ନିଃସହାୟ ଭାବକୁ ନେଇ ପ୍ରାୟତଃ ବୁଝିବାକୁ ଲାଗନ୍ତି ଯେ ସମ୍ପର୍କ ବୋଲି ସମାଜରେ କିଛି ନାହିଁ।

ସାମାଜିକ ଓ ପାରମ୍ପରିକ ସମ୍ପର୍କ ଯେତେବେଳେ ନିଶ୍ଚିହ୍ନ ହେବାକୁ ଯାଉଥାଏ, ସେତେବେଳେ ଆରମ୍ଭ ହୁଏ ସମ୍ପର୍କର ନୂତନ ଅଧ୍ୟାୟ 'ଲିଖିତ ସମ୍ପର୍କ'। ସେ ସମ୍ପର୍କ ଆତ୍ମୀୟଙ୍କ ଉପସ୍ଥିତି, ଗାଁ ଭଦ୍ର ମଣ୍ଡଳୀ କିମ୍ବା ସାମ୍ବିଧାନିକ ନୀତି ନିୟମ ଅନୁଯାୟୀ ନ୍ୟାୟାଳୟ ବିଚାରପତିଙ୍କ ସ୍ୱାକ୍ଷର କ୍ରମେ ଗଢ଼ି ଉଠିଥାଏ । ବାପା–ପୁଅ, ଭାଇ–ଭଉଣୀ ଓ ସ୍ୱାମୀ–ସ୍ତ୍ରୀଙ୍କ ପବିତ୍ର ସମ୍ପର୍କରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ କରିବାକୁ ପଡ଼ିଲାଣି। ଏ ସମ୍ପର୍କ ସଦାସର୍ବଦା ଅବିଶ୍ୱାସ ଓ ଆତଙ୍କୀ ଜୀବନ ଭଳି ବଞ୍ଚିବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିରେ ସାମାଜିକ ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରିବାର ଆବଶ୍ୟକତା ରହିଛି। ଉତ୍ତମ ପରିବେଶ ଓ ଉପଯୁକ୍ତ ଶିକ୍ଷା ଯଦି ଜଣେ ମଣିଷର ବାଲ୍ୟ କାଳରୁ ଉଦୟ ହୋଇଥା'ନ୍ତା ହୁଏତ ସମୟ କ୍ରମରେ ସେ ନିଜକୁ ଏବଂ ସମସ୍ତ ସମ୍ପର୍କକୁ ସନ୍ତୁଳିତ କରି ରଖିଥା'ନ୍ତା, ଯାହା ତାକୁ ଜୀବନର ଶେଷ ସମୟରେ ଏତେ ଦୁଃଖ ଦେଇ ନ ଥା'ନ୍ତା। ଅଜ୍ଞାନ ମଣିଷ ସାମାଜିକ ସମ୍ପର୍କ ଗୁଡ଼ିକୁ ସମୀକ୍ଷା କରି ବୁଝିବା କ୍ଷମତା ନ ରଖି କେବଳ ପାରିପାର୍ଶ୍ୱିକ କୁହେଳିକାରେ ନିଜକୁ ସମାନ୍ତରାଳ କରି ଯାହା ସବୁ ଶିକ୍ଷା ପାଇଥା'ନ୍ତି ତାହାର ପ୍ରତିଫଳନ ସ୍ୱରୂପ ନିଜର ସାମାଜିକ ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖି ଗଢ଼ି ଉଠିଥିବା ସମ୍ପର୍କ ସେମାନଙ୍କୁ ଏବେ ଧୋକା ମନରେ ଉଙ୍କି ମାରି ନ ଥାନ୍ତା। ଜୀବନର ଶେଷ ସମୟରେ ସବୁ ବୁଝିଲା ବେଳକୁ ଆଉ କିଛି ନ ଥାଏ, ଦୁଃଖ ଓ ଯନ୍ତ୍ରଣାରେ ବଞ୍ଚିବାକୁ ପଡ଼ିଥାଏ ଅବଶିଷ୍ଟ ଜୀବନ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ– ୯୪୩୭୯୫୫୫୬୮

## ଏଇ ଭାରତରେ

ଅନ୍ୟକୁ ଖୁସି କରିବା ପାଇଁ ବେଳେବେଳେ ଲୋକେ ମିଛ କହନ୍ତି। ହେଲେ ଏଇ ମିଛ ପାଇଁ ଅନେକ ସମୟରେ ବହୁମୂଲ୍ୟ ଦେବାକୁ ପଡ଼େ। ଠିକ୍ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ବାରାଣସୀର ସକଲଡିହା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଭୋଜପୁର ଗାଁର ଯୁବକ ସିଦ୍ଧାର୍ଥ ସିଂହ ମିଛରେ ଘରଲୋକଙ୍କ ଆଗରେ ସୈନିକ ଚାକିରି କରିଥିବା କଥା କହିଥିଲେ। ଏଥିପାଇଁ ସେ ସୈନ୍ୟବାହିନୀର ପୋଷାକ ଓ ନକଲି ପରିଚୟପତ୍ର ତିଆରି କରିଥିଲେ। ଘରଲୋକଙ୍କୁ କହିଥିଲେ, ସୈନିକ ନିମନ୍ତେ ତାଙ୍କୁ ଚୟନ କରାଯିବା ପରେ ଏବେ ଟ୍ରେନିଂ ଚାଲିଛି। ସିଦ୍ଧାର୍ଥ ବାହାରେ ଏକ ଛୋଟ ଘର ଭଡ଼ା ନେଇ ରହୁଥିଲେ। ଆଉ କଲେଜରୁ ମିଳୁଥିବା ନିଜ ଷ୍ଟାଇପେଣ୍ଡ ଅର୍ଥ ୧୦ହଜାର ଟଙ୍କା ଘରକୁ ଦରମା କହି ପଠାଉଥିଲେ। ପ୍ରକୃତରେ ସେ ତାଙ୍କ ପ୍ରେମିକାକୁ ଖୁସି କରିବା ପାଇଁ ଏଭଳି ମିଛ ସୈନିକ ଚାକିରି କରିଥିଲେ। ସେନା ପୋଷାକ ପିନ୍ଧି ବାହାରେ ବୁଲିବା ସମୟରେ ସ୍ଥାନୀୟ ପୋଲିସ ତାଙ୍କୁ ସନ୍ଦେହ କରି ଗିରଫ କରିଥିଲା। ଏହାପରେ ପଚରାଉଚରା କରିବା ପରେ ସେ ସବୁ ସତ ମାନି ଯାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୭୬

- ଭିଏତନାମ୍‌ର ଫମର୍ଥଡିପ୍ ନାମ୍ନୀ ମହିଳା ସନ୍ତରଣକାରୀଙ୍କୁ 'କ୍ରୀଡ଼ା ନିପୁଣା' ଉପାଧି ଦେବାପାଇଁ ସରକାର ସ୍ଥିର କରିଛନ୍ତି।
- ଭାରତରେ ଭାରୀ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠାର କର୍ଣ୍ଣଧାର ଶ୍ରୀ ହେନିଂ ହଲ୍‌କ ଲାଗସେନ୍‌ଙ୍କୁ ମାଗାସେସେ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର
ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 9 | | 3 |
| | | 3 | | | 8 | | | |
| | | 8 | | | 6 | | 5 | |
| | 2 | | 4 | 7 | | | 1 | |
| | 7 | | 8 | | 2 | 3 | | 4 |
| | | | | | | | 9 | |
| | | | | 5 | | | | |
| 2 | 5 | | | | | 1 | | |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 8 | 4 | 5 | 6 | 3 | 9 |
| 9 | 4 | 3 | 1 | 7 | 6 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 1 | 3 | 6 | 7 | 8 | 2 | 9 | 4 | 5 |
| 7 | 2 | 9 | 5 | 3 | 4 | 1 | 6 | 8 |
| 4 | 8 | 5 | 6 | 1 | 9 | 7 | 2 | 3 |
| 8 | 5 | 2 | 4 | 9 | 1 | 3 | 7 | 6 |
| 6 | 9 | 1 | 3 | 5 | 7 | 2 | 8 | 4 |
| 3 | 7 | 4 | 2 | 6 | 8 | 5 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳୁଛି କମ୍, କଟୁଛି ଅଧିକ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଏବେ ବିଦ୍ୟୁତ୍ ଜଳୁଛି କମ୍, କଟୁଛି ଅଧିକ। ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀର ଏଭଳି ମନଇଚ୍ଛା ଲାଇନ କାଟିବାକୁ ତୀବ୍ର ବିରୋଧ କରାଯାଇଛି। ରୋଗୀ, ବୃଦ୍ଧାଙ୍କ କଷ୍ଟ ନ କହିଲେ ଭଲ। ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରା.ପ.ରେ ରାତି ଅଧରୁ ଲାଇନ କଟୁଛି ଏବଂ ଆସିଲା ବେଳକୁ ସକାଳ ୭ଟା। ବିଦ୍ୟୁତ୍ କଟିବା ପରେ ବିଦ୍ୟୁତ୍ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରକୁ ଯୋଗଯୋଗ କଲେ ତାହା ସବୁବେଳେ ବ୍ୟସ୍ତ। ବର୍ଷାଦିନ ପୂର୍ବରୁ ସାଧାରଣ ମରାମତି କାର୍ଯ୍ୟ ଠିକ୍ ଢଙ୍ଗରେ ହେଉନଥିବାରୁ ବାରମ୍ବାର ଓଭରଲୋଡ଼ ହୋଇ ଫ୍ୟୁଜ କଟି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଗତ କିଛିବର୍ଷ ଧରି ଚାଇନା ମିଟର ଉପଭୋକ୍ତାଙ୍କ ଠାରୁ ବିତରଣ କମ୍ପାନୀ ୬୦୦ରୁ ୮୦୦ ଟଙ୍କା ବିଲ ବଳପୂର୍ବକ ନେଉଛି। ଉପଭୋକ୍ତା ମାନେ ମାସକୁ ମାସ ଠିକ୍ ସମୟରେ ବିଲ୍ ପଇଠ କରି ମଧ୍ୟ ଅବିଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ମାତ୍ରାଧିକ ବିଲ ପରିଶୋଧ କରିବା ଗରିବ ଉପଭୋକ୍ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।

– ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୩ ନବନିଯୁକ୍ତ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ



କଟକ,୪।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଜୁଡିସିଆଲ ଏକାଡେମୀସ୍ଥିତ ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ୩୩ଜଣ ନବନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ହରିଶ ଟଣ୍ଡନ ଯୋଗଦେଇ ନବନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କୁ ଶପଥପାଠ କରାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଓଡ଼ିଶା ନ୍ୟାୟିକ ଏକାଡେମୀର ପତ୍ରିକା ବିଦ୍ୟାର ବିଶେଷ ସଂସ୍କରଣ ୨୦୨୪-୨୫କୁ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା କେନ୍ଦ୍ରର ଅତିରିକ୍ତ ସଂଯୋଜକ ନୀତିଶା ଚଣ୍ଡକ ଉଦ୍‌ଘୋଷିକା ରୂପେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ସଦସ୍ୟ ନ୍ୟାୟମୂର୍ତ୍ତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଅବସରପ୍ରାପ୍ତ ବିଚାରପତିଗଣ, ସରକାରୀ ଆଇନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲା ଓ ଦୌରା ଜଜ୍, ଓଡ଼ିଶା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରି ଅଧିକାରୀଗଣ ଏବଂ ନବ ନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କ ଅଭିଭାବକ ଉପସ୍ଥିତ ଥିଲେ।

# ଏମ୍‌କେସିଜି: ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)



ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ସୁପର ସ୍ପେଶାଲିଟି କୋଠା ପରିସରରେ ସୋମବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ୍ ଦିଆଯିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ଜଣେ ଆଟେଣ୍ଡାଣ୍ଟ ସିଲିଣ୍ଡରକୁ ଟାଣି ଟାଣି ନେଉଥିବା ବେଳେ ତାଙ୍କ ପଛରେ ୮ ଓ ୧୪ ଦିନର ୨ ଶିଶୁଙ୍କୁ ନାକରେ ଅକ୍ସିଜେନ ଟ୍ୟୁବ୍ ଲଗାଯାଇଥିବା ଅବସ୍ଥାରେ ସେମାନଙ୍କ ମା' ଓ ସମ୍ପର୍କୀୟ କୋଳରେ ଧରି ଚାଲିକି ଯାଉଥିଲେ। ସ୍ପେଶାଲ ନ୍ୟୁ ବର୍ନ କେୟାର ୟୁନିଟ (ଏସ୍ଏନ୍‌ସିୟୁ)ରୁ ଉକ୍ତ ୨ ଶିଶୁଙ୍କ ଇକୋ ପରୀକ୍ଷା ପାଇଁ ଏପରି ଭାବେ ୩୦୦ ମିଟର ପର୍ଯ୍ୟନ୍ତ ନିଆଯାଇଥିଲା। ଶିଶୁମାନଙ୍କ ସୁରକ୍ଷା ପ୍ରତି ସାମାନ୍ୟ ସଚେତନ ନ ହୋଇ ଏଭଳି ଭାବେ ଅକ୍ସିଜେନ୍ ଯୋଗାଇବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏମ୍‌କେସିଜି ମେଡିକାଲର ଶିଶୁରୋଗ ବିଭାଗ ଏସଏନ୍‌ସିୟୁରେ କିଛିଦିନ ହେଲା ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ ଦିନର ଶିଶୁପୁତ୍ର ଓ ଗଜପତି ଜିଲା ନୂଆଗଡ଼ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ ଦିନର ଶିଶୁକନ୍ୟାଙ୍କ ଚିକିତ୍ସା ଚାଲିଛି। ଦୁଇ ଶିଶୁଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କୁ ସୋମବାର ମେଡିକାଲ ପରିସରରେ ଥିବା ସୁପର ସ୍ପେଶାଲିଟି କୋଠାକୁ ଇକୋ ପରୀକ୍ଷା କରିବାକୁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ ଲଗାଇଥିଲେ। ସେ ସିଲିଣ୍ଡର ଧରି ଆଗେ ଆଗେ ଯାଉଥିବା ବେଳେ ଉକ୍ତ ଦୁଇ ଶିଶୁଙ୍କ ମା' ଓ ସମ୍ପର୍କୀୟ ପିଲାଙ୍କୁ ଧରି ପଛରେ ଚାଲିଥିଲେ। ଏହି ସମୟରେ ଶିଶୁ ବିଭାଗର ଜଣେ ଡାକ୍ତର ମଧ୍ୟ ଶିଶୁଙ୍କ ନିକଟରେ ରହିଥିଲେ। ଶିଶୁମାନେ ହୃଦ୍‌ରୋଗ ବିଭାଗରେ ପହଞ୍ଚିବା ପରେ ସେମାନଙ୍କ ଇକୋ ପରୀକ୍ଷା କରାଯାଇଥିଲା। ତେବେ ଏ ନେଇ ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି, ଉଭୟ ଶିଶୁଙ୍କ ଅକ୍ସିଜେନ ଫ୍ଲୋ ସମାନ ରହିଥିଲା। ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ ନ କରିବାକୁ ଶିଶୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ଡା. ଶତପଥୀ କହିଛନ୍ତି। ମେଡିକାଲ ଶିଶୁ ବିଭାଗରେ ଯଥେଷ୍ଟ ପରିମାଣର ଅକ୍ସିଜେନ ସିଲିଣ୍ଡର ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୧୫ ତାରିଖରେ ଏହି ମେଡିକାଲରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୩ ଜଣ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ୍ ଦିଆଯାଇଥିଲା। ଜଣେ କର୍ମଚାରୀ ସିଲିଣ୍ଡରଙ୍କୁ ଟାଣି ଟାଣି ନେଉଥିବା ବେଳେ ଶିଶୁମାନଙ୍କୁ ହାତରେ ଧରି ସେମାନଙ୍କ ମା'ମାନେ ପଛେ ପଛେ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

**ଆନ୍ଧ୍ର ପଥର ଖଣି ବିସ୍ଫୋରଣ ଘଟଣା**

# ଗାଁକୁ ଫେରିଲା ୬ ଶ୍ରମିକଙ୍କ ମୃତଦେହ

ଦିଗପହଣ୍ଡି/ଧରାକୋଟ/ମୋହନା,୪।୮ (ଅଶେଷ ନାଥ ମିଶ୍ର/ବିଷ୍ଣୁକେଶରୀ ଆଚାର୍ଯ୍ୟ/ମନ୍ମଥ ମିଶ୍ର)

## ମୃତକଙ୍କ ପରିବାରକୁ ଭେଟିଲେ ୨ ମନ୍ତ୍ରୀ



ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ଗାଁର ମୃତକଙ୍କ ପରିବାରକୁ ଭେଟିବାକୁ ଯାଉଛନ୍ତି ଦୁଇ ମନ୍ତ୍ରୀ।

ଆନ୍ଧ୍ରପ୍ରଦେଶ ବାପତଲା ଜିଲାର ବାଲିକୁରାଭା ନିକଟରେ ଥିବା ଏକ ଘରୋଇ ଗ୍ରାନାଇଟ ଖଣିରେ ପଥର ବିସ୍ଫୋରଣ ବେଳେ ପ୍ରାଣ ହରାଇଥିବା ୬ ଓଡ଼ିଆ ଶ୍ରମିକଙ୍କ ମୃତଦେହ ସୋମବାର ଗାଁକୁ ଆସିଛି। ମୃତଦେହଗୁଡ଼ିକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଆନ୍ଧ୍ରରୁ ଇଚ୍ଛାପୁର ଭାୟା ଟିକିଟି ଦେଇ ରବିବାର ରାତି ପ୍ରାୟ ସାଢେ ୧ଟାରେ ଆସି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା। ସେଠାରେ ଗଞ୍ଜାମ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ବିଡିଓ ଅନାମିକା ପାଣ୍ଡେ, ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ସହକାରୀ ଶ୍ରମ ଅଧିକାରୀ ହୃଷୀକେଶ ରାଓଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏଠାରୁ ୩ଟି ଆମ୍ବୁଲାନ୍ସ ଯୋଗେ ମୃତଦେହଗୁଡ଼ିକ ମୃତକଙ୍କ ନିଜ ନିଜ ଗ୍ରାମକୁ ପଠାଯାଇଥିଲା। ଗୋଟିଏ ଆମ୍ବୁଲାନ୍ସରେ ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା, ଚଷାନିମଖଣ୍ଡି ଗାଁର ଦଣ୍ଡପାଣି ବାଡ଼ତ୍ୟା ଓରଫ ଦଣ୍ଡଙ୍କ ମୃତଦେହ ଯାଇଥିବା ବେଳେ ଆଉ ଗୋଟିଏ ଆମ୍ବୁଲାନ୍ସରେ ଧରାକୋଟ ବ୍ଲକ ଓଳନ୍ଧା ପଞ୍ଚାୟତ କସେଇ ନୂଆଗାଁର ସନ୍ତୋଷ ଗୌଡ଼ ଓ ବାହାଡାଗୁଡ଼ା ଗ୍ରାମର ଦୁଃଶାସନ ଜେନା ଓରଫ ମୂଷାଙ୍କ ମୃତଦେହ ଯାଇଥିଲା। ସେହିପରି ଅନ୍ୟ ଆମ୍ବୁଲାନ୍ସିରେ ଭାସ୍କର ବିଷୋୟୀ ଓ ଗୁଜୁନା ଦଳାଇଙ୍କ ମୃତଦେହ ସେମାନଙ୍କ ନିଜ ଗ୍ରାମ ଗଜପତି ଜିଲା ମୋହନା ବ୍ଲକ ଡେପାଗୁଡ଼ା ପଞ୍ଚାୟତ ଅଲେରା ଗ୍ରାମକୁ ଯାଇଥିଲା।

ଆନ୍ଧ୍ର ପଥର ଖଣିରେ ବିସ୍ଫୋରଣ ଘଟଣା ଶୁଣିବା ପରଠୁ ମୃତକମାନଙ୍କ ଗ୍ରାମରେ ରବିବାରଠାରୁ ଶୋକାକୁଳ ପରିବେଶ ଲାଗିରହିଥିଲା। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରବେଶରେ ଅନ୍ତିମ ସଂସ୍କାର କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲା ଭାଜପା ସଭାପତି ସରୋଜ ସାବତ, ବିଜୟ ସ୍ୱାଇଁ, ପୂର୍ବତନ ସଭାପତି କାହ୍ନୁ ପତି, ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ ପ୍ରମୁଖ ଦିଗପହଣ୍ଡି ଓ ଧରାକୋଟ ବ୍ଲକର ମୃତକମାନଙ୍କ ଗ୍ରାମକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମୋହନା ବ୍ଲକ ଅଲେରା ଗାଁରେ ୨ ମୃତଦେହ ପହଞ୍ଚିବା ପରେ ଆନ୍ଧ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣି ମାଲିକ ଦେବାକୁ ଥିବା ୧୪ ଲକ୍ଷ ଲେଖାଏ ଟଙ୍କାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପ୍ରାୟ ୧ ଘଣ୍ଟା ଧରି ଗ୍ରାମବାସୀ ମୃତଦେହକୁ ଆମ୍ବୁଲାନ୍ସରୁ କାଢ଼ି ନ ଥିଲେ। ମନ୍ତ୍ରୀ ଜେନା ଓ ମନ୍ତ୍ରୀ ମଲ୍ଲିକ ପହଞ୍ଚିବା ପରେ ସେମାନଙ୍କୁ ବୁଝାଶୁଝା କରିବାରୁ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଆନ୍ଧ୍ର ସରକାରଙ୍କ ତରଫରୁ ୨୦ ହଜାର ଓ ଗଞ୍ଜାମ ଜିଲା ରେଡକ୍ରସ ତରଫରୁ ୩୦ ହଜାର ଏପରି ମୋଟ ୫୦ହଜାର ଟଙ୍କା ଲେଖାଏ ପ୍ରତି ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି। ରବିବାର ରାଜ୍ୟ ସରକାର ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

# ୧୧ଗୋଟି ଅତିରିକ୍ତ ଜିଲା ଜଜ୍‌କୋର୍ଟ ପ୍ରତିଷ୍ଠା ନେଇ ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ୧୧ଗୋଟି ଅତିରିକ୍ତ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଅତିରିକ୍ତ ଜିଲା ଜଜ୍ କୋର୍ଟ ମଧ୍ୟରେ ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡ଼ା ଜିଲାରେ ଗୋଟିଏ ଲେଖାଏ( ଭିଜିଲାନ୍ସ ) କୋର୍ଟ ରହିଛି। ଏତଦ୍‌ବ୍ୟତୀତ ପୁରୀ ଜିଲାର ପିପିଲି, ନୟାଗଡ଼ର ରଣପୁର, ଖୋର୍ଦ୍ଧାର ବାଣପୁର, ଭଦ୍ରକର ବାସୁଦେବପୁର, ଅନୁଗୋଳର ତାଳଚେର, ସୁନ୍ଦରଗଡ଼ର ରାଜଗାଙ୍ଗପୁର, କଟକର ବାଙ୍କୀ ଓ କନ୍ଧମାଳର ଜି. ଉଦୟଗିରିରେ ଗୋଟିଏ ଲେଖାଏ ଅତିରିକ୍ତ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିବା ଜଣାଯାଇଛି।


**Information & Public Relations Department.**
**Government of Jharkhand,**
**Suchana Bhawan, Ranchi.**

**Corrigendum / Cancellation Notice**

Tender Name: Selection of Event Management Agency to organise Jharkhand Tribal Festival in various states.
Tender ID: 2025_IPRD_103565_1
Tender Ref No.: 1064
PR No.- 358420
Subject: Corrigendum- Tender Cancellation Notice
Due to administrative reasons the above mentioned tender is hereby cancelled.

Sd/-
Director
Information & Public Relations Department
Government of Jharkhand
PR 358878
IPRD(25-26)#D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001A ତା.25.07.2025
**କାର୍ଯ୍ୟର ବିବରଣୀ :** "ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା"।
**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ :** ₹65,00,000/-, EMD : ₹1,30,000/-, ଚୁକ୍ତିର ବୈଧିତା : 2 ବର୍ଷ + 6 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 18.08.2025 (ସୋମବାର) 1500 ଘଟିକାରେ
ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି।
ୱେବ୍‌ସାଇଟ୍ : www.ireps.gov.in
ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/(ଷ୍ଟୋର)
PR-430/Q/25-26 କେନ୍ଦ୍ରୀୟ ହସ୍ପିଟାଲ, ଭୁବନେଶ୍ୱର



**GOVERNMENT OF ODISHA** No.O-526
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
No. : 2757 / Date :31.07.2025

**e- Procurement Notice for Building works**

1. Name of the Work : Construction of Road Works - 03 Nos., Construction of Bridge Works - 04 Nos., Construction of Building Works - 09 Nos., 2. Class of Contractor : "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost : **Varies from Rs.109.78 Lakhs to Rs. 885.12 Lakhs (Approximately)**. 4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 10/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |
| | CCERWCSBD - Online - 11/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Sunabeda
OIPR-25182/11/0069/2526



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍: ୦୬୭୪-୨୫୪୬୧୬୮, ମୋ.: ୮୮୨୪୨୮୭୨୬୭/୮୭୨୩୦୮୧୦୪୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଉତ୍ତମ ଭାବେ ନିର୍ମିତ ଏବଂ ପ୍ରସ୍ତୁତ ରହିଥିବା ହଲ୍ ଟାଇପର ଅଫିସ୍ ଗୃହ ସମସ୍ତ ସୁବିଧା ସହିତ ଯଥେଷ୍ଟ ପାୱାର ସପ୍ଲାଏ ଓ ଉତ୍ତମ ଫ୍ରଣ୍ଟେଜ୍ ଓ ପର୍ଯ୍ୟାପ୍ତ ପାର୍କିଂର ସ୍ଥାନ ସହିତ ତଳ ମହଲା / ପ୍ରଥମ ମହଲା, ନିମ୍ନଲିଖିତ ସ୍ଥାନରେ ଶାଖା ପାଇଁ ବ୍ୟବସାୟିକ ଲିଜ୍ ଭିତ୍ତିକ ଗୃହ ଆବଶ୍ୟକ କରୁଅଛି। ପ୍ରସ୍ତାବିତ ଗୃହଟିର ବୈଧାନିକ କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ କ୍ଲିଅରାନ୍ସ ସାର୍ଟିଫିକେଟ ଥିବ ଓ ଉକ୍ତ ଗୃହକୁ ୩୦ଦିନ ମଧ୍ୟରେ ଦଖଲ ପାଇଁ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକ। ନିମ୍ନଲିଖିତ ସ୍ଥାନର ଆଗ୍ରହୀ ଗୃହ ମାଲିକମାନେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ଧାର୍ଯ୍ୟ ଫର୍ମାଟ ଅନୁଯାୟୀ ୨ଟି ପୃଥକ ମୁଦ ଲଫାପାରେ, ଗୋଟିକରେ ବୈଷୟିକ ବିଡ୍ ଏବଂ ଅନ୍ୟ ଗୋଟିକରେ ଆର୍ଥିକ ବିଡ୍ ତତ୍‌ସହିତ ସ୍ଥାନ ଓ ଜିଲ୍ଲାର ନାମ ଉଲ୍ଲେଖ କରି ଦାଖଲ କରିବେ। ଉକ୍ତ ଧାର୍ଯ୍ୟ ଫର୍ମାଟ ବ୍ୟାଙ୍କର ୱେବସାଇଟ୍ **www.iob.in-Tender** ରେ ଉପଲବ୍ଧ କିମ୍ବା ଉପରୋକ୍ତ କାର୍ଯ୍ୟାଳୟରୁ ନେଇପାରିବେ।

| କ୍ର. ନଂ. | ସ୍ଥାନ | ଜିଲ୍ଲା | ଆବଶ୍ୟକ କାର୍ପେଟ ଏରିଆ (ବର୍ଗଫୁଟରେ) |
|---|---|---|---|
| ୧. | ନଳାଙ୍ଗ, ଗ୍ରାମ ଏବଂ ପୋ: ଭଦ୍ରକ, ପିନ୍-୭୫୬୧୦୦ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |
| ୨. | ଆଖଣ୍ଡଳମଣୀ, ସା/ପୋ: ଆରଡି, ପିନ୍-୭୫୬୧୩୫ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |

ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ପ୍ରସ୍ତାବଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପରୋକ୍ତ ଠିକଣାରେ **ତା.୨୧.୦୮.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ଖାରଜ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି।

ତାରିଖ: ୦୫.୦୮.୨୦୨୫ — ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ


# କାଉ ମଡ଼କ, ଅନୁଗୋଳରେ ବାର୍ଡଫ୍ଲୁ ଆଶଙ୍କା

ଅନୁଗୋଳ,୪।୮ (ମାନସ ବିଶ୍ୱାଳ)

## କୁକୁଡ଼ାଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଗଲା

ଅନୁଗୋଳ ସହରରେ କାଉ ମଡ଼କ ଦେଖାଦେଇଥିବାରୁ ବାର୍ଡଫ୍ଲୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫଳରେ କୁକୁଡ଼ା ଫାର୍ମ ମାଲିକମାନେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରାଣୀଧନ ବିଭାଗ ପକ୍ଷରୁ ବିଭିନ୍ନ କୁକୁଡ଼ା ଫାର୍ମରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ସହରର ହେମସୁରପଡ଼ା, ନାଖରାସାହି, ସରକାରୀ ମେଡିକାଲ ପରିସରରେ କିଛିଦିନ ହେଲା କାଉମଡ଼କ ଦେଖାଯାଇଥିଲା। ପ୍ରାୟ ପନ୍ଦରରୁ କୋଡ଼ିଏ କାଉ ମରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପ୍ରାଣୀଧନ ଚିକିତ୍ସକମାନେ ମୃତ କାଉଙ୍କୁ ଏକତ୍ର କରି ଗାତ ଖୋଳି ପୋତି ଦେଇଥିଲେ। ତେବେ ବାର୍ଡ ଫ୍ଲୁ ସନ୍ଦେହକୁ ନଜରରେ ରଖି ବିଭିନ୍ନ ଅଞ୍ଚଳର କୁକୁଡ଼ା ଫାର୍ମରୁ ୧୮ ଗୋଟି ସ୍ୱାବ୍ ସଂଗ୍ରହ କରାଯାଇ ଆନିମଲ୍ ଡିଜିଜ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫୁଲନଖରାକୁ ପଠାଇ ଦିଆଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନୀରୋଦ ଦାସ କହିଛନ୍ତି, ପରିସ୍ଥିତି ଉପରେ ନଜର ରଖାଯାଇଛି। ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ୭ ଦିନ ପରେ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ। ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ:** (୧) **ଇ-କେଜିପି-ୱେଷ୍ଟ୍-୨୯-୨୦୨୫,** ଏଡିଇଏନ୍/ଖଡ଼୍ଗଗ୍ରାମଙ୍କ ଅଧୀନରେ ଏସ୍‌ଏସ୍‌ଇ (ପି.ୱେ) ଲାଗି ଲୋକ ଓ ସାମଗ୍ରୀ ପରିବହନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ୧୫ ମାସ ଲାଗି ୦୪ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ଲାଗି ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ାସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୧୨,୬୯,୭୬୭.୧୦। **ଅମାନତ ରାଶି:** ₹୨୫,୪୦୦/-। (୨) **ଇ-କେଜିପି-ୱେଷ୍ଟ୍-୩୦-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼୍ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା-ଗୋକୁଳପୁର ସେକ୍ସନରେ ଏଲସି ନଂ. କେୱାଇ-୧୨ର ଇଣ୍ଟରଲକିଂ ସମ୍ବନ୍ଧନରେ ୦୧ ଗୋଟି ଗେଟ୍ ଗୁମ୍‌ଟିର ନିର୍ମାଣ (ଯାହା ୪.୨ ମି. x ୩.୧ ମି., ୩.୨ ମି. x ୩.୧ ମି. ଏବଂ ୨.୫ ମି. x ୩.୧ ମି. ଆକାରର ୩ଟି ରୁମ୍ ସମ୍ବଳିତ ହେବ)। **ଟେଣ୍ଡର ମୂଲ୍ୟ:** ₹୧୮,୪୨,୩୨୫.୦୮। **ଅମାନତ ରାଶି:** ₹୩୬,୯୦୦/-। (୩) **ଇ-କେଜିପି-ୱେଷ୍ଟ୍-୩୧-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼୍ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼୍ଗପୁରଠାରେ ବିଭିନ୍ନ ବିଦ୍ୟମାନ ସର୍ଭିସ୍ ବିଲ୍ଡିଂଗୁଡ଼ିକର ନବୀକରଣ ଓ ମରାମତି। **ଟେଣ୍ଡର ମୂଲ୍ୟ:** ₹୨,୪୭,୩୯,୨୨୫.୦୫। **ଅମାନତ ରାଶି:** ₹୨,୭୩,୭୦୦/-। (୪) **ଇ-କେଜିପି-ୱେଷ୍ଟ୍-୩୨-୨୦୨୫,** ଏଡିଇଏନ୍/ୱେଷ୍ଟ୍/ଖଡ଼୍ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼୍ଗପୁର ଷ୍ଟେଶନର ଯାତ୍ରୀ ସୁଖସୁବିଧା ଭିତ୍ତିଭୂମିର ନବୀକରଣ ଓ ମରାମତି। **ଟେଣ୍ଡର ମୂଲ୍ୟ:** ₹୨,୪୫,୮୮,୩୫୯.୫୬। **ଅମାନତ ରାଶି:** ₹୨,୭୩,୦୦୦/-। (୫) **ଇ-କେଜିପି-ୱେଷ୍ଟ୍-୩୩-୨୦୨୫,** ଏଡିଇଏନ୍/ପଶ୍ଚିମ/ଖଡ଼୍ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼୍ଗପୁର ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଆଧୁନିକୀକରଣ/ଉନ୍ନତୀକରଣ। **ଟେଣ୍ଡର ମୂଲ୍ୟ:** ₹୨,୫୩,୫୩,୪୭୦.୧୦। **ଅମାନତ ରାଶି:** ₹୨,୭୬,୮୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୨୧।୦୮।୨୦୨୫ରିଖ ଏବଂ କ୍ର.ସଂ. ୫ ପାଇଁ ତା୨୫।୦୮।୨୦୨୫ରିଖ। **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ ମାସ, କ୍ର.ସଂ. ୨ ପାଇଁ ୦୬ ମାସ ଏବଂ କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ ୧୮ ମାସ। **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୦୭।୦୮।୨୦୨୫ରିଖରୁ ତା୨୧।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। କ୍ର.ସଂ. ୫ ପାଇଁ ତା୧୧।୦୮।୨୦୨୫ରିଖରୁ ତା୨୫।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "**www.ireps.gov.in**" ପରିଦର୍ଶନ କରିପାରନ୍ତି। (PR-472)



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ପାରାଦୀପ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଦୀନବନ୍ଧୁ ପାତ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୩) ଶ୍ରୀମତୀ ପ୍ରମିଳା ପାତ୍ର, ୪) ଶ୍ରୀମତୀ ପ୍ରଜ୍ଞା ପରମିତା ସିଂ, ସମସ୍ତଙ୍କ ଠିକଣା-୧: ଏମ୍‌ଆଇଭି-୩୧, ମଧୁବନ, ପାରାଦୀପ, ଜଗତ୍‌ସିଂହପୁର, ପିନ୍ - ୭୫୪୧୪୨, ଠିକଣା-୨: ଫ୍ଲାଟ୍ ନଂ.: ୩୦୧, ୨ୟ ମହଲା, ଅଞ୍ଜଳି ନିବାସ, ରବି ଟକିଜ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର - ୭୫୧୦୦୨, ଠିକଣା-୩: ଫ୍ଲାଟ୍ ନଂ.: ୩୦୧, ଏ-ବ୍ଲକ୍, ଗେଟ୍ ନଂ.: ୩, ଏନ୍‌ବିସିସି ଇମ୍ପେରିଆ, ଗଜପତି ନଗର, ଭୁବନେଶ୍ୱର - ୭୫୧୦୧୩ | ୨୯.୦୪.୨୦୨୫ ସୁଦ୍ଧା ଟ.୩୮,୬୬,୫୪୦.୭୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୨.୦୮.୨୦୨୫ | ଶ୍ରୀ ଦୀନବନ୍ଧୁ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୫ ବରଗଡ଼, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/ ୧୮୧୩, ପ୍ଲଟ୍ ନଂ.: ୪୩୩୨, ଫ୍ଲାଟ୍ ନଂ.: ୩୦୧, ଅଞ୍ଜଳି ନିବାସ, କ୍ଷେତ୍ର: ଏକର ୦.୦୧୮ ଡିସିମିଲି ସହିତ ୧୬୯୦ ବର୍ଗଫୁଟର ସୁପର ବିଲ୍ଟ ଅପ୍ ଏରିଆ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୮୩୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୪୩୩୦ ଏବଂ ୪୩୩୧, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୪.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**କାନାରା ବ୍ୟାଙ୍କ Canara Bank** — A Government of India Undertaking — ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | କେନ୍ଦ୍ରାପଡ଼ା-୨ ଶାଖା (୧୮୦୨୮) / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆଲିସାନ ଏଜେନ୍ସି, ସ୍ୱତ୍ୱାଧିକାରୀ: ସେକ୍ ଅଲ୍ଲିଜାନ, ରସୁଲବାଦ, ମସଜିଦ ନିକଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ଅଲ୍ଲିଜାନ, ପିତା: ୰ ସେକ୍ ଖୈର ମହମ୍ମଦ, ମୌଜା: ବଡହାଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଜାମିନ୍‌ଦାର: ସେକ୍ ସାହିଦଉଲ୍ଲା, ପିତା: ସେକ୍ ଅସଦଉଲ୍ଲା, ସା: ଫକୀରାବାଦ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ | ସେକ୍ ଅଲ୍ଲିଜାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୦୮୫, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୨୯୯/୨୭୯, ପ୍ଲଟ୍ ନଂ.: ୧୦୮୫/୨୦୫୭, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୫୦ଡିସିମିଲି ଯଥା ୨୧୭୮.୦୦ ବର୍ଗଫୁଟ, କିସମ: ଘରବାରି, ମୌଜା: ବଡହାଟ, ଥାନା: କେନ୍ଦ୍ରାପଡ଼ା ଟାଉନ୍ ନଂ. ୨୪୧, ତହସିଲ: କେନ୍ଦ୍ରାପଡ଼ା ନଂ. ୨୪୧, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୮୩, ଦକ୍ଷିଣ: ପ୍ଲଟ୍ ନଂ. ୧୦୭୯, ୧୦୭୯/୨୦୧୦ ଏବଂ ୧୦୮୦, ପୂର୍ବ: ପ୍ଲଟ୍ ନଂ. ୧୫୯୮, ପଶ୍ଚିମ: ବ୍ୟକ୍ତିଗତ ରାସ୍ତା | ୨୧.୦୫.୨୦୨୫ / ୦୨.୦୮.୨୦୨୫ / ୦୪.୦୮.୨୦୨୫ / ୦୪.୦୮.୨୦୨୫ ସୁଦ୍ଧା ଟ.୨୭,୨୫,୩୩୩.୩୬ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮)ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟାଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ତାରିଖ: ୦୪.୦୮.୨୦୨୫, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



Khadi India

**खादी और ग्रामोद्योग आयोग**
**KHADI AND VILLAGE INDUSTRIES COMMISSION**
सूक्ष्म, लघु और मध्यम उद्यम मंत्रालय, भारत सरकार /
Ministry of MSME, Govt. of India
राज्य कार्यालय, भुवनेश्वर / State Office, Bhubaneswar
No.OSO/KVIC/Legal/Advt./2025-26 Date: 4th August, 2025

**ସତର୍କତା ସୂଚନା**

ଆମେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (KVIC), ସଂସଦର ଆଇନ (1956 ର ନଂ. 61, 1987 ର ନଂ.12 ଓ 2006 ର ନଂ.10 ଦ୍ୱାରା ସଂଶୋଧିତ) ଅନୁଯାୟୀ ପଞ୍ଜୀକୃତ ଏକ ବୈଧାନିକ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟାଳୟ ଗ୍ରାମୋଦୟ, ୩, ଇର୍ଲା ରୋଡ, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ-400 056, ଭାରତ ଓ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓଡ଼ିଶା ଠାରେ ଅବସ୍ଥିତ।

ଏତଦ୍ୱାରା ସର୍ବସାଧାରଣ ଓ ଅନ୍ୟ ବ୍ୟକ୍ତିଙ୍କୁ ସୂଚିତ କରାଯାଉଛି ଯେ, KVIC ଖଦି ଓ ଗ୍ରାମୋଦ୍ୟୋଗ କାର୍ଯ୍ୟକ୍ରମ/କାର୍ଯ୍ୟକଳାପ ପାଇଁ ସୋସାଇଟି (Society) ଓ ଚାରିଟେବଲ ଟ୍ରଷ୍ଟ (Charitable Trust)ମାନଙ୍କୁ (ସାଧାରଣତଃ "ଖଦି ଅନୁଷ୍ଠାନ" ନାମରେ ପରିଚିତ) ସେମାନଙ୍କ ସ୍ଥାବର ସମ୍ପତ୍ତି KVIC ପାଖରେ ବନ୍ଧକ ରଖିବା ବଦଳରେ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରେ। କେବଳ ଦାତବ୍ୟ ଉଦ୍ଦେଶ୍ୟରେ ଜମି ପ୍ରଦାନ କରାଯାଇ ନାହିଁ, ବରଂ ସରକାରୀ ପାଣ୍ଠିରୁ ବର୍ଷ ବର୍ଷ ଧରି ଅନେକ କଲ୍ୟାଣକାରୀ ସହାୟତା ପ୍ରଦାନ କରାଯାଇଛି, ଯାହା ନିଜ ଦେଶ/ରାଜ୍ୟର କରଦାତାଙ୍କ ରାଜସ୍ୱ ଭଣ୍ଡାର। ତେଣୁ, ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା KVIC, ନିର୍ଦ୍ଦିଷ୍ଟ ଉପଯୋଗ ପାଇଁ ବନ୍ଧକ ରଖିଥିବା ଏହି ସମ୍ପତ୍ତି ଉପରେ ଅଧିକାର ରଖେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତିକୁ KVIC ର ଲିଖିତ ଅନୁମତି ବିନା କିଣା ବା ଲିଜରେ ନେବା ଉଚିତ ନୁହେଁ। KVIC ର ଲିଖିତ ଅନୁମତି ନ ନେଇ ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତି କିଣୁଥିବା ବ୍ୟକ୍ତି ଭବିଷ୍ୟତରେ ଆଇନଗତ ସମସ୍ୟା ନିମନ୍ତେ ନିଜେ ଉତ୍ତରଦାୟୀ ରହିବେ।

ଯଦି କେହି ଏପରି ଅନୁଚିତ କାର୍ଯ୍ୟ ବିଷୟରେ ଜାଣିପାରନ୍ତି, ତେବେ ସେମାନଙ୍କୁ KVIC ଓ ସମ୍ପୃକ୍ତ ନ୍ୟାୟିକ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସୂଚିତ କରିବାକୁ ଅନୁରୋଧ କରାଯାଉଛି।

**ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ, ଭାରତ ସରକାର
ରାଜ୍ୟ କାର୍ଯ୍ୟାଳୟ
ଠିକଣା: ପ୍ଲଟ୍ ନଂ.J/16, ଭୀମପୁର, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୦
ଇମେଲ୍ ଆଇଡି: sobhubaneshwar.kvic@gov.in, directorkvicbbsr@gmail.com
କାର୍ଯ୍ୟାଳୟ ନମ୍ବର: ୦୬୭୪-୨୩୫୧୧୩୧

# ଆକାଂକ୍ଷୀ ହାଟ ବୁଲିଲେ ଜିଲାପାଳ

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)



ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହ ଜିଲାପାଳ ଓ ଏସ୍‌ପି ।

ସମ୍ପୂର୍ଣ୍ଣତା ଅଭିଯାନ ଅବସରରେ ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଆକାଂକ୍ଷୀ ହାଟକୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୋମବାର ପରିଦର୍ଶନ କରିଥିଲେ । ହାଟରେ ରହିଥିବା ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗଠାରୁ ଆରମ୍ଭ କରି ଓର୍‌ମାସ୍ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଲାଗିଥିବା ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ଷ୍ଟଲ ପରିଦର୍ଶନ କରିବା ସହ ସେଠାରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ନମୁନା ପରୀକ୍ଷା, ରକ୍ତଚାପ ପରୀକ୍ଷା ଆଦି ଉପରେ ଉପସ୍ଥିତ ବିଭାଗୀୟ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ହେଲେ କେହି ଠିକ୍ ଭାବେ ବୁଝାଇ ନ ପାରିବାରୁ ସମସ୍ତ ବିଷୟରେ ସୂଚନା ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏହାପରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଲାଗିଥିବା ପ୍ରାଥମିକ ଶିକ୍ଷା ବିଭାଗର ଷ୍ଟଲ୍ ପରିଦର୍ଶନକରି ସେଠାରେ ଉପସ୍ଥିତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଓ ଶ୍ରୀଧର ପଟ୍ଟନାୟକଙ୍କୁ ଷ୍ଟଲରେ ପ୍ରଦର୍ଶିତ ଶିକ୍ଷାଦାନ ବ୍ୟବସ୍ଥା ଉପରେ ପଚାରି ବୁଝିବା ସହିତ ଜିଲାରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ହାର କମିବାର କାରଣ ଉପରେ ପଚାରିଥିଲେ। ଏହି ସମୟରେ ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିଡିଓ ଉତ୍ତୋଳନ ପାଇଁ ମନା କରିବା ସହ କେବଳ ଫଟୋ ଉଠାଇବାକୁ କହିଥିଲେ । ହେଲେ ଜିଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିଡିଓ କରିବା ପାଇଁ ଅନୁମତି ଦେଇଥିଲେ। ତେବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କେଉଁ କାରଣରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିଡିଓ କରିବାକୁ ମନା କରିଥିଲେ ସେ ନେଇ ପ୍ରଶ୍ନ ଉଠିଛି। । ଏହାପରେ ଜିଲାପାଳ ଓର୍‌ମାସ ଷ୍ଟଲ୍, ଧରତୀପେନୁ ଏନ୍‌ଜିଓ ଷ୍ଟଲ ପରିଦର୍ଶନ କରିଥିଲେ। ପଦ୍ମପୁର ବ୍ଲକ୍‌ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଷ୍ଟଲ ପରିଦର୍ଶନ କରିବା ସମୟରେ ସେମାନଙ୍କ ଉତ୍ପାଦଗୁଡ଼ିକର କିଭଳି ଅଧିକ ବିକ୍ରି ହୋଇପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ସହ ଆଗାମୀ ଦିନରେ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ ବୋଲି କହିଥିଲେ । ପଦ୍ମପୁର ବ୍ଲକ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ନିର୍ମିତ ସପୁରି ସୁଗନ୍ଧଯୁକ୍ତ ଧୂପକାଠି ଦେଖି ଖୁବ୍ ଉତ୍ସାହିତ ହେବା ସହ ଏହାର ଅଧିକ ଉତ୍ପାଦନ ଓ ବିକ୍ରି ନେଇ ଓର୍‌ମାସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଅଗଷ୍ଟ ୧ରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଆକାଂକ୍ଷୀ ହାଟ କେବଳ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସୀମିତ ରହିଯାଇଛି। ଫଳରେ ଲୋକେ ଏହି ହାଟ ବିଷୟରେ କୌଣସି ସୂଚନା ମଧ୍ୟ ପାଇନାହାନ୍ତି। ଏହି ହାଟ ଜନଗହଳିପୂର୍ଣ୍ଣ ସହର ମଝିରେ ଥିବା ଜିସିଡି ପଡ଼ିଆଠାରେ ଆୟୋଜନ ହୋଇଥିଲେ ଜନସାଧାରଣ ଷ୍ଟଲ୍ ବୁଲିବା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉତ୍ପାଦ ବିକ୍ରି ହୋଇପାରିଥାନ୍ତା ବୋଲି ସାଧାରଣରେ ଆଲୋଚନା ଚାଲିଛି ।

### ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ଉତ୍ପାଦ ବିକ୍ରି ପାଇଁ ସହଯୋଗ ପ୍ରତିଶ୍ରୁତି ଦେଲେ

# ସାପ କାମୁଡ଼ାରେ ବାଳିକା ମୃତ, ଯୁବକ ଗୁରୁତର

ପଦ୍ମପୁର/କଲ୍ୟାଣସିଂହପୁର, ୪।୮ (ପ୍ରଶାନ୍ତ କୁମାର କର/ ଦୀପକ କୁମାର ପରିଡ଼ା)

ସାପ କାମୁଡ଼ାରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ଜଣେ ବାଳିକାଙ୍କ ମୃତ୍ୟୁ ହୋଇଥିବାବେଳେ କଲ୍ୟାଣସିଂହପୁର ବ୍ଲକ୍‌ର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଏଲ୍‌ଏଲ୍‌ପୁର ଗ୍ରାମ ଦାଣ୍ଡରେ ଖେଳୁଥିବା ୭ ବର୍ଷର ବାଳିକାଙ୍କୁ ସାପ କାମୁଡିବାରୁ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ବାଳିକା ଜଣକ ହେଲେ ସଞ୍ଜୟ କୈବର୍ତ୍ତଙ୍କ ଝିଅ ଭୁଲତା କୈବର୍ତ୍ତ। ଭୁଲତା ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ତେବେ ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଓ ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବାଳିକାଙ୍କ ମୃତ୍ୟୁ ଘଟିଛି। ଗୁଡ଼ାରି ପୋଲିସ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇବା ସହ ଘଟଣାର ଅନୁସନ୍ଧାନ କରୁଛି।

ସେହିପରି କଲ୍ୟାଣସିଂହପୁର ସେରିଗୁମା ପଞ୍ଚାୟତ ପାଲାପାଇ ଗ୍ରାମର ସୋମନାଥ ପିଡିସିକାଙ୍କ ପୁଅ କୀର୍ତ୍ତି ପିଡିସିକା (୨୨) ଶନିବାର ଘର ପରିସରରେ ଥିବା ମକା ଗଛରେ ଔଷଧ ସିଞ୍ଚନ କରିବାକୁ ଯାଇଥିବା ସମୟରେ ଏକ ନାଗ ସାପ ତାଙ୍କ ପାଦକୁ ଚୋଟ ମାରିଥିଲା। ଫଳରେ କୀର୍ତ୍ତି ସେଠାରେ ବେହୋସ ହୋଇଯାଇଥିଲେ। ଉକ୍ତ ଗ୍ରାମର କିଛି ବ୍ୟକ୍ତି ତାଙ୍କୁ ଗ୍ରାମରେ ବେଝୁଣି ବସେଇ ଗୁଣିଆ ଦେଖାଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ପ୍ରମୋଦ କୁମାର ମିଶ୍ର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଗୋଇବନ୍ଧ ଘାଟିରେ ଗଛକୁ ପିଟିଲା ଟ୍ରକ୍, ୩ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଟ୍ରକ ।

ପଦ୍ମପୁର, ୪।୮ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ନିକଟସ୍ଥ ୧୩୨ ନଂ ଜାତୀୟ ରାଜପଥର ଗୋଇବନ୍ଧ ଘାଟିରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ରବିବାର ରାତି ପ୍ରାୟ ୧୦ଟାରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟ ଗଛ ସହ ପିଟି ହୋଇଯାଇଥିଲା। ଫଳରେ ଟ୍ରକ ଉପରେ ଲୋଡ ହୋଇଥିବା ଏକ କ୍ରେନ୍ ଖସିପଡ଼ିବାରୁ ସେଥିରେ ଚାପିହୋଇ ଡ୍ରାଇଭର, ୨ ଜଣ ହେଲପର ଗୁରୁତର ଆହତ ହୋଇଛନ୍ତି। ଏହି ରାସ୍ତାରେ ଆସୁଥିବା କେତେଜଣ ବାଇକ୍ ଚାଳକ ନିକଟସ୍ଥ କେନ୍ଦୁଗୁଡା ଫାଣ୍ଡିରେ ଦୁର୍ଘଟଣା ସମ୍ପର୍କରେ ଖବର ଦେବାରୁ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ଅମ୍ରିତ୍ ପ୍ରଧାନ ସେମାନଙ୍କୁ ଚିକିତ୍ସା କରିଥିଲେ ମଧ୍ୟ ସମସ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ନୟାଗଡ଼ର ଟ୍ରକ ଡ୍ରାଇଭର ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ନୟାଗଡ଼ ବିଜିପୁରର ଅର୍ଜ୍ଜୁନ ପ୍ରଧାନ ଓ ଝାଡ଼ଖଣ୍ଡ ସନ ସାଦର ଅସାରୀ ଅଞ୍ଚଳର ବୋଲି ଜଣାପଡିଛି। ଯାଜପୁରରୁ ଗୁଣପୁରକୁ ଏକ କ୍ରେନ ମେସିନ ଏହି ଟ୍ରକ୍‌ରେ ଲୋଡ ହୋଇ ଆସୁଥିଲା। ପଦ୍ମପୁର ଥାନାରେ ଏକ ଏମ୍‌ଏଲ୍‌ସି କେସ ଦାୟର କରାଯାଇ ଥିବାବେଳେ କେନ୍ଦୁଗୁଡା ପୋଲିସ ଘଟଣାର ଅନୁସନ୍ଧାନ କରୁଛି।

# ମ୍ୟାଲେରିଆରେ ୧୩ ଛାତ୍ରୀଛାତ୍ର ଆକ୍ରାନ୍ତ


ମେଡିକାଲ ବାରଣ୍ଡାରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ର।

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)

### ଆମ୍ବଗୁଡା ଆରଏସ୍‌ଇଡବ୍ଲ୍ୟୁସି ବିଦ୍ୟାଳୟ ହଷ୍ଟେଲରେ ଆତଙ୍କ

ରାୟଗଡା ସହର ଆମ୍ବଗୁଡା ଆରଏସ୍‌ଇଡବ୍ଲ୍ୟୁସି ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଅନେକ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ୧୩ ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ସୋମବାର ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରକ୍ତ ନମୁନା ପରୀକ୍ଷା ହେବା ପରେ ସମସ୍ତଙ୍କ ମ୍ୟାଲେରିଆ ପଜେଟିଭ୍ ଥିବା ଚିହ୍ନଟ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ଅଭାବ ଯୋଗୁ ସମସ୍ତ ଆକ୍ରାନ୍ତକୁ ବାରଣ୍ଡାରେ ରଖି ଚିକିତ୍ସା କରାଯାଉଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ବିଦ୍ୟାଳୟ କର୍ତ୍ତୃପକ୍ଷ ଅନେକ ଅନ୍ତେବାସୀଙ୍କୁ ମଶାରୀ ଦେଇ ନ ଥିବା ଯୋଗୁ ସମସ୍ତେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଖବରପାଇ ବରିଷ୍ଠ ଡ଼ାକ୍ତର ପହଞ୍ଚି ତଦାରଖ କରୁଛନ୍ତି। ତେବେ ମଙ୍ଗଳବାର ଆଉ ଏକ ଡ଼ାକ୍ତରୀ ଦଳ ବିଦ୍ୟାଳୟକୁ ଯାଇ ସମସ୍ତ ଅନ୍ତେବାସୀଙ୍କ ରକ୍ତ ନମୂନା ସଂଗ୍ରହ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷେ ବିଦ୍ୟାଳୟରେ ମ୍ୟାଲେରିଆ ବ୍ୟାପିବା ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆତଙ୍କିତ ହୋଇପଡ଼ିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)

### ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

ରାୟଗଡ଼ା ଜିଲାରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ହେବାର ମାସେ ବିତିବାକୁ ବସିଲାଣି, ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ପୀଡ଼ିତା ସୋମବାର ରାୟଗଡ଼ାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉପସ୍ଥିତ ହୋଇ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ନାବାଳିକାଙ୍କ ଅଭିଯୋଗ ଅନୁସାରେ, ଗତ ଜୁଲାଇ ୮ ତାରିଖରେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ନାବାଳିକା ନିଜ ଗାଁର ଏକ ଦୋକାନକୁ ଜେରକ୍ସ କରିବାକୁ ଯାଉଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଦାଦା ବଣି ଚିନ୍ନା ତାଙ୍କୁ ପଛପଟୁ ଜାବୁଡି ଧରିବା ସହ ଗାମୁଛାରେ ପାଟିକୁ ଚାପି ନିକଟସ୍ଥ ପାହାଡ଼କୁ ଟେକିନେଇ ବଳାତ୍କାର ଉଦ୍ୟମ କରିଥିଲେ । ସେହି ସମୟରେ ସେଠାରେ ନାବାଳିକାଙ୍କ ସମ୍ପର୍କୀୟ ପହଞ୍ଚିବାରୁ ଅଭିଯୁକ୍ତ ନାବାଳିକାଙ୍କୁ କାହାକୁ କିଛି କହିଲେ ଜୀବନରେ ମାରିଦେବା ନେଇ ଧମକ ଦେବା ସହିତ ସେଠାରୁ ଫେରାର ହୋଇଯାଇଥିଲେ । ଏ ନେଇ ଭୟଭୀତ ହୋଇ ନାବାଳିକା ଓ ପରିବାରବର୍ଗ ଥାନାରେ ଏତଲା ଦେଇ ନ ଥିଲେ ହେଁ ପରବର୍ତ୍ତୀ ସମୟରେ ଜୁଲାଇ ୧୧ ତାରିଖରେ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ନେଇ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି ପୀଡ଼ିତା। ମହିଳା ସାମାଜିକ କର୍ମୀ ବିନୋଦିନୀ ଗରଡ଼ିଆଙ୍କ ସହାୟତାରେ ପୀଡ଼ିତା ଓ ପରିବାରବର୍ଗ ରାୟଗଡ଼ା ଆସି ଅଭିଯୋଗ କରିଥିଲେ। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଏ ନେଇ ଏସ୍‌ପି ସ୍ୱାଥି ଏସ.କୁମାର ଓ ଗୁଣପୁର ପୋଲିସକୁ ମାମଲାର ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ମାମଲା ନେଇ ଗୁଣପୁର ଥାନା ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ଥାନାରେ କେସ ନଂ ୧୫୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଏବଂ ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି ।

# ଟ୍ରେନ୍ ଭିତରେ ସୁନା ବେପାରୀଙ୍କଠାରୁ ଝାମ୍ପିନେଲେ ଅଳଙ୍କାର ବ୍ୟାଗ୍

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରୁ ଗୁଣ୍ଟୁର ଅଭିମୁଖେ ଯାଉଥିବା ଏକ୍ସପ୍ରେସ୍ ଟ୍ରେନ୍ ଭିତରେ ଲୁଟ୍। ରବିବାର ସନ୍ଧ୍ୟାରେ ବିଶାଖାପାଟଣା ଯାଉଥିବା ଗାଜୁୱାକା ସହର ନିବାସୀ ତଥା ସୁନା ବେପାରୀ ଆର୍. ମୁଲ୍ଲାଙ୍କଠାରୁ ୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଲେ ଦୁର୍ବୃତ୍ତ। ବ୍ୟବସାୟୀ ମୁଲ୍ଲା ରାୟଗଡା ସହରରେ ତାଙ୍କ ବ୍ୟବସାୟ ସାରି ଗୁଣ୍ଟୁର ଏକ୍ସପ୍ରେସ୍‌ରେ ବିଶାଖାପାଟଣା ଯାଉଥିବାବେଳେ ଜେମାଦେଇପେଣ୍ଟ ଷ୍ଟେଶନ ନିକଟରେ ତାଙ୍କ ପାଖରେ ଥିବା ୨୦୦ ଗ୍ରାମ ସୁନା ଗହଣା ଜଣେ ଲୁଟେରା ଝାମ୍ପି ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ସୁନା ବେପାରୀ ମୁଲ୍ଲା ୨୦୦ ଗ୍ରାମ ସୁନାଗହଣା ଧରି ଗୁଣ୍ଟୁର ଏକ୍ସପ୍ରେସ୍ ଟ୍ରେନ୍‌ର ବି-୨ ବଗିରେ ବସିଥିବା ସମୟରେ ଜେମାଦେଇପେଣ୍ଟ ଷ୍ଟେଶନରେ ୫ଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଗହଣା ଭର୍ତ୍ତି ବ୍ୟାଗ୍‌ଟି ଝାମ୍ପି ଚଳନ୍ତା ଟ୍ରେନରୁ ଡେଇଁ ଷ୍ଟେଶନ ନିକଟସ୍ଥ ଜଙ୍ଗଲ ଆଡ଼କୁ ପଳାଇଥିଲେ। ଘଟଣାପରେ ମୁଲ୍ଲା ଅଭିଯୋଗ କରିବା ପାଇଁ ଶେଷଖାଲ ଥାନାକୁ ଯାଇଥିଲେ। କିନ୍ତୁ ସେଠାର ପୋଲିସ ଏହା ଟ୍ରେନ୍ ଭିତରେ ଘଟିଥିବା କାରଣରୁ ମାମଲା ରୁଜୁ କରିବାକୁ ରାୟଗଡ଼ା ରେଲୱେ ପୋଲିସ ପାଖକୁ ଯିବାକୁ ପରାମର୍ଶ ଦେଇଥିଲା। ପରେ ରାୟଗଡ଼ା ଜୁଏଲର ଆସୋସିଏସନ ଅଧ୍ୟକ୍ଷ କେ. ଅମରନାଥଙ୍କ ସହଯୋଗରେ ସେ ରାୟଗଡ଼ା ରେଲୱେ ପୋଲିସ ନିକଟକୁ ଯାଇ ଅଭିଯୋଗ ଦାଖଲ କରିଥିଲେ। ତେବେ ୨୪ ଘଣ୍ଟା ପରେ ବି ଦୁର୍ବୃତ୍ତଙ୍କ ସମ୍ପର୍କରେ ଟେର ପାଉନି ପୋଲିସ।

# ୯୦ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ସଦର ମହକୁମାଠାରେ ଜିଲା ପରିଷଦ ସଦ୍‌ଭାବନା ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏସ୍‌ପି ସ୍ୱାଥି ଏସ୍ କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଡିଏଫ୍‌ଓ ସଚିନ ଆନ୍ନାସାହେବ ଓହେଲ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୦ଟି ଅଭିଯୋଗ ଜିଲାପାଳ ଗ୍ରହଣ କରିଥିଲେ। ସେଥିରୁ ୮୩ଟି ବ୍ୟକ୍ତିଗତ ୭ଟି ସାମୂହିକ ଅଭିଯୋଗ ରହିଥିଲା। ୯ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ସେମାନଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଜିଲାପାଳ ପ୍ରଦାନ କରିଥିଲେ। ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, କଲେଜ ସ୍ଥାପନା, ଦିବ୍ୟାଙ୍ଗ ଭତ୍ତା, ପାରିବାରିକ ସମସ୍ୟା, ଜଳସେଚନ, ଯୋଗାଯୋଗ ଆଦି ବିଭିନ୍ନ ସମସ୍ୟାମୂଳକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ

ଗୁଣପୁର,୪।୮ (ପ୍ରଦୀପ କୁମାର ପାଢ଼ୀ)

ଅଗଷ୍ଟ ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ପାଳନ କରିବା ନେଇ ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡ ମୋଟର କର୍ମଚାରୀ ସଂଘ ଅଫିସ୍‌ଠାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ଜିଲା କମିଟି ତରଫରୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନାସିମ ଶବରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଉପସ୍ଥିତ ଥିଲେ। ଉକ୍ତ ଦିନ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବା ସହ ଜନ ଆନ୍ଦୋଳନ ହେବ ବୋଲି ତ୍ରିପତି ଗମାଙ୍ଗ ମତ ପ୍ରକାଶ କରିଛନ୍ତି। ବୈଠକରେ କୈଳାସ ଶବର, ଆଚାନା ମଣ୍ଡାଙ୍ଗି, ମାଥ୍ୟୁ ରଇତ, ସଞ୍ଜୀବ ଶବର, ମେରି ଗମାଙ୍ଗ, ରାଜେନ୍ଦ୍ର ମାଝୀ, ସିମାଦ ପାତିକା, ଅଷ୍ଟମ ଉଲାକା, ରମେଶ ବିଡିକା , ମଜେଶ ବିଡିକା, ବାସୁ ମାମ୍ବାଲାକା, ସୁନୀଲ ମାଝି, କେତନ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳାଭିଷେକ ପାଇଁ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

କଲ୍ୟାଣସିଂହପୁର/ପଦ୍ମପୁର/ମୁକୁନ୍ଦପୁର, ୪।୮ ( ଦୀପକ କୁମାର ପରିଡ଼ା/ ପ୍ରଶାନ୍ତ କୁମାର କର/ପୃଥ୍ୱୀରାଜ ମହାନ୍ତି)

### ଶ୍ରାବଣ ଶେଷ ସୋମବାର

ଶ୍ରାବଣ ମାସ ଶେଷ ସୋମବାର ଯୋଗୁ ରାୟଗଡା ଜିଲାର ବିଭିନ୍ନ ଶୈବପୀଠରେ ଭୋରରୁ କାଉଡିଆଙ୍କ ଭିଡ଼ ଜମିଥିଲା। 'ବୋଲ୍‌ବମ୍, ଭୋଲା ବାବା ପାର କରେଗା, ଜଟିଆ ବାବା ପାର କରେଗା ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କଲ୍ୟାଣସିଂହପୁର ବ୍ଲକ୍ ଦେବଗିରି ପାହାଡ଼ରେ ଥିବା ପଞ୍ଚମୁଖେଶ୍ୱରଙ୍କଠାରେ ଜଳଲାଗି କରିବା ପାଇଁ ଜିଲା ତଥା ବାହାରୁ,ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ରୁ ମାନସିକଧାରୀ କାଉଡ଼ିଆଙ୍କ ସମାଗମ ହୋଇଥିଲା। ୧୧୦ ମିଟର ଉଚ୍ଚତା ବିଶିଷ୍ଟ ଗୋଟିଏ ପଥରରେ ଗଢ଼ା ହାତି ଆକୃତିର ବିଶାଳ ପାହାଡ଼ ଉପରେ ଥିବା ଗୁମ୍ଫା ଭିତରେ ପୂଜା ପାଆନ୍ତି ବାବା ପଞ୍ଚମୁଖେଶ୍ୱର।

ସେହିପରି ପଦ୍ମପୁରର ନୀଳକଣ୍ଠେଶ୍ୱର, ଧବଳେଶ୍ୱର, ମଲ୍ଲିକେଶ୍ୱର ଓ ପୁଟୁକେଶ୍ୱର ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ଗୁମୁଡା, କାରେଣୀ,ଜାଲିଲିର ବିଭିନ୍ନ ଶୈବପୀଠରେ ବୋଲ୍‌ବମ ଭକ୍ତଙ୍କ ଭିଡ଼ ଜମିଥିଲା।

କୋଲନରା ବ୍ଲକ୍‌ର ଭୋଇମଡା ଜଳେଶ୍ୱର ବୋଲବମ ସଂଘ ଓ ମୁକୁନ୍ଦପୁରର ବୋଲ୍‌ବମ ସଂଘର କାଉଡିଆମାନେ ଗୁଣପୁର ନିକଟରେ ବହି ଯାଉଥିବା ବଂଶଧାରା ନଦୀରେ ପୂଜାର୍ଚ୍ଚନା କରି ସେଠାରୁ ଜଳ ଆଣି ବିକ୍ରମପୁର ନିକଟରେ ଥିବା ଶିବ ମନ୍ଦିରରେ ଜଳାଭିଷେକ କରିଛନ୍ତି। ଏଥିରେ ପ୍ରାୟ ୧୮ରୁ ଅଧିକ ଭକ୍ତ ସାମିଲ ହୋଇଥିଲେ।




ପଞ୍ଚମୁଖେଶ୍ୱରଙ୍କଠାରେ ଜଳଲାଗି କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। ଗୁଣପୁର ବଂଶଧାରା ନଦୀରେ କାଉଡିଆମାନେ ପୂଜାର୍ଚ୍ଚନା କରୁଛନ୍ତି ।

# ପ୍ରତ୍ୟୁଷରେ ରାମଧୂନ୍ ପରିବେଷଣ, ପ୍ରଭାତଫେରି

### ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଗୁଣପୁର,୪।୮ (ପ୍ରଦୀପ କୁମାର ପାଢ଼ୀ)


ବୈଠକରେ ଉପସ୍ଥିତ ଅଧିକାରୀ ଆଲୋଚନା କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଭାରପ୍ରାପ୍ତ ଉପ ଜିଲାପାଳ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ଆଇଆରବିଏନର ଡେପୁଟି କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲିଙ୍ଗ ମଞ୍ଚାସୀନ ଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ଉପସ୍ଥିତିରେ ଅନନ୍ତ ପାତ୍ର ଗତ ବର୍ଷର କାର୍ଯ୍ୟକ୍ରମ ବିବରଣୀ ପାଠ କରିବା ସହ ଚଳିତ ବର୍ଷ ପାଇଁ ବୈଠକରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ପ୍ରସ୍ତାବ ଲୋଡିଥିଲେ। ସ୍ୱାଧୀନତା ଦିବସ ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ । ଭୋର ୫ଟା ୩୦ରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରରୁ ପ୍ରଭାତଫେରି କରାଯିବ। ସକାଳ ୭ଟା ୩୦ରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ସକାଳ ୯ଟା ୧୫ରେ ମୁଖ୍ୟ ଅତିଥି ତଥା ଗୁଣପୁର ଉପ ଜିଲାପାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପରେଡ଼ର ସମସ୍ତ ଦାୟିତ୍ୱ ଆଇଆରବିଏନ୍‌ଙ୍କୁ ଅର୍ପଣ କରାଯାଇଛି। ୧୧, ୧୨ ଓ ୧୩ ତାରିଖ ୩ ଦିନ ଧରି ସକାଳ ୮ଟା ୩୦ରେ ପରେଡ଼ର ପୂର୍ବାଭ୍ୟାସ କରିବା ନିମନ୍ତେ ସ୍ଥିର କରାଯାଇଛି। ପରେଡ଼ ପଡିଆରେ ବାରିକେଡ୍ ଲଗାଇବା ପାଇଁ ବନ ବିଭାଗକୁ ଦାୟିତ୍ୱ, ପଡିଆ ମରାମତି, ଡାଇସ ମରାମତି ଏବଂ ରଙ୍ଗ ଦିଆ କାର୍ଯ୍ୟ ପୂର୍ତ୍ତ ବିଭାଗ ସହ ଅନ୍ୟ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆସନ୍ତା ୬ ଓ ୭ ତାରିଖରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ, ଉପ କାରାଗାର ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର, ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟକ୍ଷ, ହାଇସ୍କୁଲ ପ୍ରଧାନ ଶିକ୍ଷକ, ପୂର୍ତ୍ତ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବଜ୍ରପାତଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟ

## ସଚେତନତା ରଥ ଶୁଭାରମ୍ଭ

ନବରଙ୍ଗପୁର,୪।୮(ସଦାଶିବ ପ୍ରହରାଜ)


ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବଜ୍ରପାତ ସମୟରେ କ'ଣ ସବୁ ପଦକ୍ଷେପ ନେଇ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିହେବ ସେ ନେଇ ଏହି ରଥ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ୍ କରିବା ଉପରେ ପ୍ରଚାର ପ୍ରସାର କରାଯିବ। ଏଥିରେ ବିଭିନ୍ନ ଅନୁଷ୍ଠାନ ସକ୍ରିୟ ଅଂଶଗ୍ରହଣ କରି ଏ ସମ୍ବନ୍ଧୀୟ ଜନ ସଚେତନତା କରାଇବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ସିଡିଓ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜାତି ଓ ଜନଜାତି ବିଭାଗ ରାଜୀବ ଲୋଚନ ସାହୁ, ନବରଙ୍ଗପୁର ବିଡିଓ ଡ ସୁନିଲ ଖରା, ଡେପୁଟି କଲେକ୍ଟର ସମୀର ପାତ୍ର, ସହାୟକ ଜିଲାପାଳ (ଜରୁରୀକାଳୀନ) ହେମନ୍ତ ସୌରା, ବିନାୟକ ଖାଡ଼ଙ୍ଗା, ଶିବ ପ୍ରସାଦ ପାଢ଼ି, ଜିଲା ପ୍ରକଳ୍ପ ଅଧିକାରୀ, (ଜରୁରୀକାଳୀନ) ହିମାଂଶୁ ଶେଖର ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ଡିଆଇପିଆରଓ ମନୋଜ ବେହେରା, ଜରୁରୀକାଳୀନ ବିଭାଗ ସେକ୍ସନ ଅଫିସର ତ୍ରିପତି ବାଲାଜି ସାହୁ, ଗଗନ ବିଷୋଇ, ହର୍ଷା ଜୈନ, ପ୍ରଶାନ୍ତ ତ୍ରିପାଠୀ, ଏ.ମିନା କୁମାରୀ, ରାମକୃଷ୍ଣ ପୂଜାରୀ, ଅଭିନାଶ ପାତ୍ର, ଜଗନ୍ନାଥ ମହାପାତ୍ରଙ୍କ ସହ ଜିଲା କାର୍ଯ୍ୟାଳୟ ସମସ୍ତ କର୍ମକର୍ତ୍ତା ଓ ଜିଲାସ୍ତରୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୯ରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ


ବୈଠକରେ ଉପସ୍ଥିତ ରହିଥିବା କର୍ମକର୍ତ୍ତା।

## ସାମିଲ ହେବେ ୩୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ

ଝରିଗାଁ,୪।୮(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାସ୍ଥିତ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ଜନଜାତି ସୁରକ୍ଷା ମଞ୍ଚର ଜିଲା କାର୍ଯ୍ୟକାରିଣୀ ସଭାପତି ଘନ ମାଝୀଙ୍କ ସଭାପତିତ୍ୱରେ ଏହି ବୈଠକ କରାଯାଇଛି। ଚଳିତ ମାସ ୯ତାରିଖରେ ଝରିଗାଁସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବ। ସେ ନେଇ ଏକ କମିଟି ଗଠନ କରାଯାଇଛି। ଏହି ଅବସରରେ ପ୍ରାୟ ୩୦ହଜାର ଆଦିବାସୀଙ୍କ ମେଳି ହେବ ବୋଲି ଜନଜାତି ସୁରକ୍ଷା ମଞ୍ଚର ଜିଲା କାର୍ଯ୍ୟକାରିଣୀ ସଭାପତି ପ୍ରକାଶ କରିଛନ୍ତି। ଉକ୍ତ ଦିନ ହନୁମାନ ମନ୍ଦିର ଛକରୁ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆସିବାସୀଙ୍କ ଐତିହ୍ୟ, ପରମ୍ପରା, ସଂସ୍କୃତି, ଭାଷା, ଧର୍ମ ଆଦିକୁ ସୁରକ୍ଷା ଓ ଆଦିବାସୀଙ୍କ ଅଧିକାରକୁ ପ୍ରୋତ୍ସାହନ କରିବା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ କୁହାଯାଇଛି। ବୈଠକରେ ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝୀ, ଜନଜାତି ସୁରକ୍ଷା ମଞ୍ଚର ଜିଲା ସମ୍ପାଦକ ଲଛମନ ମାଝୀ, ଡାବୁଗାଁ ବ୍ଲକ ସଭାପତି ମୋହନସିଂ ଗଣ୍ଡ, ଉମରକୋଟ ବ୍ଲକ ସଭାପତି ବିରସିଂ ମାଝୀ, ଭତରା ସମାଜ ଜିଲା ସମ୍ପାଦକ ଜୟରାମ ଭତ୍ରା, ଡାବୁଗାଁ ବ୍ଲକ ଭତରା ସମାଜ ସଭାପତି ମୋହନ ନାୟକ, ଝରିଗାଁ ବ୍ଲକ ଭତରା ସମାଜ ସଭାପତି ସଦାନନ୍ଦ ଭତ୍ରା, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ବେଲଗାଁ ସରପଞ୍ଚ ଥବିର ପୂଜାରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଭାଗିରଥୀ ନାୟକ, ରାମଧର ମାଝୀ, ଟିକଚାନ୍ଦ ମାଝୀ, କୋଷାଧ୍ୟକ୍ଷ ସୁକଚାନ୍ଦ ମାଝୀ, ରତି ଶବର, ମାଧବ ଭତ୍ରା, ଚକ୍ରଧର ମାଝୀ, ଦିବାକର ହଲବା, ଚନ୍ଦ୍ର ପୁଜାରୀ, ଦେବୀ ଭତ୍ରା, ରବି ଜାନୀ ପ୍ରମୁଖଙ୍କ ସହ ଜନଜାତି ସୁରକ୍ଷା ମଞ୍ଚ ଏବଂ ଭତରା ସମାଜର କର୍ମୀ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ବଳାତ୍କାର ମାମଲାରେ ଫେରାର ଯୁବକ ଗିରଫ

ଡାବୁଗାଁ, ୪।୮
(ପ୍ରଜ୍ଞାରଞ୍ଜନ ପରିଡ଼ା)


ଗିରଫ ଅଭିଯୁକ୍ତ ।

ଯୁବତୀଙ୍କୁ ବଳାତ୍କାର ମାମଲାରେ ଜଣେ ଫେରାର ଅଭିଯୁକ୍ତଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଡାବୁଗାଁ ଥାନା ଅଞ୍ଚଳର ଯୋଗେଶ୍ୱର ପୂଜାରୀ (୨୮)। ସୂଚନାନୁଯାୟୀ ୨୦୨୩ରେ ନିଜ ଗାଁର ଜଣେ ଯୁବତୀଙ୍କ ସହ ଯୋଗେଶ୍ୱରଙ୍କ ପ୍ରେମ ଆରମ୍ଭ ହୋଇଥିଲା। ସେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ବିବାହ କରିବାକୁ କହିବାରୁ ଯୋଗେଶ୍ୱର ମନା କରିଥିଲେ। ପରେ ପୀଡ଼ିତା ଜଣଙ୍କ ଡାବୁଗାଁ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଥାନା କେସ ନଂ ୧୬୧/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଯୋଗେଶ୍ୱର ସେବେଠାରୁ ଫେରାର ଥିଲେ। ସେ ନିଜ ଗ୍ରାମକୁ ଫେରିଥିବା ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ଯୋଗେଶ୍ୱରଙ୍କୁ ଗିରଫ କରିଥିଲେ। ତାଙ୍କର ଡାକ୍ତରୀ ମାଇନା ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ବିକ୍ରମ କିଶୋର ସାହୁ ମାମଲାର ତଦନ୍ତ କରୁଛନ୍ତି।

# ଅନ୍ୟତ୍ର ବିବାହ ପାଇଁ ଯୁବତୀଙ୍କୁ ହତ୍ୟାକରିଥିଲେ ପ୍ରେମିକ

## ଯୁବତୀଙ୍କ ମୃତଦେହ ଜବତ ଘଟଣା

ପାପଡ଼ାହାଣ୍ଡି/କୋଷାଗୁମୁଡ଼ା, ୪।୮
(ସ୍ୱପ୍ନଜିତ ପଟ୍ଟନାୟକ/ପ୍ରସାଦ ବିଷୋୟୀ)


ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଉଛି।

ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରୁ ଶନିବାର ରାତିରେ କୋଷାଗୁମୁଡା ବ୍ଲକ୍ ସଦର କୁମ୍ଭାରସାହିର ପର୍ଶୁ ଗୌଡ଼ଙ୍କ ଝିଅ ଅସ୍ତମାଙ୍କ ମୃତଦେହ ଜବତ କରାଯାଇଥିଲା। ରବିବାର ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ସୋମବାର ଘଟଣାର ପର୍ଦ୍ଦାଫାଶ କରିଛି। ଅନ୍ୟତ୍ର ବିବାହ ପାଇଁ ପ୍ରେମିକ ଦିନେଶ୍ୱର ସରାବୁ ଯୁବତୀଙ୍କୁ ହତ୍ୟା କରିଥିବା ନେଇ ସୋମବାର ପାପଡ଼ାହାଣ୍ଡି ଏସ୍ଡିପିଓ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏସ୍ପି ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ଦିନେଶ୍ୱରଙ୍କ ଅନ୍ୟତ୍ର ବିବାହ ସ୍ଥିର ହେବା ସହ ନିର୍ବନ୍ଧ ସରିଥିଲା। ଏହାକୁ ନେଇ ଘଟଣା ଦିନ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେ ଯୁବତୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁଯାୟୀ, ଅସ୍ତମା ଶୌଚ ହେବା ପାଇଁ ଶନିବାର ରାତିରେ ଗାଁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକେ ବହୁ ଖୋଜାଖୋଜି କରିଥିଲେ । କିଛି ସମୟ ପରେ ପଡ଼ୋଶୀ ଘରର ଝିଅ ଆସି ଏକ ଆମ୍ବଗଛ ମୂଳେ ଅସ୍ତମା ପଡ଼ିଥିବା ତାଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଷାଗୁମୁଡ଼ା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଯାଞ୍ଚ ଆରମ୍ଭ କରିଥିଲେ। କୋଷାଗୁମୁଡ଼ା ଥାନାରେ କେସ୍ ନମ୍ବର ୧୫୪/୨୫ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଥାନା ହେପାଜତରେ ଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଏସ୍ଡିପିଓ ସତ୍ୟଜିତ କଣ୍ଡେଲକର ଓ କୋଷାଗୁମୁଡ଼ା ଆଇଆଇସି ଦୀପକ ଜେନା ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍ପିଙ୍କ ଜନଶୁଣାଣି

ନବରଙ୍ଗପୁର,୪।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଏସ୍ପି ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସୋମବାର ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୭୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ସମସ୍ୟା ଓ ୬ଟି ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ଭତ୍ତା,ଆବାସ ଗୃହ,ଜମି ପଟ୍ଟା ଉପରେ ଥିଲା।

# ଓମ୍ ନମଃ ଶିବାୟ ଧ୍ୱନିରେ କମ୍ପିଲା ଶୈବପୀଠ

ଡାବୁଗାଁ, ୪।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଶ୍ରାବଣ ମାସର ଶେଷ ସୋମବାରରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠରେ ସକାଳୁ ବୋଲ୍ବମ୍ ଭକ୍ତଙ୍କ ଭିଡ଼ ଜମିଥିଲା । ଭୋର ୩ଟାରେ କେଲିଆ ଶୈବ ପୀଠରେ ଭକ୍ତ ମାନେ ପହଞ୍ଚି ଧାଡ଼ି ବାନ୍ଧି ଜଣେ ବାବା ଝଡ଼େଶ୍ୱର ମହାଦେବଙ୍କ ଉପରେ ଜଳ ଢାଳି ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଏଠାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହା ସହ ଡାବୁଗାଁ, ବିରିସୋଲା, ବାଘବେଢ଼ା ଓ ଜୁନାପାଣି ଶିବ ମନ୍ଦିରରେ ମଧ୍ୟ କାଉଡ଼ିଆଙ୍କ ଭିଡ଼ ଜମିଥିଲା।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

ନନ୍ଦପୁର/ପାଡୁଆ,୪।୮
(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସଚେତନତା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ଗୋପୀନାଥ ଶୀସା, ସମିତିସଭ୍ୟ ନୀଳକଣ୍ଠ ମାଝୀ, ସମସ୍ତ ୱାର୍ଡ ସଭ୍ୟ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ, ସିଡିପିଓ ମିନତିବାଳା ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ରବୀନ୍ଦ୍ରନାଥ ମାରାଣ୍ଡି ଓ ବ୍ଲକ୍ରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ପାନୀୟ ଜଳ, ରାସ୍ତା ଓ ନେଟ୍ୱର୍କ ସମସ୍ୟା ସମେତ ନୂତନ ପାଭାର ବ୍ଲକ ରାସ୍ତା ନିର୍ମାଣ, ସୌରଚାଳିତ ପାନୀୟଜଳ ପ୍ରକଳ୍ପ, ଗାଁ ସଦର ମଣ୍ଡପ ନିର୍ମାଣ କରିବା ଆଦି ୧୩ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହାକୁ ପଞ୍ଜୀକୃତ କରାଯାଇଥିବା ବିଡିଓ ଦୋରା ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ବିଡିଓ, ବ୍ଲକ୍ ପ୍ରଶାସନିକ ଟିମ୍ର ଗତରକଣ୍ଡା ଗାଁ ପରିଦର୍ଶନ

## ରାସ୍ତା, ପାଣି ସମସ୍ୟା ସମାଧାନ ପ୍ରତିଶ୍ରୁତି

ନନ୍ଦପୁର/ପାଡୁଆ, ୪।୮
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)


ଗତରକଣ୍ଡାରେ ବ୍ଲକ୍ ପ୍ରଶାସନ ଟିମ୍।

କୋରାପୁଟ ଜିଲା ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଅନ୍ୟ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ପାଡୁଆ ପଞ୍ଚାୟତର ଗତରକଣ୍ଡା ଗ୍ରାମ ସୋମବାର ପରିଦର୍ଶନ କରିଛନ୍ତି। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ୍ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବିଡିଓ ଗ୍ରାମବାସୀଙ୍କଠାରୁ ରାସ୍ତା, ପାଣି, ଆଧାର କାର୍ଡ , ରାଶନ ଓ ଭତ୍ତା ଆଦିରୁ ବଞ୍ଚିତ ଥିବା ଖବର ସଂଗ୍ରହ କରିଥିଲେ। ସରପଞ୍ଚ ଗୋପୀନାଥ ଶୀସା, ସମିତିସଭ୍ୟ ନୀଳକଣ୍ଠ ମାଝୀ, ପିଇଓ ଜିଆର୍ଏସ୍, ଯନ୍ତ୍ରୀଙ୍କୁ ଗୁମିଗୁଡ଼ାଠାରୁ ଗତରକଣ୍ଡା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ରବୀନ୍ଦ୍ରନାଥ ମାରାଣ୍ଡିଙ୍କ ଟିମ୍ ଅଚଳ ନଳକୂପର ମରାମତି କରିଥିଲେ। ଗାଁର ଉପରମୁଣ୍ଡରେ ଥିବା ଝରଣା ଜଳ ଉପଯୋଗକରି ସ୍ପ୍ରିଙ୍ଗ୍ ବେସ୍ ୱାଟର ସପ୍ଲାଏ ସିଷ୍ଟମ ଜରିଆରେ ପାନୀୟ ଜଳ ସମସ୍ୟା ଦୂରକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଧାର ନ ଥିବା ସମସ୍ତ ଶିଶୁ ଓ ବୟସ୍କଙ୍କୁ ଆଧାରକେନ୍ଦ୍ରକୁ ଯାଇ ନୂତନ ଆଧାରକାର୍ଡ ପ୍ରସ୍ତୁତ ଓ ତ୍ରୁଟି ସଂଶୋଧନ କରି ରାଶନ କାର୍ଡରେ ସଂଯୁକ୍ତ କରିବା ସହ ଭତ୍ତା ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତା ନିର୍ମାଣ ନେଇ ଜାଗା ଚିହ୍ନଟ କରିବାକୁ ବନ ବିଭାଗ ଓ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ସିଡିପିଓ ମିନତିବାଳା ପଟ୍ଟନାୟକ, ସାମାଜିକ ସୁରକ୍ଷା ବିଭାଗ ଡିଇଓ ଚିନ୍ମୟ ଦାସ, ଆବାସ ସଂଯୋଜକ ଓ ସିଆର୍ସିସି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ଆହତ

ସେମିଳିଗୁଡ଼ା/ସୁନାବେଡ଼ା,୪।୮
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଭାରତ ମାଳା ପ୍ରକଳ୍ପରେ ୬ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତାରେ ରଖାଯାଇଥିବା ବ୍ଲକ୍କୁ ଏକ ବାଇକ୍ ଧକ୍କା ଦେଇ ୨ଜଣ ଆହତ ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ୨ଜଣ ବ୍ୟକ୍ତି ନିର୍ମାଣାଧୀନ ଭାରତମାଳା ରାସ୍ତା ଦେଇ ବେହେରାଗୁଡ଼ାରୁ କୁନ୍ଦୁଲି ଅଭିମୁଖେ ଯାଉଥିଲେ। ବାଗଡ଼େମଶା ନିକଟରେ ସେମାନେ ରାସ୍ତାରେ ଥିବା ବ୍ଲକ୍କୁ ଧକ୍କା ଦେଇ ଜଣେ ସାମାନ୍ୟ ଆହତ ଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ଜବତ

## ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ

ବୈପାରୀଗୁଡା,୪।୮(କଳ୍ପତରୁ ମହାନ୍ତି)

ବୈପାରୀଗୁଡା ଥାନା ଦଣ୍ଡାବାଡି ପଞ୍ଚାୟତ ବିଏସଏଫ୍ କ୍ୟାମ୍ପ ନିକଟରୁ ଅଣ୍ଡ୍ରାଯୋଡ଼ି ଗ୍ରାମର ଧନ ଭୂମିଆ(୫୩)ଙ୍କ କ୍ଷତବିକ୍ଷତ ମୃତଦେହ ସୋମବାର ଜବତ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଅଭିଯୋଗ ଆଣିଛନ୍ତି। ପୋଲିସର ପ୍ରାଥମିକ ତଦନ୍ତରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି।

ସୂଚନା ଅନୁଯାୟୀ, ରବିବାର ଧନ ଦଣ୍ଡାବାଡିର ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ ଜଣେ ମହିଳାଙ୍କ ସହ ଦୀର୍ଘ ସମୟ ବିତାଇଥିଲେ। ଏହା ପରେ ଦଣ୍ଡାବାଡିରେ ଥିବା ତାଙ୍କ ଭଉଣୀ ଫୁଲମତି ହାଲୁଆଙ୍କ ଘରକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ସନ୍ଦିଗ୍ଧ ମହିଳା ଜଣକ ଧନଙ୍କୁ ତାଙ୍କ ଘର ମାଠପଡିଆଗୁଡାକୁ ଡାକି ନେଇଥିବା ସୂଚନା ରହିଛି। ସୋମବାର ଧନଙ୍କ ମୃତଦେହ ତାଙ୍କ ଭଉଣୀଙ୍କ ଘରଠାରୁ ପ୍ରାୟ ଅଧା କି.ମି. ଦୂର ବିଏସ୍ଏଫ୍ କ୍ୟାମ୍ପ ନିକଟରେ ପଡ଼ିଥିବା ଲୋକେ ଦେଖି ଖବର ଦେଇଥିଲେ। ବୈପାରୀଗୁଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ କେଶ ନଂ.୧୬୧/୨୫ରେ ମାମଲା ରୁଜୁ ହୋଇଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଥିବା ବେଳେ ଧନଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବୈପାରୀଗୁଡ଼ା ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ମୃତାଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ରୋଡ୍ ରୋମିଓଙ୍କ ଉପରେ ନଜର ରଖିବାକୁ ପ୍ରସ୍ତାବ

## ପୋଲିସ ସମିତି ବୈଠକ

ପଟ୍ଟାଙ୍ଗି,୪।୮(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ବ୍ଲକ୍ ସଦର ପଞ୍ଚାୟତ ସରପଞ୍ଚ ଆଲମେ ଫୁଲ, ନୁଆଗାଁ ସରପଞ୍ଚ ସୁବାଷ ଖରା, ପୁକାଲି ସରପଞ୍ଚ ତ୍ରିପତୀ ସାରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡନାୟକ, ସମିତି ସଭ୍ୟ ବାସୁଦେବ ପାଙ୍ଗୀ ଓ ପୂର୍ବତନ ସରପଞ୍ଚ ଭଗବାନ ଖରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ରୋଡ୍ ରୋମିଓଙ୍କ ଉପରେ ବିଶେଷ ନଜର ରଖି ଦ୍ରୁତଗତି ଗାଡି ଚଳାଇବା, ବିନା କାଗଜପତ୍ରରେ ଚାଲୁଥିବା ଦୁଇ ଓ ଚାରିଚକିଆ ଯାନକୁ କଡାକଡି ଯାଞ୍ଚ କରିବା ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ଦିଆଯାଇଥିଲା। ବ୍ଲକ୍ ସଦର ମହକୁମାରେ ଥିବା ଆଟିଇ କଲେଜ, ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିରକୁ ଆସୁଥିବା ଛାତ୍ରୀମାନଙ୍କୁ ଦେଖି ରୋଡ୍ ରୋମିଓମାନେ ବେପାରୁଆ ଗାଡ଼ି ଚଲାଉଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବସ୍ଷ୍ଟାଣ୍ଡ, ବ୍ୟାଙ୍କ୍ ଓ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଅବାଧ ପାର୍କିଂ କରୁଥିବା, ଟ୍ରାଫିକ୍ ବ୍ୟବସ୍ଥାକୁ ବିଗାଡୁଥିବା ଗାଡ଼ିଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତାମତ ଦେଇଥିଲେ। ଏହି ସମସ୍ତ ନିୟମକୁ ଉଲ୍ଲଂଘନ କଲେ ଦଣ୍ଡିତ କରିବା ସହ ନାବାଳିକା, ନାରୀ ନିର୍ଯାତନା ପାଇଁ ଥିବା ଆଇନ ଶୃଙ୍ଖଳା ନେଇ ଥାନା ଅଧିକାରୀ ବେହେରା ଜନସାଧାରଣଙ୍କୁ ବୁଝାଇଲେ।



ବୈଠକରେ ଉପସ୍ଥିତ ଥାନା ଅଧିକାରୀ ଓ ଅନ୍ୟମାନେ।

# ୫୦ ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

## ମିଳିତ ଅଭିଯୋଗ ଶୁଣାଣି

କୁନ୍ଦୁରା,୪।୮(ସନ୍ତୋଷ ପ୍ରହରାଜ)


ଏସ୍ଏଚ୍ଜି ମହିଳାଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ୫୦ ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀ,ଏସ୍ପି ରୋହିତ ବର୍ମା, ସିଡିଓ ବେଣୁଧର ଶବର, ବ୍ଲକ୍ ଅଧକ୍ଷା ରାଜେଶ୍ୱରୀ ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ପି.ମନସ୍ୱିତା, ତହସିଲଦାର ବିନୋଦ କୁମାର ନାଏକ, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆଙ୍କ ସମେତ ଜିଲା, ଉପଖଣ୍ଡ ଓ ସମସ୍ତ ବ୍ଲକ୍ସ୍ତରୀୟ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ଶୁଣାଣିରେ ମସିଗାଁ ପଞ୍ଚାୟତରେ ନେଟୱାର୍କ ସମସ୍ୟା, କୁନ୍ଦୁରା ଜଗନ୍ନାଥ ମନ୍ଦିର ରାସ୍ତା ଉନ୍ନତିକରଣ, ବାଣ୍ଡୁଆଗୁଡ଼ାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ, ବରଗୁଡ଼ାରେ ହୋମିଓପାଥି ଚିକିତ୍ସାଳୟ ଗୃହ ନିର୍ମାଣ, ବ୍ଲକ୍ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଣୀଗୁଡ଼ା ଏକଲବ୍ୟ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ, ମେଟ୍ରୋନ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ବିଦ୍ୟୁତ୍ ସଂଯୋଗ, ବାଲିବେଢ଼ା ଛକଠାରୁ ଆମ୍ବଗୁଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ମରାମତି, ଗୁଣ୍ଡାଳ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ହଷ୍ଟେଲ ଖୋଲିବା, ବେହେରାଗୁଡ଼ା ଛକରୁ କଟ୍ରିଗୁଡ଼ା ରାସ୍ତା ଉନ୍ନତିକରଣ, ଲିମ୍ବା କୁରୁଲୁ ନଦୀରେ ଚେକ୍ ଡ୍ୟାମ ନିର୍ମାଣ, ବାଗଦେରୀ ମଣ୍ଡିରେ ରାସ୍ତା ଓ ଖଳା ନିର୍ମାଣ,ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନୂତନ ପୋଲ ନିର୍ମାଣ, ନଳକୂପ ମରାମତି, ସୋଲାର ଲାଇଟ୍ ମରାମତି, ଜବାପଦରରେ ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ପିଡିଏସ୍ ଗୋଦାମ୍ ଗୃହ ନିର୍ମାଣ,ଡ୍ରେନ୍ ଓ ସିସି ରାସ୍ତା ନିର୍ମାଣ, କେରମେଟି ମାଉଲି ମନ୍ଦିର ନିର୍ମାଣ, ପାଇପ୍ ଜଳଯୋଗାଣ ଆଦି ୨୯ ଗୋଷ୍ଠୀଗତ ସମସ୍ୟା ଥିଲା। ବ୍ୟକ୍ତିଗତରେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ରାଶନ କାର୍ଡ, ଅନ୍ତ୍ୟୋଦୟ କାର୍ଡ, ଘରବାରି ଜମି ଚିହ୍ନଟୀକରଣ ଓ ବୋରୱେଲ୍ ଖନନ ଆଦି ସମସ୍ୟା ଥିଲା। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେଉଁ ସମସ୍ୟାର ସମାଧାନ ହୋଇପାରିବ ଓ କଣ ସମାଧାନ ହୋଇପାରିବ ନାହିଁ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇବାକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ମିଶନଶକ୍ତି ପକ୍ଷରୁ ବ୍ଲକର ୩୨ ଏସଏଚଜିକୁ ମୋଟ ୧ କୋଟି ୪୮ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ମିଶନଶକ୍ତି ଋଣ ଜିଲାପାଳ ପ୍ରଦାନ କରିଛନ୍ତି। ବ୍ଲକ୍ର ବିଭିନ୍ନ ପଞ୍ଚାୟତରୁ ୧୧ ଏସ୍ଏଚ୍ଜିର ପରିଚାଳନା କମିଟି ସଦସ୍ୟ ଚେକ୍ ଗ୍ରହଣ କରିଥିବା ବିପିସି ବିନୋଦ କୁମାର ବିଷୋୟୀ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସିସିଟିଭି ଫୁଟେଜ୍‌କୁ ନେଇ କ୍ରାଇମବ୍ରାଞ୍ଚର ତନାଘନା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

**ଜେଲ ଗଲେ ଜ୍ୟୋତି ପ୍ରକାଶ, ଶୁଭ୍ରସମ୍ବିତ**

ବାଲେଶ୍ୱର,୪।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ଏବେବି ରହସ୍ୟଘେରରେ। କ୍ରାଇମବ୍ରାଞ୍ଚ, ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏଯାବତ୍ ୪ଜଣ ଗିରଫ ହୋଇଥିଲେ ହେଁ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହୋଇପାରୁନି। ଘଟଣାଦିନର ଏକ ନୂତନ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଜାରି ରହିଛି।

ପୀଡ଼ିତାଙ୍କ ନିକଟରେ କିପରି ପେଟ୍ରୋଲ ପହଞ୍ଚିଲା ଏଯାଏ କ୍ରାଇମବ୍ରାଞ୍ଚ ହାତରେ କୌଣସି ଠୋସ୍ ପ୍ରମାଣ ଲାଗିନି। ତେବେ ଆତ୍ମାହୁତି ପୂର୍ବରୁ ପୀଡ଼ିତା ସାଇକେଲରେ ଯାଇଥିବାର ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଆତ୍ମାହୁତି ଉଦ୍ୟମ ଦିନ ପୀଡ଼ିତା ସାଇକେଲରେ ଉକ୍ତ ପେଟ୍ରୋଲ ପମ୍ପ ରାସ୍ତାରେ ଯାଉଥିବା କୁହାଯାଉଛି। ଏହା ଜୁଲାଇ ୧୨ ତାରିଖ ପୂର୍ବାହ୍ନ ୧୦ଟା ୪୪ ମିନିଟ ବେଳର ସିସିଟିଭି ଫୁଟେଜ ବୋଲି ଜଣାପଡ଼ିଛି। ଫକୀରମୋହନ କଲେଜରୁ ଚାନ୍ଦିପୁର ଆଡ଼କୁ ଯାଉଥିବା ରାସ୍ତାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ପ୍ରକୃତରେ ପୀଡ଼ିତା ସାଇକେଲରେ କୁଆଡ଼େ ଯାଉଥିଲେ ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଏଥିସହ ଆଖପାଖରେ ଥିବା ଅନ୍ୟ ସିସିଟିଭି ଫୁଟେଜକୁ ବି ଖୋଜୁଛି କ୍ରାଇମବ୍ରାଞ୍ଚ।

ଅପରପକ୍ଷରେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଛାତ୍ର ହେଲେ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକ। ଉଭୟଙ୍କୁ ରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଜ୍ୟୋତିପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଅପରପକ୍ଷରେ ଶୁଭ୍ରସମ୍ବିତ ଏବିଭିପି ଛାତ୍ର ସଙ୍ଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡ଼ି ହୋଇଥିଲେ। ୧୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆତ୍ମାହୁତି ନିମନ୍ତେ ଗିରଫ ଛାତ୍ର ଦ୍ୱୟଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିବା କୁହାଯାଉଛି। ଛାତ୍ରୀଜଣକ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ କିଛି ଛାତ୍ର ଓ ସହଯୋଗୀ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇ ଥିଲେ। ଘଟଣା ଦିନ ସୌମ୍ୟାଶ୍ରୀଙ୍କ ପାଖରେ ରହି ଜ୍ୟୋତିପ୍ରକାଶ ମୋବାଇଲରେ ଭିଡିଓ ଉତ୍ତୋଳନ କରିବା ସହ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ।


ପୀଡ଼ିତା ଆତ୍ମାହୁତି ଦେବାର କିଛି ଘଣ୍ଟା ପୂର୍ବରୁ ସାଇକେଲରେ ଯାଉଥିବାର ସିସିଟିଭି ଦୃଶ୍ୟ।

# କୋଟିପତି ଏମ୍‌ଭିଆଇ ଗୋଲାପଙ୍କ ୬୩୦% ଆୟ ବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ବାରିପଦା, ୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଗିରଫ ପରେ ଜେଲ ଗଲେ**


ଗୋଲାପ ଚନ୍ଦ୍ର ହାଁସଦା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୌଦ୍ଧ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ସୋମବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ନେଇ ଗୋଲାପଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଗୋଲାପଚନ୍ଦ୍ରଙ୍କୁ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରବିବାର ଗୋଲାପଙ୍କ ଘର ସମେତ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରର ୬ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବାରିପଦା ପ୍ରଫୁଲ୍ଲ ନଗରରେ ତାଙ୍କର ଏକ ଦ୍ୱିମହଲା କୋଠା, ବାରିପଦାରେ ୪୩ଫୁଟ୍ ଓ ବାଲେଶ୍ୱର ଟାଉନ ଉପକଣ୍ଠରେ ଗୋଟିଏ ପ୍ଲଟ୍ ଠାବ ହୋଇଥିଲା। ଏହାବ୍ୟତୀତ ଗୋଲାପଙ୍କ ଘରୁ ନଗଦ ୨.୩୮ ଲକ୍ଷ ଟଙ୍କା, ଏକ କେଜି ସୁନା ଓ ୨.୧୨୭ କେଜି ରୁପା ଅଳଙ୍କାର ମିଳିଥିଲା। ସେହିପରି ସେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧.୩୪ କୋଟି ରଖିଥିବାବେଳେ ଝିଅର ଡାକ୍ତରୀ ପଢ଼ା ବାବଦକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଥିଲା। ଏଥିସହ ୨ଟି ୪ ଚକିଆ କାର୍, ୩ଟି ଦୁଇଚକିଆ ଯାନ ଓ ୧୬.୭ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ସମ୍ପତ୍ତି ତାଲିକାରେ ଯୋଡିଛି ଭିଜିଲାନ୍ସ। ଏସବୁର କାଗଜପତ୍ର ଜବତ କରିବା ସହ ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ୟୁନୋ ପାସ୍‌ୱାର୍ଡ ଚେଞ୍ଜ୍ ବେଳେ ଆକାଉଣ୍ଟରୁ କଟିଗଲା ୫.୫ ଲକ୍ଷ

କାମାକ୍ଷାନଗର, ୪।୮ (ସୁଧୀର କୁମାର ପରିଡ଼ା)

**ଡିଜିଟାଲ ଠକେଇର ଶିକାର ହେଲେ ବୟସ୍କ ନାଗରିକ**


ଠକେଇର ଶିକାର ହୋଇଥିବା କାର୍ତ୍ତିକ ବିଶ୍ୱାଳ।

ଏସ୍‌ବିଆଇ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ଚେଞ୍ଜ କରୁଥିବା ବେଳେ ଡିଜିଟାଲ ଠକେଇର ଶିକାର ହୋଇଛନ୍ତି ଜଣେ ବୟସ୍କ ନାଗରିକ। ତାଙ୍କ ଆକାଉଣ୍ଟରୁ ୫ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଛି। କାମାକ୍ଷାନଗର ସହର ୬ ନମ୍ବର ୱାର୍ଡର କାର୍ତ୍ତିକ ବିଶ୍ୱାଳ ରବିବାର ନିଜ ମୋବାଇଲରେ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିବାକୁ ଚାହୁଁଥିଲେ। ସେ ମୋବାଇଲରେ ଏ ସମ୍ପର୍କରେ ଦେଖୁଥିବା ବେଳେ ତାଙ୍କ ଫୋନ୍‌କୁ ଏକ ଲିଙ୍କ୍ ଆସିଥିଲା। ପରେ କାର୍ତ୍ତିକ ସେହି ଲିଙ୍କ୍‌କୁ ଖୋଲିବା ପରେ ତାହା ୟୁନୋ କଷ୍ଟମର କେୟାର ତରଫରୁ ହୋଇଥିବା ନେଇ ସୂଚନା ମିଳିଥିଲା। ଏଥିରେ ନିଜ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ନମ୍ବର ଇତ୍ୟାଦି ଅପଲୋଡ କରିଥିଲେ। ପରେ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ ହୋଇପାରିବା ନେଇ ଏକ ମେସେଜ ଆସିଥିଲା। ମେସେଜ ଅନୁସାରେ କ୍ଲିକ କରିବା ପରେ କାର୍ତ୍ତିକଙ୍କ ହ୍ୱାଟସ୍ ଆପ୍‌କୁ ଯୋନୋ ଲୋଗୋ ଥିବା ଏକ ମେସେଜ ଆସିବା ସହ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ ରିସିଭ କରିବାର କିଛି ସମୟ ପରେ କାର୍ତ୍ତିକଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ ହୋଇଥିବା ବେଳେ ହଠାତ ତାଙ୍କ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ଫଳରେ ଫୋନ୍‌କୁ କୌଣସି କଲ କିମ୍ବା ମେସେଜ ଆସିପାରି ନ ଥିଲା। କାର୍ତ୍ତିକ ସନ୍ଦେହ କରି ନିକଟରେ ଥିବା ଏକ ଦୋକାନରେ ମୋବାଇଲ ମରାମତି କରିବା ପରେ ତାଙ୍କ ଆକାଉଣ୍ଟରୁ ତିନିଥରରେ ୫ ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଥିବା ଜାଣିବାକୁ ପାଇଥିଲେ। ସେ ନିକଟରେ ଥିବା ଏସ୍‌ବିଆଇ ଶାଖାକୁ ଯାଇ ନିଜ ଆକାଉଣ୍ଟର ଷ୍ଟେଟ୍‌ମେଣ୍ଟ ଆଣିବା ସହ ଆକାଉଣ୍ଟକୁ ବ୍ଲୋକ୍ କରିଦେଇଥିଲେ। ସେ ଡିଜିଟାଲ ଠକେଇର ଶିକାର ହୋଇଥିବା ଜାଣିପାରି କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ତାମିଲନାଡୁରୁ ଶିବକୁମାରଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)

**୧୭ କୋଟିରୁ ଉର୍ଦ୍ଧ୍ୱ ଚିଟ୍‌ଫଣ୍ଡ୍ ଠକେଇ**

ଓଡ଼ିଶାରେ ୧୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଶିବକୁମାର ଗଙ୍ଗାଧରନ ଓରଫ ଜି. ଶିବକୁମାର (୪୯) ଧରାପଡ଼ିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୁବନେଶ୍ୱର ଶାଖା ତାଙ୍କୁ ତାମିଲନାଡୁ କଲୁରୁରୁ ରବିବାର ଗିରଫ କରିଛି। ତାଙ୍କୁ ତାମିଲନାଡୁ ସିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସିବିଆଇ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ସୂଚନା ଦିଆଯାଇଛି। ଶିବକୁମାର ତାମିଲନାଡୁ କୋଏମ୍ବାଟୁର ଅଞ୍ଚଳର ବାସିନ୍ଦା। ସେ ହେଉଛନ୍ତି 'ରାଇଟ୍‌ମାଙ୍କ୍ ଫୁଲ ଇନ୍ଫ୍ରାଷ୍ଟ୍ରକ୍ଚର ଇଣ୍ଡିଆ ଲିମିଟେଡ୍'ର ନିର୍ଦ୍ଦେଶକ। ରାଇଟ୍‌ମାଙ୍କ୍‌ର ଚିଟ୍‌ଫଣ୍ଡ ସ୍କାମ୍ ନେଇ ସିବିଆଇ ପକ୍ଷରୁ ୨୦୧୪ରେ ମାମଲା ରୁଜୁ କରାଯାଇଥିଲା। ତେବେ ୨୦୧୮ ମସିହାରୁ କମ୍ପାନୀର ଏମ୍‌ଡି ଶିବକୁମାର ଗିରଫଦାରିକୁ ଏଡାଇବା ପାଇଁ ନିୟମିତ ନିଜ ସ୍ଥାନ ବଦଳାଇ ଚାଲିଥିଲେ। ୨୦୧୯ରେ ସିବିଆଇ ପକ୍ଷରୁ ତାଙ୍କୁ ଅପରାଧୀ ଭାବେ ଘୋଷଣା କରିବା ସହ ଖୋଜାଖୋଜି ଚଳାଇଲେ ମଧ୍ୟ ପାଇ ନ ଥିଲା। ପରେ ଟେକ୍‌ନିକାଲ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ତାଙ୍କୁ ତାମିଲନାଡୁରେ ଠାବ କରାଯିବା ପରେ ଧରିବାକୁ ଯୋଜନା କରାଯାଇଥିଲା ବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ପଞ୍ଜୀକୃତ ଶିବକୁମାରଙ୍କ କମ୍ପାନୀ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଠକେଇ କରିଥିଲା। ଗୋଟିଏ ଥର ୧୦ ହଜାର ଡିପୋଜିଟ୍ କଲେ ୩୩ ମାସ ପର୍ଯ୍ୟନ୍ତ ମାସକୁ ହଜାରେ ଟଙ୍କା ଲେଖାଏଁ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା। ବିଶେଷକରି ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲାରେ ବହୁ ଲୋକ ଏହି ଠକେଇ ଜାଲରେ ପଡିଥିଲେ। ଅଧିକ ଲାଭ ମିଳିବା ଲୋଭରେ ନିବେଶକାରୀମାନେ ଉକ୍ତ କମ୍ପାନୀରେ ବହୁ ଟଙ୍କା ଲଗାଇଥିବା ବେଳେ ଠକାମିର ଶିକାର ହୋଇଥିଲେ।

**BUSINESS**

# ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭ ୧୨୬୨ କୋଟି

ଭୁବନେଶ୍ୱର,୪।୮ (ଅଭୟ ଦାଶ)

ଟାଟା ପାୱାରର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସାୟ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ କମ୍ପାନୀ ୬% ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ଫଳରେ କମ୍ପାନୀର ରାଜସ୍ୱ ପରିମାଣ ୪% ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି। କମ୍ପାନୀର ଏବିଟଡା ୧୭% ବୃଦ୍ଧି ପାଇ ୩୯୩୦ କୋଟି ଟଙ୍କା ଏବଂ ଅକ୍ଷୟ ଶକ୍ତିର ଟିକସ ପରବର୍ତ୍ତୀ ଲାଭ ୯୫% ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି। ସେହିଭଳି ପ୍ରଥମ ତ୍ରୈମାସିକରେ କମ୍ପାନୀ ୯୪ମେଗାୱାଟର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି। ଫଳରେ ଏହାର ମୋଟ ଅକ୍ଷୟ ଶକ୍ତି କ୍ଷମତା ୫.୭ ଗିଗାୱାଟକୁ ବୃଦ୍ଧି ପାଇଛି। ଏପରିକି ରୁଫଟପ ସୋଲାର କ୍ଷେତ୍ରରେ କମ୍ପାନୀ ଏକ ନମ୍ବର ସ୍ଥାନ ବଜାୟ ରଖିଛି। କମ୍ପାନୀ ମୋଟ ୨ ଲକ୍ଷ ରୁଫଟପ ସୋଲାର ସ୍ଥାପନ କରିଛି। ଏହି ବର୍ଗରୁ କମ୍ପାନୀ ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫଟପ ସୋଲାର ସ୍ଥାପନ କରାଯାଇଛି। ସେହିପରି କମ୍ପାନୀ ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ଏହା ସହ ୨୨୦ ଏମଡବ୍ଲ୍ୟୁପି ସୋଲାର ପ୍ରକଳ୍ପ କାର୍ଯ୍ୟକ୍ଷମ କରିଛି। ଯାହା ଗତ ବର୍ଷର ୧୧୧ ଏମଡବ୍ଲ୍ୟୁ ତୁଳନାରେ ୧୪୩% ଅଧିକ ବୋଲି କୁହାଯାଇଛି। କମ୍ପାନୀ ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି। ଟିପି ସୋଲାରର ଟିକସ ପରବର୍ତ୍ତୀ ଲାଭ ୧୦୦କୋଟି ଟଙ୍କା ଥିବାବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି। ଏହି ସମୟରେ କମ୍ପାନୀ ୯୧୯ ମେଗାୱାଟର ସୋଲାର ମଡ୍ୟୁଲ ଓ ୯୦୪ ମେଗାୱାଟର ସୋଲାର ସେଲ ଉତ୍ପାଦନ କରିଛି। ଟାଟା ପାୱାରର ସଂଚରଣ ଓ ବଣ୍ଟନ (ଟିଆଣ୍ଡଡି) ବ୍ୟବସାୟର ଟିକସ ପରବର୍ତ୍ତୀ ଲାଭ ୨୬% ବୃଦ୍ଧି ପାଇ ୪୪୦ କୋଟି ଟଙ୍କା ହୋଇଛି। ଓଡ଼ିଶା ଡିସକମଗୁଡ଼ିକର ଟିକସ ପରବର୍ତ୍ତୀ ଲାଭ ୧୫୬% ବୃଦ୍ଧି ପାଇ ୧୦୫ କୋଟି ଟଙ୍କା ହୋଇଛି। କମ୍ପାନୀ ମହାରାଷ୍ଟ୍ରରେ ବଣ୍ଟନ ଲାଇସେନ୍ସ ସମ୍ପ୍ରସାରଣ ପାଇଁ ଆବେଦନ କରିଛି। ଭୁଟାନର ୱାୟୁ ଜଳ ବିଦ୍ୟୁତ ପ୍ରକଳ୍ପରୁ ୧୮ମେଗାୱାଟ ପାଇଁ ବିଦ୍ୟୁତ ବିନିମୟ ଜରିଆରେ ସାମାପାର ବିଦ୍ୟୁତ ବିକ୍ରି ଆରମ୍ଭ କରିଛି।

ଏ ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ତଥା ସିଇଓ ଡ.ପ୍ରବୀର ସିହ୍ନା କହିଛନ୍ତି, ସମସ୍ତ ବ୍ୟବସାୟ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ସହ ଚଳିତ ଆର୍ଥିକ ବର୍ଷରୁ ଆମେ ଦୃଢ଼ ଭାବେ ଅଭିବୃଦ୍ଧି ଆରମ୍ଭ କରିଛୁ। ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଆମେ ନବସୃଜନ, ଦକ୍ଷତା ଓ ବ୍ୟାପକତାକୁ ସୁଦୃଢ଼ କରୁଥିବାବେଳେ ଅକ୍ଷୟ ଶକ୍ତି ପୋର୍ଟଫୋଲିଓ ଆମ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି। ବିଦ୍ୟୁତ ଉତ୍ପାଦନ ଏବଂ ଟିଆଣ୍ଡଡି ବ୍ୟବସାୟ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛନ୍ତି। ଡିସକମଗୁଡ଼ିକ ୧୩ ନିୟୁତ ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଉଛନ୍ତି। ସର୍ବାଙ୍ଗୀନ ପ୍ରଦର୍ଶନ ଜରିଆରେ ଆମର ଓଡ଼ିଶା ଡିସକମଗୁଡ଼ିକ ଦେଶର ସ୍ତରରେ ଜାତୀୟ ମଡେଲ ଭାବେ ଉଭା ହୋଇଛନ୍ତି। ୨୦୩୦ ସୁଦ୍ଧା ୪୦ ନିୟୁତ ଗ୍ରାହକ ସଂଖ୍ୟାରେ ପହଞ୍ଚିବା ଲକ୍ଷ୍ୟ ଅନୁସାରେ ଆମେ ମହାରାଷ୍ଟ୍ରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ଆମ ବିଦ୍ୟୁତ ବଣ୍ଟନ ଉପସ୍ଥିତି ବଢ଼ାଇବା ନିମନ୍ତେ ଲାଇସେନ୍ସ ପାଇଁ ଆବେଦନ କରିଛୁ।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୪।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ କରାଇ ପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୪୧୮ (୪୧୮.୮୧)ପଏଣ୍ଟ ବୃଦ୍ଧିଘଟି ୮୧,୦୧୮ (୮୧,୦୧୮.୭୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୫୭ (୧୫୭.୪୦) ପଏଣ୍ଟ ବଢ଼ି ୨୪,୭୨୨ (୨୪,୭୨୨.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ୍, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ



ଭୁବନେଶ୍ୱର,୪।୮(ଅନୁରାଧା ମହାରଣା)

ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନ ପତଞ୍ଜଳି ୱେଲନେସ୍ ଓ ପତଞ୍ଜଳି ଯୋଗପୀଠ-୨ରେ 'ଜଡ଼ିବୁଟି ଦିବସ' ଭାବେ ପାଳିତ ହୋଇଛି। ଏହି ଅବସରରେ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ ଉଦ୍ଭିଦନ ଓ ବୃକ୍ଷରୋପଣ କରିଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଜଡ଼ିବୁଟି କେବଳ ଚିକିତ୍ସା ପାଇଁ ନୁହେଁ, ଆତ୍ମସାକ୍ଷାତକାର ପାଇଁ ମଧ୍ୟ ଏକ ମାଧ୍ୟମ। ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ। ଏ ଅବସରରେ ଆଚାର୍ଯ୍ୟ ଦେଶବାସୀଙ୍କୁ ଅଧିକ ସଂଖ୍ୟାରେ ଜଡ଼ିବୁଟି ରୋପଣ କରି ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଦ୍ୱାରା ରଚିତ ୧୧ଟି ଗ୍ରନ୍ଥର ଲୋକାର୍ପଣ କରାଯାଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶନାରେ ରକ୍ତଦାନ, ଚକ୍ଷୁ ଓ ଦାନ୍ତ ପରୀକ୍ଷା ଶିବିର ହୋଇଥିଲା। ଏମ୍ସ ଋଷିକେଶ ଓ ହିମାଳୟାନ ହସ୍ପିଟାଲର ବ୍ଲଡ ବ୍ୟାଙ୍କ ଟିମ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୪୫୦ ୟୁନିଟ ରକ୍ତଦାନ କରାଯାଇଥିଲା। ୫୮୮ ଜଣଙ୍କର ଆଖି ପରୀକ୍ଷା କରାଯାଇ ୨୦୭ ଜଣଙ୍କୁ ଚଷମା ବିତରଣ କରାଯାଇଥିଲା। ପତଞ୍ଜଳି ଦନ୍ତ ଚିକିତ୍ସା ଓ ଅନୁସନ୍ଧାନ କେନ୍ଦ୍ର ମାଧ୍ୟମରେ ୪୭୦ ଜଣଙ୍କର ଦନ୍ତ ପରୀକ୍ଷା ଓ ଚିକିତ୍ସା କରାଯାଇ ଡେଣ୍ଟାଲ କିଟ୍ ଦିଆଯାଇଥିଲା। ପତଞ୍ଜଳି ଯୋଗ ସମିତି ମାଧ୍ୟମରେ ଦେଶର ପ୍ରାୟ ସମସ୍ତ ଜିଲା, ତହସିଲ, ବ୍ଲକ ଓ ଗ୍ରାମ ସ୍ତରରେ ଜଡ଼ିବୁଟି ଦିଆଯାଇଛି। ଭାରତ ସହ ନେପାଳ, ଯୁକ୍ତରାଷ୍ଟ୍ର ଆଦି ଦେଶରେ ମଧ୍ୟ ଔଷଧୀୟ ଗଛଗୁଡ଼ିକ ବିତରଣ କରାଯାଇଥିଲା।

# ହାଇଟେକ୍ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୪।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଏପରିକି ଭାରତରେ ଏହା ପ୍ରଥମ ଥର ପାଇଁ ସଫଳ ହୋଇଥିବା କୁହାଯାଉଛି। ବଲାଙ୍ଗୀରର ୩୮ ବର୍ଷୀୟ ଡିକାରୀ ଚରଣ ନାୟକ ଦୀର୍ଘଦିନ ଧରି ଓଡ଼ିଶାର ବିଭିନ୍ନ ଚିକିତ୍ସାଳୟରେ ତାଙ୍କର ପଡି ଯାଉଥିବା ଡାହାଣ ଗୋଡ଼ ବୁଢ଼ା ଆଙ୍ଗୁଠିକୁ ଦେଖାଉଥିଲେ। ହେଲେ କେଉଁଠି ବି ଉପଯୁକ୍ତ ଚିକିତ୍ସା କିମ୍ବା ପରାମର୍ଶ ମିଳିନାହିଁ। ସେ ବହୁଦିନରୁ ଅତ୍ୟନ୍ତ କଷ୍ଟ ଭୋଗି ଆସୁଥିବାବେଳେ ସମସ୍ୟା ପାଖରେ ସେଇ ଗୋଟିଏ କଥା ଯେ ସେହି ଆଙ୍ଗୁଠିଟି କଟାଯିବ। ଯେହେତୁ ସେ ଆଙ୍ଗୁଠିକୁ ରକ୍ତପ୍ରବାହ ହେବାରେ ବାଧକ ସୃଷ୍ଟି ହେଉଛି। କିନ୍ତୁ ହାଇଟେକ୍ ମେଡିକାଲ କଲେଜର 'ସିଭିଏସ୍' ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡା. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଚେଷ୍ଟା ଓ ସଫଳ ଅସ୍ତ୍ରୋପଚାର ଯୋଗୁ ରୋଗୀ ଜଣକ ସୁସ୍ଥ ଅନୁଭବ କରୁଛନ୍ତି। ଏ ନେଇ ଡା. ସାହୁ କହିଥିଲେ, ଶରୀରର କୌଣସି ଅଙ୍ଗକୁ ଯଦି ରକ୍ତ ପ୍ରବାହ ନ ହୋଇପାରେ, ତାହା ଅକାମୀ ହୋଇଯାଏ। କିନ୍ତୁ ଠିକ୍ ସମୟରେ ସର୍ଜନ ଓ ସୁଦକ୍ଷ ଚିକିତ୍ସାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନକୌଶଳରେ ପୁନର୍ବାର ରକ୍ତ ପ୍ରବାହ କରାଯାଇ ପାରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଡା. ସାହୁଙ୍କର ଅଦମ୍ୟ ଉତ୍ସାହକୁ ପ୍ରଶଂସା କରିଥିଲେ। (ଡା. ସାହୁଙ୍କର ଅଦମ୍ୟ ଉତ୍ସାହ, ସାହସ ଏବଂ କୃତବିଦ୍ୟ ଚିକିତ୍ସକ ଭାବେ ଭୂୟସୀ ପ୍ରଶଂସା କରିବା ସହ) ଏବେଠି ଆଗାମୀ ଦିନରେ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଠିକ୍ ସମୟରେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଦୀର୍ଘ ନିରାମୟ ଜୀବନ ଅତିବାହିତ କରିପାରିବେ ବୋଲି ଉଭୟେ ମତବ୍ୟକ୍ତ କରିଛନ୍ତି।

# ଅକ୍ଟୋବରରେ ଆଲେନର ଟଲେନଟେକ୍ସ-୨୦୨୬

ଭୁବନେଶ୍ୱର,୪।୮

ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଜାତୀୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା 'ଟଲେନଟେକ୍ସ-୨୦୨୬' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ବୃତ୍ତି ପରୀକ୍ଷା ୨୦୨୫ ଅକ୍ଟୋବର ୫ ଏବଂ ୧୨ରେ ଅନୁଷ୍ଠିତ ହେବ। ବିଶେଷ କରି ଏହି ପରୀକ୍ଷା ୫ମରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ପ୍ରାୟ ୨.୫ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ଛାତ୍ରବୃତ୍ତି ଅନ୍ତର୍ଭୁକ୍ତ ରହିଛି।

ଏ ନେଇ ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ଉପାଧ୍ୟକ୍ଷ ତଥା ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଜୋନାଲ ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଚଳିତ ବର୍ଷ ଆମେ ଟଲେନଟେକ୍ସ ପରୀକ୍ଷା ପାଇଁ ଓଡ଼ିଶାରୁ ଏକ ଉଲ୍ଲେଖନୀୟ ପ୍ରତିକ୍ରିୟା ପାଉଛୁ। ଏପରିକି ଆମେ ଆଶା କରୁଛୁ ଯେ ରାଜ୍ୟର ୨୫୦ ସିବିଏସଇ ଏବଂ ଆଇସିଏସଇ ସ୍କୁଲରୁ ୧୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଯୋଗଦେବେ। ୧୩ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୬୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଟଲେନଟେକ୍ସ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି। ସେହିପରି ଏହି ବୃତ୍ତି ପରୀକ୍ଷା ପାଇଁ ସମଗ୍ର ଓଡ଼ିଶାରେ ୪୦ଟି ଅଫଲାଇନ୍ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପରୀକ୍ଷା ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ଆୟୋଜିତ ହେଉଛି। ଅଫଲାଇନ୍ ପରୀକ୍ଷା ୨୦୨୫ ଅକ୍ଟୋବର ୧୨ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଯେତେବେଳେ ପରୀକ୍ଷା ଅନଲାଇନ ମୋଡ୍ ୨୦୨୫ ଅକ୍ଟୋବର ୫ରେ ଅନୁଷ୍ଠିତ ହେବ। ଏପରିକି ଟଲେନଟେକ୍ସ ୨୦୨୬ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅଫିସିଆଲ ୱେବସାଇଟ୍ www.tallentex.com ପରିଦର୍ଶନ କରି ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ।




# ଉତ୍କଳ ହସ୍ପିଟାଲରେ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ପାଳିତ

ଭୁବନେଶ୍ୱର,୪।୮(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ପକ୍ଷରୁ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ସୋମବାର ପାଳନ କରାଯାଇଛି। ଏହି ଅବସରରେ ଉତ୍କଳ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ବିଦ୍ୟୁତ୍‌ସିଂହ ଦାସଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୭୦ରୁ ଅଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଡା. ବିଦ୍ୟୁତ୍‌ସିଂହ ଦାସ ବୁଝାଇଥିଲେ ହାଡ଼ ସ୍ୱାସ୍ଥ୍ୟ: ପ୍ରତିରୋଧ, ଜୀବନଶୈଳୀ ଓ ପ୍ରାରମ୍ଭିକ ଚିକିତ୍ସା ବିଷୟରେ ମୁଖ୍ୟ ବ୍ୟାଖ୍ୟାନ ଦେଇଥିଲେ। ସେ ଅସ୍ଥି ରୋଗ, ଜୀବନଶୈଳୀ ପରିବର୍ତ୍ତନ ଓ ନିୟମିତ ସ୍କ୍ରିନିଂର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଦାସ କହିଥିଲେ, ଅସ୍ଥି ଓ ସନ୍ଧି ରୋଗ କେବଳ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ହେଉଛି ସାଧାରଣ ଲୋକଙ୍କୁ ସଚେତନ କରିବା, ରୋଗ ପ୍ରତିରୋଧ କରିବା, ଗତିଶୀଳତାକୁ ରକ୍ଷା କରିବା ଓ ଜୀବନ ଗୁଣବତ୍ତା ବଢ଼େଇବା ଉପରେ ଗଭୀର ଧ୍ୟାନ ଦେବା। ଫିଜିଓଥେରାପିଷ୍ଟ ପ୍ରୀତିକୁମାର ସମାନ୍ତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସମ୍ମତ ଜୀବନଶୈଳୀ ଓ ମନୋବଳ ବଢ଼େଇବା ବିଷୟରେ ଦୃଢ଼ ମତ ପ୍ରକାଶ କରିଥିଲେ। ଅନ୍ୟମାନେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଯୋଗଦେଇ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳ ହସ୍ପିଟାଲ ସିଇଓ ପ୍ରବୋଧ ସିଂହ, ଅସ୍ଥିଚିକିତ୍ସା ବିଭାଗ ନିର୍ଦ୍ଦେଶକ ଡା. ଆର.କେ. ମହାପାତ୍ର, ଡା ତୁଷାର କାନ୍ତି ପଣ୍ଡା ନିଜର ବକ୍ତବ୍ୟ ରଖିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁଇଦିନ ଅଧିକ ବର୍ଷିବ

**ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)**

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହାସହ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ରହିଛି। ମାତ୍ର ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷାହୋଇପାରେ। ଏଥିପାଇଁ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ଜିଲାକୁ ସତର୍କ କରାଯାଇଛି। ସୋମବାର ବାରିପଦାରେ ସର୍ବାଧିକ ୨୭.୭ ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗିବାଡ଼ିରେ ୧୯ ମିମି, ବରଗଡ଼ରେ ୧୦.୨ ମିମି, ଦେବଗଡ଼ରେ ୨.୪ ମିମି ଏବଂ ସମ୍ବଲପୁରରେ ୦.୭ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

# ଟ୍ରେନ୍ ଧକ୍କାରେ ଯୁବକ ମୃତ



ଭଦ୍ରକ-ଧାମରା ରେଳପଥର ବଳସାହି ଲେଭଲକ୍ରସିଂ ନିକଟରେ ଟ୍ରେନ୍ ଲାଇନରେ ବସିଛନ୍ତି ମୃତକଙ୍କ ପରିବାର।

**ଚାନ୍ଦବାଲି,୪।୮**
**(ଅଶୋକ ପଣ୍ଡା/କିଷାନ ପାତ୍ର)**

ଭଦ୍ରକ-ଧାମରା ରେଳ ଧାରଣାରେ ସୋମବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ବ୍ଲକ ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଶଶିକାନ୍ତ(୩୦)। କ୍ଷତିପୂରଣ ଦାବିରେ ମୃତ ଶଶିକାନ୍ତଙ୍କ ପରିବାର ଲୋକେ ରେଳରୋକୋ କରିଛନ୍ତି।

ସୂଚନା ଅନୁଯାୟୀ, ଶଶିକାନ୍ତ ଭୋର ସମୟରେ ନିଜ ଚାଷଜମିକୁ ଯିବା ପାଇଁ ବଳସାହି ଲେଭଲକ୍ରସିଂ ନିକଟରେ ରେଳ ଧାରଣା ପାର୍ ହେଉଥିବା ବେଳେ ଭଦ୍ରକ ପଟୁ ଧାମରା ଅଭିମୁଖେ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ପରିବାରର ଚିତ୍ତରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସଙ୍କ ସମେତ ପରିବାର ଲୋକେ କ୍ଷତିପୂରଣ ଦାବିରେ ସକାଳ ପ୍ରାୟ ୬ଟାରୁ ଅପରାହ୍ନ ୨ଟା ଯାଏ ମୃତଦେହ ରଖି ରେଳଧାରଣା ଉପରେ ବସି ରହିଥିଲେ। ଫଳରେ ଏହି ରେଳପଥରେ ମାଲବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଶଶିକାନ୍ତ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଲେଭଲକ୍ରସିଂରେ ଜଗୁଆଳି ମୁତୟନ ପାଇଁ ଗ୍ରାମବାସୀ ଦାବି କରିଥିଲେ। ବାଂଶଡ଼ା ଥାନା ପୋଲିସ ଓ ଧାମରା ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ମୃତକଙ୍କ ପରିବାର, ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସନ୍ଧ୍ୟାରେ ଯଶିପୁର ପଞ୍ଚାୟତରେ ଆଲୋଚନା ପରେ ଧାମରା ବନ୍ଦର କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି।

## କ୍ଷତିପୂରଣ ଦାବିରେ ରେଳରୋକୋ


# ମନେ ପଡ଼ନ୍ତି

## ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)**

ବରୁଣେଇ ସାହି, ଖୋର୍ଦ୍ଧା

ମା' ଚାହୁଁ ଚାହୁଁ ଆଜିକୁ ଦଶ ବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।

ଶୋକସନ୍ତପ୍ତ: ତୋର ପିଲାମାନେ।

ଧ-୧୪୬୧

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ଅନାଦି ଚରଣ ସାହୁ**

ଅବସରପ୍ରାପ୍ତ ପୋଲିସ ଅଧିକାରୀ

ଜାଗମରା, ଭୁବନେଶ୍ୱର

ଆବିର୍ଭାବ: ୦୮।୦୨।୧୯୪୮
ତିରୋଧାନ: ୧୧।୦୮।୨୦୨୪

ଚାହୁଁ ଚାହୁଁ ବର୍ଷେ ବିତିଗଲା, ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ଆଦର୍ଶ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: ପ୍ରକାଶ, ପୁତ୍ରବଧୂ: ଉର୍ମିଳା, କନ୍ୟା: ସନ୍ଧ୍ୟାରାଣୀ, ବିଷ୍ଣୁପ୍ରିୟା, ସମିତା, ନମିତା, ଜାମାତା: କିଶୋର, ସଞ୍ଜୟ, ହେମନ୍ତ, ନାତି/ନାତୁଣୀ: କାହ୍ନା, ମାମାଲି, ତିତିଲି, ହର୍ଷିଲ୍, ନିଖିଲ୍, ମାମନ, @ଦେବଶ୍ରିତା ଓ ପରିବାରବର୍ଗ

ଧ-୧୫୫୭



# Classified Everyday

0674-2580101, 9692975378




## REAL ESTATE

### SALE

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati-8763740343.** D-76296

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376





5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519





Positively health benifits SPA expert female therapist homely atmosphere. 9114559830. D-1516

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special Offer @ 799 Bapujinagar. 7327058897. D-76931


## AFFIDAVIT

By virtue of an affidavit sworn before the Executive Magistrate, Jharbandh, Dist.- Bargarh, No.-01, date 31.7.25, I, Rukhmani Mirdha, R/o. Village/ P.O.- Bhainsadarha, P.S./TAH.- Jharbandh, Dist.-Bargarh, PIN- 768042 declare that I have changed my name from Rukhmani Dhruv to Rukhmani Mirdha. Henceforth, I shall be known as Rukhmani Mirdha for all purposes.
Rukhmani Mirdha
D-1550

By virtue of an affidavit sworn before the Executive Magistrate, Balangir, No.-2529, date 31.07.25, I, Sukeshi Mishra, W/o- Narendra Mishra, R/o. Village- Raikeda, P.O.- Kamsara, P.S.- Tarbha, Dist.- Sonepur, Odisha, PIN- 767016 declare that I have changed my name from Sukeshi Satpathy to Sukeshi Mishra. Henceforth, I shall be known as Sukeshi Mishra for all purposes.
Sukeshi Mishra
D-1549

By virtue of an affidavit sworn before Executive Magistrate, Cuttack, No.- 8520, dated 01.08.2025, I, Pradeep Kumar Dhal, H/o- Gokul Chandra Nayak, Jibanaranga Lane, Dagarpada, Cuttack- 753002, Odisha declare that I have changed the name of my daughter from Stsiti Pragnya to Sthiti Pragnya Dhal. Henceforth, she shall be known as Sthiti Pragnya Dhal for all purposes.
D-1555

I, Sangram Das, S/o- Late Sisir Kumar Das resident of Ward No.- 11, V.S.S. Nagar, P.O./P.S.- Saheednagar, PIN- 751007, Odisha declare by this affidavit No.- 900, dtd. 04.11.2024. That now onwards I shall be known as Sangram Keshari Das for all future purposes.
D-1547

By virtue of an affidavit sworn before Pabitra Mohan Rajguru, Notary Public, Khordha, dt. 29.07.2025, I, Tulasi Gajendra, W/o- Late Bipin Gajendra, At/P.O.- Kumarbasta, P.S.- Ind. Est., Khordha, Dist.-Khordha, PIN- 752055 declare that I have changed my name from Tikotama Baliarsingh to Tulasi Gajendra. Henceforth, I shall be known as Tulasi Gajendra for all purposes.
D-1554

By virtue of an affidavit sworn before Executive Magistrate, Bhadrak, dated 29.07.2025, I, Santilata Pati (38 yrs), W/o - Manoranjan Pati, Vill /P.O.- Aradi, P.S.- Dhusuri, Dist.- Bhadrak declare that I have changed my name in my LIC Policy bearing No.- 588437448 from Rashmi Rekha Pati to Santilata Pati. Henceforth, I shall be known as Santilata Pati for all future purposes.
D-1548

By virtue of an affidavit before Notary Public, Kantabanji on 04.08.2025 that before marriage I known as Duhkhita Gahir D/o- Champeswar Gahir which is mentioned in my Aadhaar Card and S.B. Account and after marriage to Satyanarayan Bag of Village- Budhibahal ,Turekela P.O./P.S.- Turekela, Dist.- Balangir, I updated my Aadhaar Card and known as Duhkhita Baga, W/o- Satyanarayan Bag whereas Duhkhita Gahir and Duhkhita Baga, W/o- Satyanarayan Bag is same and one person.
D-1546


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Bari, dated 01.08.2025, I PRAVAT KUMAR BARIK, S/o- KARUNAKAR BARIK, permanent resident of Vill/P.O.- Ishanpur, P.S.- Bari Ramachandrapur, Dist.- Jajpur declare that I have changed my name from PRAVAT BARIK to PRAVAT KUMAR BARIK. Henceforth, I shall be known as PRAVAT KUMAR BARIK for all purpose.
PRAVAT KUMAR BARIK
D-1551

By virtue of an affidavit before the Executive Magistrate, Bari, on dated- 01.08.2025, I, SUSHANT KUMAR NAYAK, At/P.O.- Madhusudanpur, P.S.- Binjharpur. Dist.- Jajpur, PIN- 755004 declare that I have changed my minor son's name from SATYA SUNDAR NAYAK to SOUMYA RANJAN NAYAK. Henceforth, he will known as SOUMYA RANJAN NAYAK for all purpose.
D-1552

By virtue of an affidavit sworn before the Executive Magistrate, Jatni, dtd. 24.12.2024, I, Deepika Sahoo, W/o- Subhakanta Sahoo, resident of At/P.O.- Gangapada, P.S.- Infovally, Dist.- Khordha, Odisha-752054 declare that I have changed my name from Dipa Sahoo to Deepika Sahoo. Henceforth, I shall be known as DEEPIKA SAHOO for all purposes.
Deepika Sahoo
D-60985


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By virtue of an affidavit No.75AA162581 sworn before the Notary Public, Cuttack, dtd- 01.08.2025. I, BRATISUNDAR JENA, S/o BIBHUTI BHUSAN JENA, At/ P.O.- Dadhibamanpur, P.S.-Bentkar 42 Mouza, Dist.-Cuttack, Odisha, declare that my father's actual name is BIBHUTI BHUSAN JENA which has been mentioned in my Aadhaar Card. But wrongly my father's name has been mentioned BIBHUTIBHUSAN JENA in my all Educational Certificates. That BIBHUTI BHUSAN JENA & BIBHUTIBHUSAN JENA is one and same person.
Bratisundar Jena
D-1556

By virtue of an affidavit sworn before Executive Magistrate, Jajpur, dated 02.08.2025, I, Mir Maniruddin, At-Jagannathprasad, P.O.- Akhuapada, P.S.- Bhandaripokhari, Dist.-Bhadrak, PIN- 756122 declare that I have changed the name of my daughter from Fanzoom to Afiya Anjum. Henceforth, she shall be known as Afiya Anjum for all purposes.
Mir Maniruddin
D-1558


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

FORM No. 3
(See Rule 7)
In the Court..........Family Court,Paralakhemundi(Gpt.)
IN THE FAMILY COURT AT Paralakhemundi, Gajapati
Proceeding No.- CP-17 of 2025
Smt. Nandita Patra
....Petitioner
Versus
Sri Kishore Kumar Jena ....Respondent, S/o- Panchanan Jena, C/o- Sudhakar Patra, House No.-17, Rashkola Para Land Mark- Near Rashkola Grama, Rakshi Bahini, Post- B.D. Sopan, P.S.-Khardaha @ 4PGS (N), Dist.-24 Paragana (North), Kolkata-700116

Whereas the above named petitioner has instituted a petition against you, as set out in the petition (annexed with the petition & annexure) and whereas the petition will be placed for directions on 11th day of August, 2025

You are hereby summoned to appear before the Family Court to answer the petitioner's claim on the said 11th day of August, 2025 at 10:00 O'clock and

Take notice that on the day before mentioned after hearing parties who appear directions will be given by the Judge a to the date of hearing before a counsellor of the Family Court and other matters concerning the petition and

Take further notice that if you fail to appear before the Judge on the day the petition may be ordered to be set down on Board on the same day or any subsequent days as undefended and you will be liable to have a decree or order passed against you.

Witness..... Judge at..... aforesaid this .......... 15th day of July, 2025.
Sd./- Judge, Family Court, Paralakhemundi (Gajapati)
D-1553

I.R. No.- 1293,
Date- 29.07.25

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ପ୍ରଦୀପ କୁମାର ନାୟକ, IAS)ଙ୍କ ଅତିରିକ୍ତ ରିଭିଜନ କୋର୍ଟ ନଂ.-୨ ଅଧିକାରୀ ନ୍ୟାୟାଳୟ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୩୪୧/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା- ୧୫ (ବି) ଅନୁଯାୟୀ
ଶ୍ରୀ ପଦ୍ମଲୋଚନ ଦାସ ....ବାଦୀ
ବନାମ
ତହସିଲଦାର, ଜଟଣୀ ଓଗେର ....ପ୍ରତିବାଦୀମାନେ
ପ୍ରତିବାଦୀ ନଂ.-୪
ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ସ୍ୱା- ୰ଭାସ୍କର ଚନ୍ଦ୍ର ସାମନ୍ତରାୟ, ସା- ଦକ୍ଷିଣମୁଣ୍ଡ ମୁହାଣ, ପୋ.ଅ.- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର-୫, ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା- ଓଗାଳପଡ଼ା, ଥାନା- ଜଟଣୀ, ନଂ.-୪୮, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.- ୯୦, ହାଲ୍ ପ୍ଲଟ୍ ନଂ.- ୧୨୯୧ ଏ.୦.୧୨୫ଡି. ସାବକ ମୌଜା- ଓଗାଳପଡ଼ା, ସାବକ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୫୯୬, ଏ.୧୧.୪୯୦ଡି. ମ୍ୟୁଟେସନ ଖାତା ନଂ.- ୨୫୫/୩୩୯, ପ୍ଲଟ୍ ନଂ.- ୫୯୬/୧୫୭୨, ଏ.୧୧.୪୯୦ଡି. ସ୍ୱଧରୁ ଏ.୦.୧୨୫ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଓଡ଼ିଶା, ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୬।୦୮।୨୦୨୫ରିଖ ଦିବା ଘ ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଭୁବନେଶ୍ୱର
ଧ-୧୫୪୪

# ଅମୃତର ଉତ୍ସ

(୧ ଅଗଷ୍ଟ ରୁ ୭ ଅଗଷ୍ଟ ଯାଏଁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ)



**ଜନ୍ମହେବା ପରେ ଶିଶୁ ବଞ୍ଚିବା ଲାଗି ପ୍ରକୃତି ମା' ସ୍ତନରେ ଭରିଦେଇଛି ଅମୃତର ଉତ୍ସ, ଯେଉଁଥିରେ ଶିଶୁର ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ ଭରିରହିଥାଏ ସମସ୍ତ ଆବଶ୍ୟକ ପୋଷକତତ୍ତ୍ୱ। ତେଣୁ ଜନ୍ମହେବାର ୬ମାସ ପର୍ଯ୍ୟନ୍ତ ପ୍ରତି ଶିଶୁକୁ ମା' କ୍ଷୀର ଖୁଆଇବା ନିହାତି ଆବଶ୍ୟକ। ଆଉ ଏ ଦିଗରେ ସଚେତନତା ସୃଷ୍ଟିକରିବା ପାଇଁ ସାରା ବିଶ୍ୱରେ ଅଗଷ୍ଟ ପ୍ରଥମ ସପ୍ତାହକୁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ବିଶେଷ ଉପସ୍ଥାପନା...**

– ପୌର୍ଣ୍ଣମାସୀ

## ସ୍ତନ୍ୟପାନକୁ ପ୍ରାଥମିକତା

–ଡା. ସରୋଜିନୀ ଷଡ଼ଙ୍ଗୀ

ମା' କ୍ଷୀର ଶିଶୁ ପାଇଁ ଅମୃତର ଭଣ୍ଡାର। ଏହା ଶିଶୁର ଶାରୀରିକ ତଥା ମାନସିକ ବୃଦ୍ଧି ପାଇଁ ସମସ୍ତ ପ୍ରକାର ପୋଷଣ ଶିଶୁ ଦେହରେ ପହଞ୍ଚାଇଥାଏ। ଏହା ଶିଶୁକୁ ସୁସ୍ଥ, ସବଳ ଓ ନୀରୋଗ ରଖିବା ସହ ଶିଶୁ ମୃତ୍ୟୁହାର ମଧ୍ୟ କମାଇଥାଏ। ସ୍ତନ୍ୟପାନର ପ୍ରୋତ୍ସାହନ ପାଇଁ ଓ ସହରାଞ୍ଚଳ ତଥା ଗାଁ ଗହଳରେ ସଚେତନତା ସୃଷ୍ଟି ଏବଂ ସ୍ତନ୍ୟପାନ ସଚେତନତା ପ୍ରତି ବିଶ୍ୱସ୍ତରୀୟ ପ୍ରତିବଦ୍ଧତାକୁ ଦୃଢ଼ କରିବା ପାଇଁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ପାଳିତ ହୋଇଥାଏ, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ , ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ବିଶ୍ୱର ନାଗରିକ ସମାଜର ସହଭାଗୀମାନଙ୍କ ଦ୍ୱାରା ସମର୍ଥିତ । ଏଥିପାଇଁ ପ୍ରତିବର୍ଷ ଅଲଗା ଅଲଗା ବିଷୟବସ୍ତୁ ସ୍ଥିରୀକୃତ ହୋଇଥାଏ । ୨୦୨୫ର ବିଷୟ ବସ୍ତୁ ହେଉଛି 'ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ, ସ୍ଥାୟୀ ସହାୟତା ପ୍ରଣାଳୀ ସୃଷ୍ଟି କରନ୍ତୁ'।

ଏହି ବିଷୟବସ୍ତୁ ସ୍ତନ୍ୟପାନ ପାଇଁ ଶକ୍ତିଶାଳୀ ଏବଂ ସ୍ଥାୟୀ ସହାୟତା ପ୍ରଣାଳୀ ନିର୍ମାଣ ଉପରେ ଗୁରୁତ୍ୱାରୋପ କରେ ତଥା ବ୍ୟକ୍ତିଗତ କଲ୍ୟାଣ ଏବଂ ପରିବେଶ ଉପରେ ଏହାର ପ୍ରଭାବକୁ ସ୍ୱୀକୃତି ଦିଏ । ଏହି ବିଷୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଭା ( World Health Assembly) ୨୦୨୫ ପୁଷ୍ଟି ସାଧନ ଲକ୍ଷ୍ୟ ସହିତ ମଧ୍ୟ ସଂଯୁକ୍ତ ଏବଂ ପରିବେଶ ସ୍ଥିରତା ତଥା ଜଳବାୟୁ ସ୍ଥିରତା ପାଇଁ ସ୍ତନ୍ୟପାନକୁ ଏକ ଶକ୍ତିଶାଳୀ ଉପକରଣ ଭାବରେ ଗୁରୁତ୍ୱଦେବାକୁ ଲକ୍ଷ୍ୟ ରଖିଛି। ଏଥିରେ ପ୍ରତ୍ୟେକ ମା' ସ୍ତନ୍ୟପାନ କରାଇବାକୁ ଚାହୁଁଥିବା ପର୍ଯ୍ୟନ୍ତ ସହାୟତା ଏବଂ ସୂଚନା ପାଇବା ଉଚିତ ।

ମା' କ୍ଷୀରରେ ଶିଶୁ ପାଇଁ ଆବଶ୍ୟକ ପୁଷ୍ଟି ସାଧନକାରୀ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଖାଦ୍ୟ ତଥା ୧୦୦ ପ୍ରକାର ଅନ୍ୟାନ୍ୟ ଉପାଦାନ ରହିଛି, ଯାହା ଗାଈ କ୍ଷୀରରେ ବା ଡବା କ୍ଷୀରରେ ନ ଥାଏ । ମା' କ୍ଷୀର ଶିଶୁର ଚାହିଦା, ସମୟ ଏବଂ ବୟସ ମୁତାବକ ପରିବର୍ତ୍ତନ ହୋଇଥାଏ । ମା' କ୍ଷୀରରେ ଥିବା ପ୍ରୋଟିନ୍(ଲାକ୍ଟାଲ୍‌ବୁମିନ୍) ଏବଂ ଫ୍ୟାଟିଏସିଡ୍ ଓ ଲାକ୍ଟୋଜ୍ ଶିଶୁ ସହଜରେ ହଜମ କରିଥାଏ। ଏହା ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟକରେ।

ମା' କ୍ଷୀର ଅନ୍ତନାଳୀରେ କ୍ଷତିକାରକ ଜୀବାଣୁ ବୃଦ୍ଧିକୁ ବାଧାଦିଏ । ତେଣୁ ଶିଶୁକୁ ସଂକ୍ରମଣଜନିତ ପେଟରୋଗ ଓ ଝାଡ଼ା ହୁଏ ନାହିଁ। ଶିଶୁର ପେଟଟଣା, କଲିକ୍ ଓ ବାୟୁଦୋଷ ରହେନାହିଁ। ଏହା ଶରୀରର ଉତ୍ତାପ ସହ ସମାନ ଥାଏ ଓ ଏହା ବିଶୁଦ୍ଧ।

ପ୍ରସବ ପରେ ମା' ସ୍ତନରୁ ବାହାରୁଥିବା ଗାଢ଼ ହଳଦିଆ ରଙ୍ଗର କୋଲୋଷ୍ଟ୍ରମକୁ 'ବହଳ କଷ କ୍ଷୀର' କୁହାଯାଏ । ଏହା ପ୍ରତିରକ୍ଷାକାରୀ ଜୀବକୋଷରେ ଭରପୂର ଥାଏ । କଷକ୍ଷୀର ଶିଶୁର ପ୍ରଥମ ଟିକା । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଇମ୍ୟୁନୋଗ୍ଲୋବିନ୍, ଭିଟାମିନ୍ 'ଏ' ଓ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ଥାଏ। ଏହା ତାକୁ ରିକେଟ୍ସ ଭଳି ରୋଗରୁ ରକ୍ଷାକରେ। ଯେଉଁ ଶିଶୁମାନେ ମା' କ୍ଷୀର ଖାଆନ୍ତି ସେମାନଙ୍କର ଅନ୍ୟ ଶିଶୁଙ୍କଠାରୁ କାନ ସଂକ୍ରମଣ ୩ଗୁଣ କମ୍ ହୋଇଥାଏ, ପରିସ୍ରା ସଂକ୍ରମଣ ୫ଗୁଣ କମ୍ ହୋଇଥାଏ, ଗୁରୁତର ସଂକ୍ରମଣଜନିତ ରୋଗ ୫ ଗୁଣ କମ୍ ହୋଇଥାଏ , ଆଲର୍ଜି ୭ଗୁଣ କମ୍ ହୋଇଥାଏ । ଅପରପକ୍ଷେ ମା' କ୍ଷୀର ଖାଉଥିବା ଶିଶୁଙ୍କର ମଧୁମେହ ରୋଗ ଓ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ମା' କ୍ଷୀର ସାରା ଜୀବନ ସୁସ୍ଥ ରହିବାର ଅୟମାରମ୍ଭ କରିଥାଏ।

**ସ୍ତନ୍ୟପାନ ମା' ପାଇଁ ମଧ ଉପକାରୀ :**

– ଯେଉଁ ମା'ମାନେ ନିଜ ଶିଶୁକୁ ସ୍ତନ୍ୟପାନ କରାଇଥାନ୍ତି, ସେମାନଙ୍କର ସ୍ତନକର୍କଟ ରୋଗ ଓ ଡିମ୍ବକୋଷର କର୍କଟରୋଗ କମ୍ ହୋଇଥାଏ । ୨ବର୍ଷ ଯାଏ ଶିଶୁକୁ ସ୍ତନ୍ୟପାନ କରାଇଥିଲେ ,ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡା ୪୦ ଭାଗ 'ସ୍ତନକର୍କଟ' ରୋଗ ହେବାର ଚାନ୍ସ କମିଯାଇଥାଏ ।

– ୬ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ମେନୋପଜ୍ ଆଗରୁ ସ୍ତନକର୍କଟ ରୋଗ ହେବାର ଚାନ୍ସ ଶତକଡ଼ା ୬୬ ଭାଗ କମିଯାଇଥାଏ। ୭ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ସ୍ତନକର୍କଟ ରୋଗ ହେବାର ଚାନ୍ସ ପ୍ରାୟ ନ ଥାଏ କହିଲେ ଚଳେ । ମା' ସ୍ତନ୍ୟପାନ କରାଇଲେ ଡିମ୍ବକୋଷ କ୍ୟାନ୍‌ସର, ଜରାୟୁ କ୍ୟାନ୍‌ସର ତଥା ହାଡ଼ପୋରିଆ ରୋଗ ନ ହେବା ପାଇଁ ସୁରକ୍ଷା ପ୍ରଦାନ କରିଥାଏ ।

ତେଣୁ ସବୁ ମା' ନିଜର ଦୃଢ଼ ଇଚ୍ଛାଶକ୍ତି ସହ ନିଜ ଶିଶୁକୁ ସ୍ତନ୍ୟପାନ କରାଇବା ଉଚିତ । ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ହିଁ ସମସ୍ତେ ଏଥିପାଇଁ ଦାୟିତ୍ୱବାନ୍ ହୋଇ ସ୍ତନ୍ୟପାନକୁ ପ୍ରୋତ୍ସାହନ କରିବା ଉଚିତ ।

*– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ–୧୨*
*ମୋ–୯୪୩୭୦୫୫୦୦୭*

## ସ୍ତନ୍ୟଦାତ୍ରୀଙ୍କ ପାଇଁ ଜରୁରୀ ସୂଚନା

★ପ୍ରଥମେ ଶିଶୁ ଜନ୍ମ ପରେ ପରେ କ୍ଷୀରର ପରିମାଣ କମ୍ ଥାଏ। ସାଧାରଣତଃ ତୃତୀୟ ଦିନ କ୍ଷୀର ସର୍ବାଧିକ ଝରିଥାଏ। ତେଣୁ ତା' ପର ଠାରୁ ସ୍ତନ ଟାଣହେବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। କେବଳ ଏତିକି ନୁହେଁ, କେବେ କେବେ ଜ୍ୱର ମଧ୍ୟ ହୋଇଥାଏ। ତେଣୁ ମା'ମାନେ ବ୍ୟସ୍ତ ନ ହୋଇ ଶିଶୁକୁ ଯେତେ ପାରିବେ କ୍ଷୀର ପିଆଇବା ଦ୍ୱାରା ଏହି ସମସ୍ୟା ଦୂରହୋଇଥାଏ। ଆବଶ୍ୟକ ସ୍ଥଳେ ମ୍ୟାନୁଆଲ ଏକ୍ସପ୍ରେଶନ ବା ହାତରେ ଚିପି କ୍ଷୀର ବାହାର କରିବାକୁ ପଡ଼ିଥାଏ।

★ଅନେକ ସ୍ତନ୍ୟଦାତ୍ରୀଙ୍କଠାରେ ସ୍ତନର ଅଗ୍ରଭାଗ ବା ନିପ୍‌ଲରେ କ୍ରାକ୍ ହେବା ବା ଫାଟିବା ସମସ୍ୟା ଦେଖାଦେଇଥାଏ। ଫଳରେ ମା'ଙ୍କୁ ସ୍ତନ୍ୟପାନ କରାଇବା ସମୟରେ ଅତ୍ୟଧିକ ବ୍ୟଥା ହୋଇଥାଏ। ତେଣୁ ଏପରି ସମସ୍ୟା ଦେଖାଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଅଏଣ୍ଟମେଣ୍ଟ ଲଗାଇବା ଆବଶ୍ୟକ। ଏହାଦ୍ୱାରା ନିପଲ ନରମ ହେବା ସହ ସ୍ତନ ପାନ ସମୟରେ କଷ୍ଟ କମ୍ ହୋଇଥାଏ। ହେଲେ ଏହି ଅଏଣ୍ଟମେଣ୍ଟ ବ୍ୟବହାର କରୁଥିଲେ ଶିଶୁକୁ ସ୍ତନପାନ କରାଇବା ପୂର୍ବରୁ ଭଲ ଭାବେ ନିପଲରୁ ଅଏଣ୍ଟମେଣ୍ଟ ପୋଛି ସଫା କରିବାକୁ ପଡ଼ିବ ନଚେତ୍ ତା' ଶିଶୁର ପେଟକୁ ଚାଲିଯିବ। କ୍ରାକ୍ ନିପଲ୍ କଷ୍ଟର ଉପଶମ ପାଇଁ ନିପଲ୍



ଶିଲ୍ଡ ମଧ୍ୟ ବ୍ୟବହାର କରାଯାଇଥାଏ।

★ ବେଳେ ବେଳେ ନିପଲ ସ୍ତନ ବାହାରକୁ ନ ଥାଇ ଭିତରକୁ ପଶିଲା ଭଳି ରହିଥାଏ। ଯାହାକୁ ରିଟ୍ରାକ୍ଟେଡ୍ ନିପଲ ବୋଲି କୁହାଯାଇଥାଏ। ଫଳରେ ମା' ଶିଶୁକୁ କ୍ଷୀର ଖୁଆଇ ପାରନ୍ତି ନାହିଁ ଓ କ୍ଷୀର ରହିବା ଯୋଗୁ ଅତ୍ୟଧିକ କଷ୍ଟ ହୋଇଥାଏ। ଏକ୍ଷେତ୍ରରେ ତୁରନ୍ତ ସମାଧାନ କରିବାକୁ ପଡ଼ିଥାଏ। ଅର୍ଥାତ୍ ଡାକ୍ତରଖାନାରେ ସିରିଞ୍ଜ ମାଧ୍ୟମରେ ପ୍ରେସର ଦେଇ ନିପଲକୁ ବାହାରକୁ ଟଣାଯାଇଥାଏ।

★ ଶିଶୁ ଏନ୍‌ଆଇସିୟୁରେ ରହିବା କିମ୍ବା କୌଣସି କାରଣରୁ କ୍ଷୀର ନ ଖାଇବା ଦ୍ୱାରା ସ୍ତନରେ କ୍ଷୀର ଜମାଟ ବାନ୍ଧି ଖୁବ୍ ବ୍ୟଥା ହୋଇଥାଏ। ଏହା ପ୍ରଭାବରେ ଜ୍ୱର ହୋଇଥାଏ। କେବେ କେବେ କ୍ଷୀର ରହିଯାଇ ବଥ ହୋଇଯାଏ। ତେଣୁ କ୍ଷୀର ରହିଯାଇ ସ୍ତନ ଟାଣ ଲାଗିବା ମାତ୍ରେ ଡାକ୍ତରଙ୍କ ପରାମର୍ଶକ୍ରମେ ଯଥା ସମୟରେ ବିଭିନ୍ନ ଉପାୟରେ କ୍ଷୀର କାଢ଼ିବାକୁ



ପଡ଼ିଥାଏ।

– ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ଗୋଟାଳି ହୋଇ ବିନ୍ଧିବା, ପୂଯ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।

– ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଅନୁଚିତ। କାରଣ ଏହାଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ।

– ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର, ସ୍ତନରେ ଘା' ହୋଇଥିଲେ କିମ୍ବା ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ ସ୍ତନ୍ୟପାନ କରାଇବା ଅନୁଚିତ।

## ସ୍ତନ୍ୟପାନର ଉପକାରିତା

ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯିବ ବୋଲି ଅନେକ ମହିଳା ଭୟରେ ପିଲାଙ୍କୁ କ୍ଷୀର ଖୁଆନ୍ତି ନାହିଁ। ହେଲେ ଜାଣନ୍ତି କି, ସ୍ତନ୍ୟପାନ କରାଇବା ଦ୍ୱାରା କେବଳ ଶିଶୁଟି ସୁସ୍ଥ ସବଳ ରହିଥାଏ ତା' ନୁହେଁ ବରଂ ମା'କୁ ମଧ ଅନେକ ଉପକାର ମିଳିଥାଏ। ଜାଣି ରଖନ୍ତୁ ଏହା ସମ୍ପର୍କରେ...



❖ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରୁ ଅଯଥା ଚର୍ବିଅଂଶ ହ୍ରାସ ହୁଏ। ଫଳରେ ପ୍ରସବ ପରବର୍ତ୍ତୀ ମୋଟାପଣ ଦୂରହୋଇଥାଏ।

❖କ୍ଷୀର ଖୁଆଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ କମ୍ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ।

❖ସ୍ତନ୍ୟପାନ ମଧ ମା'କୁ ସ୍ତନକର୍କଟ(ବ୍ରେଷ୍ଟ କ୍ୟାନ୍‌ସର), ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ କ୍ୟାନ୍‌ସର), ଜରାୟୁଗ୍ରୀବା କର୍କଟରୋଗ (ସର୍ଭାଇକାଲ କ୍ୟାନ୍‌ସର), ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ହାଡ଼ ପୋରିଆ ରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ (ରକ୍ତରେ ଚର୍ବିଅଂଶ) କମ୍ ପରିମାଣରେ ଥାଏ। ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ କମ୍ ଥାଏ।

## ଶିଶୁ ଗଠନରେ ସ୍ତନ୍ୟପାନର ଅବଦାନ

– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

**ମାତୃସ୍ତନ୍ୟରେ ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍, ଦରକାରୀ ଖଣିଜ ଲବଣ, ଉପଯୁକ୍ତ ପରିମାଣର ଜଳୀୟ ଅଂଶ ଆବଶ୍ୟକ ଅନୁପାତରେ ଭରି ରହିଛି। ଶିଶୁର ଶାରୀରିକ, ମାନସିକ ବୃଦ୍ଧି ନିମନ୍ତେ ମା' କ୍ଷୀରର ବିକଳ୍ପ ନାହିଁ। ତେଣୁ ଜନ୍ମରୁ ଅତି କମ୍‌ରେ ୬ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା' କ୍ଷୀର ଖୁଆଇବା ନିହାତି ଆବଶ୍ୟକ ...**

ମା' ତାର ସମସ୍ତ ସ୍ନେହ ନିଜର ଶିଶୁ ଉପରେ ଅଜାଡ଼ି ଦେଇଥାଏ ଓ ଶିଶୁକୁ ସ୍ତନ୍ୟପାନ କରାଇ ସ୍ୱର୍ଗୀୟ ସୁଖ ଅନୁଭବକରେ। ଶିଶୁର ଭବିଷ୍ୟତ ଜୀବନ ଗଠନ ମାତୃଗର୍ଭରୁ ପ୍ରଥମ ଦିନରୁ ଆରମ୍ଭ ହୋଇଥାଏ। ଜୀବନର ପ୍ରଥମ ୧୦୦୦ ଦିନର ଲାଳନ ପାଳନ ଶିଶୁ ଭବିଷ୍ୟତ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଜୀବନର ପ୍ରଥମ ୬ ମାସ ଶିଶୁଟିକୁ ସୁସ୍ଥ, ଜ୍ଞାନୀ ଓ ଗୁଣୀ କରିଥାଏ।

ପ୍ରଥମ ୧୦୦୦ ଦିନ କହିଲେ ଗର୍ଭରେ ରହିବା ସମୟ ୨୭୦ ଦିନ ବା ୯ ମାସ ଏବଂ ଜନ୍ମ ପରେ ପ୍ରଥମ ୨ ବର୍ଷ ଯାହାକି ୭୩୦ ଦିନ। ଏହି ସମୟରେ ଶିଶୁର ଯତ୍ନ ପ୍ରାୟତଃ ମା' ଉପରେ ନିର୍ଭର କରିଥାଏ। ଏହି ସମୟରେ ମା' ତା'ର ଅମୃତର ଧାରା ଯାହାକି ମାତୃସ୍ତନ୍ୟ ପ୍ରଦାନକରି ଭବିଷ୍ୟତ ପାଇଁ ତାକୁ ଏକ ସୁରକ୍ଷା ବଳୟ ଦେଇଥାଏ। ଏଥିପାଇଁ କୁହାଯାଇଛି–

ମା' କ୍ଷୀର ଅମୃତଧାର
ପିଇଲେ ଶିଶୁ ହେବ ଅମର।

ସେଥିପାଇଁ ମା'ମାନଙ୍କୁ ଶିଶୁର ପ୍ରଥମ ୬ ମାସ କେବଳ ମାତୃ ସ୍ତନ୍ୟପାନ କରାଇବା ନିହାତି ଆବଶ୍ୟକ। ଏହି ସମୟରେ ଅନ୍ୟ କୌଣସି ଜଳୀୟ ପଦାର୍ଥ ଦେବା ଉଚିତ ନୁହେଁ। କେବଳ ଡାକ୍ତରଙ୍କ ପରାମର୍ଶରେ ଔଷଧ ଦିଆଯାଇପାରେ।

ପୂର୍ବରୁ ଆମେ ଜାଣିଛେ ଶିଶୁ ଜନ୍ମର ପ୍ରଥମ ଘଣ୍ଟାରେ ସ୍ତନ୍ୟପାନ କରାଇବା ଦରକାର। ଶିଶୁର ମୁଖ ମା'ର ସ୍ତନାଗ୍ରକୁ ସ୍ପର୍ଶକଲେ, ମା' ଶିଶୁ କାନ୍ଦ ଶୁଣିଲେ ତା'ର ପ୍ରୋଲାକ୍ଟିନ୍ ହର୍‌ମୋନ୍ ନିର୍ଗତ ହୋଇ ସ୍ତନରୁ କ୍ଷୀର ପ୍ରସ୍ତୁତ ହୋଇ ସ୍ତନାଗ୍ରର ମୁଖ ଦେଇ ନିର୍ଗତ ହୋଇଥାଏ, ଯାହାକି ପୂର୍ବରୁ ଲାକ୍ଟିଫେରସ୍ ଡକ୍ଟ ମଧ୍ୟରେ ସଞ୍ଚିତ ହୋଇଥାଏ।

**ସନ୍ତୁଳିତ ଖାଦ୍ୟ:** ପ୍ରଥମ ୬ ମାସ ଶିଶୁଟି ଅନ୍ୟ କୌଣସି ଖାଦ୍ୟ ଖାଇଲେ ତା'ର ଶାରୀରିକ, ମାନସିକ ଓ ସାମାଜିକ ବୃଦ୍ଧି ହେବ ନାହିଁ। ମାତୃସ୍ତନରେ ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍, ଦରକାରୀ ଖଣିଜ ଲବଣ, ଉପଯୁକ୍ତ ପରିମାଣର ଜଳୀୟ ଅଂଶ ଆବଶ୍ୟକ ଅନୁପାତରେ ଭରି ରହିଛି।

ସ୍ତନ୍ୟପାନ ସମୟରେ ଗୋଟିଏ ହାତରେ ଶୁଆଇ ପେଟକୁ ଆଉଜି ଖାଇବାକୁ ଦେବା ଉଚିତ। ଶିଶୁର ମୁଖକୁ ମା'ର ସ୍ତନ ପାଖକୁ ଆଣିବା ଉଚିତ। ସ୍ତନାଗ୍ରକୁ ଶିଶୁ ନିକଟକୁ ନେବା ଦରକାର ନାହିଁ। ଗୋଟିଏ ପଟ ସ୍ତନରୁ ଖାଦ୍ୟ ଥରକରେ ଦେବା ଭଲ। ଶିଶୁଟି ଉଠିଲା ପରେ ଅନ୍ୟ ସ୍ତନରୁ ପିଆଇବା ଉଚିତ। ସ୍ତନ୍ୟପାନ ଅତି କମ୍‌ରେ ଦିନକୁ ୮ଥର କରାଇବା ଉଚିତ। ମା' ଶିଶୁକୁ ଭୋକ ହେବାର ଲକ୍ଷଣ ଜାଣି ତାକୁ ଖୁଆଇବା ଉଚିତ। ପ୍ରସୂତି ମା'ର ଖାଦ୍ୟକୁ ବୟସ୍କା ସ୍ତ୍ରୀମାନେ ପ୍ରତିବନ୍ଧକ ଲଗାଇଥାନ୍ତି ଯେପରି, ପ୍ରସୂତି ଆମ୍ବ, ପଣସ, ଶାଗ, ମାଛ, ମାଂସ, ପୋଇଶାଗ, ପିଠା ଖାଇବା ମନା ଓ ଅଳ୍ପ ତେଲଯୁକ୍ତ ସନ୍ତୁଳା ଖାଦ୍ୟ ଦେଇଥାନ୍ତି। ଏହା ଫଳରେ ମା'ର ସ୍ୱାସ୍ଥ୍ୟହାନି ହୋଇଥାଏ। କ୍ଷୀର କମିଯାଇଥାଏ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିଥାଏ। ଏହି ଭୁଲ୍ ଧାରଣା ଆଦୌ ଗ୍ରହଣୀୟ ନୁହେଁ। ମା' ସମସ୍ତ ଖାଦ୍ୟ ଖାଇବା ଉଚିତ। ଦିନକୁ ୨ ଲିଟରରୁ ଅଧିକ ପାଣି ପିଇବା ଆବଶ୍ୟକ।

ଜନ୍ମ ପରେ ପ୍ରଥମ ୨/୩ ମାସ ପର୍ଯ୍ୟନ୍ତ ୭–୮ଥର ପତଳା ଝାଡ଼ା ହୋଇଥାଏ। ଯାହାକି ରୋଗ ନୁହେଁ ଏଥିପାଇଁ ମା'ର ଖାଦ୍ୟ ବନ୍ଦ କରିବା ଅନୁଚିତ। ଶିଶୁର ପରିପକ୍ୱ ଯନ୍ତ୍ର ଅନ୍ୟ ଖାଦ୍ୟ ଖାଇ ହଜମକରି ଶରୀରକୁ ସକ୍ଷମ ହୋଇ ନ ଥାଏ। ତେଣୁ ୬ ମାସ ପରେ ବହଳ ଖାଦ୍ୟ ଯେପରି ଛତୁଆ, ସୁଜି ହାଲୁଆ, ଖେଚୁଡ଼ି, ଜନ୍ତା ରୁଟି ଖାଇପାରେ।

**ରୋଗ ପ୍ରତିରୋଧକ:** ପ୍ରଥମ ଦିନରେ ବାହାରୁଥିବା କଷକ୍ଷୀରରେ ଅଧିକ ରୋଗ ପ୍ରତିରୋଧକ ଶକ୍ତି , ଜୀବାଣୁକୁ ନଷ୍ଟକରୁଥିବା ରସାୟନ, ଜୀବନ ରକ୍ଷାକାରୀ ଜୀବାଣୁ, ଲାକ୍ଟୋ ବାସିଲ୍‌ସ ବାଇଫିଡ୍, ଲାକ୍ଟୋ ବାସିଲ୍‌ସ ରୁଟେରୀ ବିଫିଡୋବ୍ୟାକ୍ଟେରିଅମ୍ ରହିଛି। ଏଥିରେ ଥିବା ଗ୍ରୋଥ୍ ଫ୍ୟାକ୍ଟର ଶିଶୁର ଶରୀର ବୃଦ୍ଧିରେ ସହାୟକ ହୁଏ। ଏଥିରେ ଥିବା ଜିଙ୍କ୍, କପର, ମ୍ୟାଗ୍ନେସିୟମ ଦୃଷ୍ଟିଶକ୍ତି ଓ ଅସ୍ଥି ମଜଭୁତ ରଖିବାରେ ସହାୟକ ହୋଇଥାଏ। ତେଣୁ ଅନିଷ୍ଟକାରୀ ଜୀବାଣୁଠାରୁ ଶିଶୁକୁ ସୁରକ୍ଷା ଦେଇଥାଏ।

– କମ୍ ବୟସର ଶିଶୁମାନଙ୍କଠାରେ ତରଳ ଝାଡ଼ା, ଶ୍ୱାସରୋଗ, କ୍ୟାନ୍‌ସର, କାନପଚା ରୋଗ ହୁଏ ନାହିଁ, ଯାହାକି ଶିଶୁ ମୃତ୍ୟୁ ହ୍ରାସ କରିଥାଏ। ଅପରିପକ୍ୱ ଶିଶୁଙ୍କଠାରେ ଦେଖା ଯାଉଥିବା ଏକ ସାଙ୍ଘାତିକ ରୋଗ ନେକ୍ରୋଟାଇଜିଂ ଏଣ୍ଟେରୋକୋଲାଇଟିସ୍ ହୋଇ ନ ଥାଏ।

**ମସ୍ତିଷ୍କ ବୃଦ୍ଧି ଓ ମେଧାଶକ୍ତି ବୃଦ୍ଧି:** ମାତୃସ୍ତନରେ ଥିବା ଡିଏଚ୍ଏ (DHA) ଓ ଏଚ୍ଏମ୍ଓ(HMO) ଶିଶୁର ଧୀଶକ୍ତି, ମେଧାଶକ୍ତି ବୃଦ୍ଧିରେ ସାହାଯ୍ୟକରେ, ଯାହାକି ଶିଶୁର ବୟସ ଅନୁପାତରେ ବିକାଶ କରାଇଥାଏ।

**ଭବିଷ୍ୟତ:** ମା'କ୍ଷୀର ଖାଇଲେ ଶିଶୁ ଠାରେ ଭବିଷ୍ୟତରେ ପୃଥୁଳତା, ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ରୋଗ, ହୃଦ୍‌ରୋଗ, ମାନସିକ ରୋଗ ଆଦି ଦେଖାଯାଏ ନାହିଁ। ଶିଶୁର ସ୍ନେହରେ ମା' ବାନ୍ଧି ହୋଇଥାଏ। ସେହି ଅତୁଟ ବନ୍ଧନ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମଧ ରହିଥାଏ।

**ମା' ସ୍ୱାସ୍ଥ୍ୟର ଉପକାର:** ସୁନ୍ଦର ସ୍ୱାସ୍ଥ୍ୟ, ମଧୁମେହ ଟାଇପ୍– ୨, ଅଷ୍ଟିଓପୋରୋସିସ୍, ଡିପ୍ରେଶନ୍, ବ୍ଲଡ୍ ପ୍ରେସର ରୋଗରୁ ରକ୍ଷା ମିଳିଥାଏ।

ବର୍ତ୍ତମାନ ଶିକ୍ଷିତା, କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସ୍ତନ୍ୟପାନର ସୁବିଧା ପାଇଁ ୬ମାସ ପର୍ଯ୍ୟନ୍ତ ସରକାରୀ ଛୁଟି ପ୍ରଦାନ କରାଯାଉଛି। ଅଫିସ୍ ଓ ଏରୋଡ୍ରମ୍, ବସ୍‌ଷ୍ଟାଣ୍ଡ ଆଦିରେ ସ୍ତନ୍ୟପାନ ପାଇଁ କୋଠରି ନିର୍ମିତ ହୋଇଛି। ଏହା ବ୍ୟତୀତ ସ୍ତନ୍ୟପାନ କରାଉଥିବା ମହିଳା ନିଜର କ୍ଷୀର ବାହାରକରି ଫ୍ରିଜ୍ ମଧ୍ୟରେ ରଖିପାରିବେ ଓ ଆବଶ୍ୟକ ସ୍ଥଳେ ବାହାରକରି ନର୍ମାଲ ରୁମ୍ ଟେମ୍ପରେଚରକୁ ଆସିବା ପରେ ଶିଶୁକୁ ପିଆଇପାରିବେ। କେବଳ ମାତୃ ସ୍ତନ୍ୟ ୬ମାସ ପର୍ଯ୍ୟନ୍ତ ପିଉଥିବା ଶିଶୁ ପରବର୍ତ୍ତୀ ସମୟରେ ୨ ବର୍ଷ ପର୍ଯ୍ୟନ୍ତ ଅନ୍ୟ ଖାଦ୍ୟ ସହ ମାତୃ ସ୍ତନ୍ୟ ପିଉଥିବା ଶିଶୁ ମୃତ୍ୟୁଞ୍ଜୟୀ ଓ ଭବିଷ୍ୟତରେ ସୁସ୍ଥ ସବଳ ହୋଇଥାନ୍ତି।

*–ଶିଶୁରୋଗ ବିଶେଷଜ୍ଞ, ନ୍ୟାଶନାଲ ହେଲ୍‌ଥ ମିଶନ, ଭୁବନେଶ୍ୱର*



# ଗାବାଠାରୁ ବଡ଼ ବିଜୟ



ଇଂଲଣ୍ଡ ବିପକ୍ଷରେ ଅନ୍ତିମ ଟେଷ୍ଟ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟରେ ରୋମାଞ୍ଚକ ବିଜୟ ପରେ ଭାରତୀୟ ଦଳକୁ କ୍ରିକେଟ୍ ଜଗତରେ ଖୁବ୍ ପ୍ରଶଂସା କରାଯାଉଛି। ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକରଙ୍କ ଭଳି ଅନେକ ପୂର୍ବତନ ଓ ବର୍ତ୍ତମାନ କ୍ରିକେଟର ସୋସିଆଲ ମିଡିଆ ଜରିଆରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ ଦଳର ବିଜୟ ପରେ ସେମାନଙ୍କ ପ୍ରତିକ୍ରିୟା ରଖିଛନ୍ତି।**

ଏହି ବିଜୟ ଗାବାଠାରୁ ବଡ଼।

-ସୁନୀଲ ଗାଭାସ୍କର, ମହାନ ବ୍ୟାଟର

ରୋମାଞ୍ଚିତ କଲା ଭଳି ଟେଷ୍ଟ ମ୍ୟାଚ୍। ସିରିଜ୍ ୨-୨ ଓ ପ୍ରଦର୍ଶନ ୧୦/୧୦। ସୁପରମ୍ୟାନ ଭାରତ। ଜବରଦସ୍ତ ବିଜୟ।

- ସଚିନ ତେନ୍ଦୁଲକର, କ୍ରିକେଟ୍ ଆଇକନ

ଜାଡେଜା, ୱାଶିଂଟନ, ପନ୍ତ ପୂରା ସିରିଜ୍‌ରେ ଅସାଧାରଣ ପ୍ରଦର୍ଶନ କରିଥିଲେ। ଯୁବ ଦଳର ଏଭଳି ସ୍ଥିର ପ୍ରଦର୍ଶନ ପ୍ରଶଂସନୀୟ।

- ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ ଓ ବିସିସିଆଇ ସଭାପତି

ସିରିଜ୍ ଡ୍ର' ହେଲା। ହେଲେ ବାଉଣ୍ଡ୍ରୀ ଗଣନା ନିୟମରେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଜିତିଲା।

-ୱାସିମ ଜାଫର, ପୂର୍ବତନ ଓପନର

ଭାରତୀୟ ଦଳ ଖୁବ ଭଲ ଖେଳିଲା। ଚମତ୍କାର ସିରିଜ୍। ଉଭୟ ଦଳ ସହ ଜଡ଼ିତ ପ୍ରତ୍ୟେକଙ୍କୁ ୱେଲଡନ। ସିରାଜ ଓ ପ୍ରସିଦ୍ଧ ଅନ୍ତିମ ଦିନରେ ଜବରଦସ୍ତ ପ୍ରଦର୍ଶନ କଲେ। ଚମତ୍କାର ସିରିଜ୍ ଲାଗି ଗିଲ୍‌ଙ୍କୁ ଅଭିନନ୍ଦନ।

-ଅନିଲ କୁମ୍ବଲେ, ପୂର୍ବତନ ଅଧିନାୟକ

ଜବରଦସ୍ତ ପ୍ରଦର୍ଶନ। ଏହି ଦଳର ଲଢ଼େଇ ଓ ଦୃଢ଼ ଭାବେ ଶେଷ କରିବା ଦେଖି ମୁଁ ଖୁବ ଆନନ୍ଦିତ।

-ସୂର୍ଯ୍ୟକୁମାର ଯାଦବ, ଭାରତୀୟ ଟି୨୦ ଦଳର ଅଧିନାୟକ

ଟେଷ୍ଟ କ୍ରିକେଟ୍‌କୁ ଏହାଠାରୁ ଭଲ ସିରିଜ୍ ମିଳିବ ନାହିଁ। ମ୍ୟାଚ୍‌ରେ ରୋମାଞ୍ଚକ ଅନ୍ତ, ଚାପପୂର୍ଣ୍ଣ ମୁହୂର୍ତ୍ତ ଓ ଖେଳାଳିଙ୍କ ଚରିତ୍ର ଦେଖିବାକୁ ମିଳିଲା। ୱେଲ ଡନ ବିସିସିଆଇ।

-ଅଜିଙ୍କ୍ୟ ରାହାନେ, ଭେଟେରାନ କ୍ରିକେଟର

## ରୋନାଲ୍ଡୋଙ୍କ ୱାଲପେପର ଉତ୍ସାହିତ କରିଥିଲା: ସିରାଜ

ଲଣ୍ଡନ,୪।୮(ପି.ଟି.)

ଭାରତୀୟ ଦଳକୁ ଯେକୌଣସି ମୁହୂର୍ତ୍ତରେ ମ୍ୟାଚ୍ ଜିତାଇ ପାରିବେ ବୋଲି ପେସର ମହମ୍ମଦ ସିରାଜ ସର୍ବଦା ବିଶ୍ୱାସ ରଖିଥିଲେ। ପୂରା ସିରିଜ୍‌ରେ ସିରାଜ ୧୮୫.୩ ଓଭର ବୋଲିଂ କରି ୨୩ ଉଇକେଟ ନେଇଥିଲେ। 'ମୁଁ ସକାଳେ ଉଠିବା ପରେ ଗୁଗଲ କରି ରୋନାଲ୍ଡୋଙ୍କ 'ବିଲିଭ' ୱାଲପେପର ଫୋନରେ ସେଟ୍ କରିଥିଲି। ନିଜକୁ କହିଥିଲେ ଯେ, ମୁଁ ମୋ ଦେଶ ପାଇଁ ଏହା କରିବି। ମୁଁ ସର୍ବଦା ବିଶ୍ୱାସ କରୁଥିଲେ ଯେ, ମୁଁ ଯେକୌଣସି ମୁହୂର୍ତ୍ତରେ ଦଳକୁ ଜିତାଇପାରିବି। ଭଲ ଅଞ୍ଚଳରେ ବୋଲିଂ କରିବା ମୋର ଏକମାତ୍ର ଯୋଜନା ଥିଲା। ଉଇକେଟ ମିଳୁ କିମ୍ବା ରନ୍ ଯାଉ, ତାହା ମାନେ ରଖେ ନାହିଁ ବୋଲି ସିରାଜ ମ୍ୟାଚ୍ ଶେଷ ହେବା ପରେ କହିଛନ୍ତି। ମ୍ୟାଚ୍‌ର ଚତୁର୍ଥ ଦିନରେ ବାଉଣ୍ଡ୍ରୀ ଲାଇନ୍‌ରେ ଫିଲ୍ଡିଂ କଲା ବେଳେ ହ୍ୟାରୀ ବ୍ରୁକଙ୍କ ଏକ ଶଟ୍‌କୁ ସିରାଜ୍ କ୍ୟାଚ୍ କରିଥିଲେ। ହେଲେ କ୍ୟାଚ୍ ନେବା ପ୍ରକ୍ରିୟାରେ ସେ ବାଉଣ୍ଡ୍ରୀ ଲାଇନ ମାଡ଼ିଯାଇଥିଲେ। ଏ ଘଟଣା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ମୁଁ କ୍ୟାଚ୍ ଧରିଲା ବେଳେ ବାଉଣ୍ଡ୍ରୀ ଲାଇନ୍ ଛୁଇଁଦେବି କଦାପି ଚିନ୍ତା କରିନଥିଲି। ତାହା ମ୍ୟାଚ୍ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଟର୍ଣ୍ଣିଂ ପଏଣ୍ଟ ଥିଲା। ସେହି ଛକା ପରେ ବ୍ରୁକ୍ ଟି୨୦ ଷ୍ଟାଇଲରେ ବ୍ୟାଟିଂ କରିଥିଲେ। ଆମେ ମ୍ୟାଚ୍‌ରେ ପଛରେ ପଡ଼ିଯାଇଥିଲୁ। କିନ୍ତୁ ମ୍ୟାଚ୍ ଜିତିଥିବାରୁ ଭଗବାନଙ୍କ ଧନ୍ୟବାଦ। ମୁଁ ନିଜ ବୋଲିଂ ଉପରେ ଖୁବ କଠିନ ପରିଶ୍ରମ କରିଛି ବୋଲି ସିରାଜ କହିଛନ୍ତି।



ରୋଥ୍‌ସେ ଓ ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜ୍ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ।

## ରେକର୍ଡ୍ସ

– ସିରିଜ୍‌ରେ ଦୁଇ ଦଳ ଦ୍ୱାରା ସର୍ବମୋଟ ୭,୧୮୭ ରନ୍ କରାଯାଇଥିଲା, ଯାହାକି ଟେଷ୍ଟ କ୍ରିକେଟ୍ ଇତିହାସରେ ମିଳିତ ଦ୍ୱିତୀୟ ସର୍ବାଧିକ।

– ସିରିଜ୍‌ରେ ଦୁଇ ଦଳ ମୋଟ ଉପରେ ୧୪ ଥର ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ସିରିଜ୍‌ରେ ଦୁଇ ଦଳର ୯ ଜଣ ବ୍ୟାଟର ୪୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ, ଯାହାକି ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ।

– ଦୁଇ ଦଳର ବ୍ୟାଟରମାନେ ମୋଟ ଉପରେ ୫୦ଟି ଅର୍ଦ୍ଧଶତକ ହାସଲ କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ଦୁଇ ଦଳର ବ୍ୟାଟରମାନେ ମୋଟ ଉପରେ ୨୧ଟି ଶତକ ହାସଲ କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ଦୁଇ ଦଳର ବ୍ୟାଟରଙ୍କ ମଧ୍ୟରେ ୧୯ ଥର ଶତକୀୟ ଭାଗୀଦାରି ହୋଇଥିଲା, ଯାହାକି ମିଳିତ ସର୍ବାଧିକ।

– ବିଦେଶରେ ଖେଳାଯାଇଥିବା ୫ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଏହା ଭାରତର ପ୍ରଥମ ବିଜୟ। ଏଥିପୂର୍ବରୁ ଭାରତ ବିଦେଶରେ ୧୭ଟି ଅତିକମ୍‌ରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିଥିଲା। ଏଥିରୁ ୧୦ ଥର ପରାଜିତ ହୋଇଥିବା ବେଳେ ୭ ଥର ମ୍ୟାଚ୍‌କୁ ଭାରତ ଡ୍ର' ରଖିଥିଲା। ଭାରତରେ ଏହି ରେକର୍ଡ ୭–୪ ରହିଛି।

– ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିବାରେ ଇଂଲଣ୍ଡ ଲଗାତର ଚତୁର୍ଥ ଥର ପାଇଁ ବିଫଳ ହୋଇଛି। ଭାରତ ବିପକ୍ଷରେ ଇଂଲଣ୍ଡ ଅନ୍ତିମ ଥର ୨୦୧୮ରେ ଘରୋଇ ମାଟିରେ ଟେଷ୍ଟ ସିରିଜ୍ ଜିତିଥିଲା।

– ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟକୁ ଭାରତ ୬ ରନରେ ଜିତିଛି, ଯାହାକି ଭାରତୀୟ ଦଳ ପାଇଁ ସବୁଠୁ କମ୍ ରନ ବ୍ୟବଧାନରେ ମିଳିଥିବା ଟେଷ୍ଟ ବିଜୟ। ଏଥିପୂର୍ବରୁ ୨୦୦୪ରେ ଭାରତ ୧୩ ରନରେ ଅଷ୍ଟ୍ରେଲିଆ ବିପକ୍ଷ ମୁମ୍ବାଇ ଟେଷ୍ଟ ଜିତିଥିଲା।

– ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଦ୍ୱିତୀୟ ଭାରତୀୟ ଯୋଡ଼ି ଭାବେ ଏକ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଅତିକମ୍‌ରେ ୪ ଉଇକେଟ ନେଇଥିଲେ। ଏଥିପୂର୍ବରୁ ବିଶେନ ସିଂ ବେଦୀ ଓ ଏରାପଲି ପ୍ରସନ୍ନା ୧୯୬୯ରେ ଅଷ୍ଟ୍ରେଲିଆ ବିପକ୍ଷ ଦିଲ୍ଲୀ ଟେଷ୍ଟରେ ଏହି ସଫଳତା ପାଇଥିଲେ।

– ଜୋ ରୁଟ୍ ଓ ହ୍ୟାରୀ ବ୍ରୁକଙ୍କ ମଧ୍ୟରେ ୧୯୫ ରନର ପାର୍ଟନରଶିପ ହୋଇଥିଲା, ଯାହାକି ପରାଜୟ କ୍ଷେତ୍ରରେ ଚତୁର୍ଥ ଇନିଂସରେ ଦ୍ୱିତୀୟ ସର୍ବାଧିକ। ଏହି କ୍ଷେତ୍ରରେ ସର୍ବାଧିକ ହେଉଛି ୨୦୪, ଯାହାକି ଲୋକେଶ ରାହୁଲ ଓ ରିଷଭ ପନ୍ତ ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲଠାରେ ହାସଲ କରିଥିଲେ। ପରାଜୟ କ୍ଷେତ୍ରରେ ରୁଟ୍ ଓ ବ୍ରୁକ ଏକ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ସପ୍ତମ ଯୋଡ଼ି ଭାବେ ଶତକ ହାସଲ କରିଥିଲେ।

## ସ୍ୱିଟେକ୍‌ଙ୍କୁ ହରାଇଲେ ଟସନ

ମଣ୍ଟ୍ରିଲ, ୪।୮ (ଏପି)

ଡେନମାର୍କର କ୍ଲାରା ଟସନ ନ୍ୟାଶନାଲ ବ୍ୟାଙ୍କ ଓପନ ଟେନିସ ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍ ତଥା ୱିମ୍ବଲଡନ ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭–୬ (୧), ୬–୩ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏଥିସହିତ ସେ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୬ତମ ସିଡ୍ ତଥା ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଟସନ ତାଙ୍କର ଏହି ବିଜୟ ଦ୍ୱାରା ୱିମ୍ବଲଡନରେ ସ୍ୱିଟେକଙ୍କଠାରୁ ପରାଜୟର ପ୍ରତିଶୋଧ ନେଇଛନ୍ତି। ମଙ୍ଗଳବାର ସେ ଅଷ୍ଟ୍ରେଲିଆନ ଓପନ ବିଜେତା ଆମେରିକାର ମାଡିସନ କିଜ୍‌ଙ୍କ ସହ ମୁକାବିଲା କରିବେ। ଟସନ ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ଏକମାତ୍ର ଟୁର୍ ଟାଇଟଲ ଜାନୁଆରୀରେ ନ୍ୟୁଜିଲାଣ୍ଡରେ ଜିତିଛନ୍ତି। ସେ ପ୍ରତିଯୋଗିତାର ଫାଇନାଲରେ ଜାପାନର ନାଓମି ଓସାକାଙ୍କୁ ହରାଇ ଦେଇଥିଲେ। ମାଡିସନ କିଜ୍ ୧୧ଶ ସିଡ୍ କାରୋଲିନା ମୁଚୋଭାଙ୍କୁ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ।

## ଏଆଇଏଫ୍‌ଏଫ୍-ଆଇଏସ୍‌ଏଲ ସିଇଓ ବୈଠକ ୭ରେ

ନୂଆଦିଲ୍ଲୀ, ୪।୮ (ପି.ଟି.)

ଏଥର ଦେଶର ପ୍ରମୁଖ ଫୁଟ୍‌ବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେବା ପରେ ସମସ୍ୟାର ସମାଧାନ ପନ୍ଥା ବାହର କରିବା ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବଂ ୮ଟି ଆଇଏସ୍‌ଏଲ କ୍ଲବର ସିଇଓଙ୍କ ମଧ୍ୟରେ ଏକ ବୈଠକ ଅଗଷ୍ଟ ୭ ବସିବ। ଜାତୀୟ ମହାସଂଘ ସହ ଲିଗ୍‌ର ଆୟୋଜକ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ମଧ୍ୟରେ ହୋଇଥିବା ମାଷ୍ଟର୍ସ ରାଇଟ୍ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ)ରେ ସ୍ପଷ୍ଟତା ନ ଥିବାରୁ ଏହି ଅନିଶ୍ଚିତତା ସୃଷ୍ଟି ହୋଇଛି। ଜାତୀୟ ମହାସଂଘର ମାର୍କେଟିଂ ପାର୍ଟନର ଏଫ୍‌ଏସ୍‌ଡିଏଲ୍ ଓ ଏଆଇଏଫ୍‌ଏଫ୍ ମଧ୍ୟରେ ହୋଇଥିବା ଏମ୍‌ଆର୍‌ଏର ମିଆଦ ଡିସେମ୍ବର ୮ରେ ଶେଷ ହେଉଛି। ପୂର୍ବରୁ ୮ଟି ଆଇଏସ୍‌ଏଲ୍ କ୍ଲବ ଏଆଇଏଫ୍‌ଏଫ୍‌କୁ ଏକ ଚିଠି ଲେଖିଥିଲେ। ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ସହିତ ସେମାନଙ୍କର ଉପଯୁକ୍ତ ଆଲୋଚନା ହୋଇଥିବାରୁ ପ୍ରଫେସନାଲ ଫୁଟ୍‌ବଲ ପାଇଁ ଆବଶ୍ୟକତା ଦୃଷ୍ଟିରୁ ସେମାନେ ସେମାନଙ୍କ ଗେମ୍ ପ୍ଲାନ ପ୍ରସ୍ତୁତ କରିପାରୁ ନାହାନ୍ତି। ଏକ ଗଠନମୂଳକ ଆଲୋଚନା ପାଇଁ ସେମାନେ ଏଥିରେ ନିବେଦନ କରିଥିଲେ। ଚିଠିରେ ବେଙ୍ଗାଲୁରୁ ଏଫ୍‌ସି, ଜାମସେଦପୁର ଏଫ୍‌ସି, ଏଫ୍‌ସି ଗୋଆ, ହାଇଦ୍ରାବାଦ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି, ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ଆଦି ସ୍ୱାକ୍ଷର କରିଛନ୍ତି। କୋଲକାତାର ତିନୋଟି କ୍ଲବ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ମହମ୍ମଡ଼ାନ ସ୍ପୋର୍ଟିଂ ସମେତ ମୁମ୍ବାଇ ସିଟି ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସିର ଦସ୍ତଖତ ଏହି ଚିଠିରେ ସ୍ଥାନ ପାଇନାହିଁ। ଏହି ସିଜନରେ ଆଇଏସ୍‌ଏଲ ହେବ ବୋଲି ଗତ ମାସରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେଶର ଏହି ପ୍ରମୁଖ ଫୁଟ୍‌ବଲ ପ୍ରତିଯୋଗିତା କେବେ ହେବ ସେ ସମ୍ପର୍କରେ ସ୍ପଷ୍ଟ କରି ନ ଥିଲେ। ଲିଗ୍ ଯଦି ନ ହୁଏ ତେବେ ଏହା କେବଳ ଫୁଟ୍‌ବଲରମାନଙ୍କୁ ନୁହେଁ ଏହା ସହିତ ସମ୍ପୃକ୍ତ ଲୋକମାନେ ପ୍ରଭାବିତ ହେବେ। ଲିଗ୍ ଯେପରି ଜାରି ରୁହେ ସେ କ୍ଷେତ୍ରରେ ଯଥାସମ୍ଭବ ଉଦ୍ୟମ ହେବ ବୋଲି ସେ କହିଥିଲେ। ଆଇଏସ୍‌ଏଲ୍ ଅୟୋଜକ ଏଫ୍‌ଏସ୍‌ଡିଏଲ୍ ଜୁଲାଇ ୧୧ରେ ଘୋଷଣା କରିଥିଲା ଯେ, ୨୦୧୦ରେ ଏଆଇଏଫ୍‌ଏଫ୍ ସହିତ ହୋଇଥିବା ଏମ୍‌ଆରଏ ଚୁକ୍ତି ନବୀକରଣ କରାଯାଇ ନ ଥିବାରୁ ୨୦୨୫–୨୬ ସିଜନକୁ ଅଟକ ରଖାଯାଇଛି। ଆଇଏସଏଲ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଖେଳାଯାଇଥାଏ।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ହକି ଦଳ ଘୋଷିତ

ନୂଆଦିଲ୍ଲୀ, ୪।୮ (ପି.ଟି.)

**ଓଡ଼ିଶାର ୩ ଖେଳାଳି ସାମିଲ**

ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଭାରତୀୟ ହକି ଦଳ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ସିରିଜ ପାଇଁ ସୋମବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ ଓ ଶୀଳାନନ୍ଦ ଲାକ୍ରା। ତାରକା ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଦଳର ନେତୃତ୍ୱ ନେଉଥିବାବେଳେ ଯୁବ ଡିଫେଣ୍ଡର ପିଭନ୍ନା ସି.ବି.ଙ୍କୁ ସ୍ଥାନ ମିଳିଛି। ଚଳିତ ମାସ ୧୫ରେ ପର୍ଥଠାରେ ପ୍ରଥମ ମ୍ୟାଚ ଖେଳାଯିବ। ଅଗଷ୍ଟ ୨୯ରୁ ରାଜଗିରଠାରେ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏହା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ। ତେଣୁ ଆଷ୍ଟ୍ରେଲିଆ ଗସ୍ତରେ ଭାରତ ଭଲ ଅଭ୍ୟାସ ସୁଯୋଗ ପାଇବ। ''ବିହାରରେ ହେବାକୁଥିବା ଏସିଆ କପ୍ ପୂର୍ବରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ଦେବାକୁ ଆମେ ଅଷ୍ଟ୍ରେଲିଆ ଗସ୍ତ କରୁଛୁ। କ୍ୱାଲିଟି ଟ୍ରେନିଂ ଓ ୱାର୍ମଅପ୍ ମ୍ୟାଚ ଖେଳି ଫିଜିକାଲ କଣ୍ଡିଶନିଂ ସହ ବୈଷୟିକ ଦୃଷ୍ଟି କୋଣରୁ ଅଧିକ ଦୃଢ଼ ହେବା ଉପରେ ମୁଖ୍ୟତଃ ଫୋକସ ରହିବ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି। ଉପଯୋଗୀ ଏକ୍ସପୋଜର ଏବଂ ଚାପ ସ୍ଥିତିରେ ସନ୍ତୁଳନକୁ ସଜାଡ଼ିବା ପାଇଁ ଆମେ କେତେଜଣ ଯୁବ ଖେଳାଳିଙ୍କୁ ଦଳରେ ନେଇଛୁ। କ୍ୟାମ୍ପରେ ସମସ୍ତେ କଠିନ ପରିଶ୍ରମ କରି ଆଗାମୀ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଛନ୍ତି ବୋଲି ଫୁଲଟନ କହିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା।

ଡିଫେଣ୍ଡର୍ସ: ସୁମିତ, ଜରମନପ୍ରୀତ ସିଂ, ହରମନପ୍ରୀତ ସିଂ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ୍, ଯୁଗରାଜ ସିଂ, ପୁଭନ୍ନା ସି.ବି.।

ମିଡ୍‌ଫିଲ୍ଡର୍ସ: ରାଜିନ୍ଦର ସିଂ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ବିଷ୍ଣୁ କାନ୍ତ ସିଂ।

ଫରୱାର୍ଡ: ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂ, ଦିଲପ୍ରୀତ ସିଂ, ସେଲଭାବ କାର୍ଥି, ଆଦିତ୍ୟ ଲାଲାଗେ।



ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ହକି ଦଳ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ